
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୦ ଡିସେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 20 DECEMBER 2021
Vol.No. 32 ■ No. 325 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ଅପେକ୍ଷାରେ....
ନୂଆବର୍ଷ ସଂଖ୍ୟା
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଓମିକ୍ରନ : ଲକଡାଉନ ଘୋଷଣା କଲା ନେଦରଲାଣ୍ଡ

## ପ୍ରତି ଦେଢ଼ରୁ ତିନି ଦିନରେ ଦୁଇ ଗୁଣ ହେଉଛି ସଂକ୍ରମଣ, ଭାରତରେ ସଂଖ୍ୟା ବଢୁଛି



ନୂଆଦିଲ୍ଲୀ,୧୯/୧୨: ବିଦେଶରେ ନିଆଁ ଭଳି ବ୍ୟାପୁଛି ଓମିକ୍ରନ୍ । ପ୍ରତିଦିନ ହଜାରେ ହଜାର ସଂଖ୍ୟାରେ ଚିହ୍ନଟ ହେଉଛନ୍ତି ଆକ୍ରାନ୍ତ । ଫଳରେ ଲକଡାଉନ ଭଳି କଟକଣା ଫେରିବାର ଆଶଙ୍କା ବଢ଼ିଛି । ନେଦରଲ୍ୟାଣ୍ଡରେ ତାଲାବନ୍ଦ ହୋଇଥିବା ବେଳେ ଆଗକୁ ଆହୁରି କଟକଣା କଡ଼ାକଡ଼ି କରାଯାଇପାରେ ବୋଲି ଅନୁମାନ କରାଯାଉଛି । କାରଣ ପ୍ରତି ଦେଢ଼ରୁ ତିନି ଦିନରେ ଦୁଇ ଗୁଣ ହେଉଛି ସଂକ୍ରମଣ । ଏପଟେ ଦେଶରେ ଯଦିଓ ଓମିକ୍ରନ ସଂକ୍ରମିତଙ୍କ ସଂଖ୍ୟା ଧୀରେ ଧୀରେ ବଢୁଛି, ହେଲେ ଏବେ ବି ଅଧିକାଂଶ ଆକ୍ରାନ୍ତ ଡେଲଟା ଦ୍ୱାରା ସଂକ୍ରମିତ ହେଉଥିବା କହିଛନ୍ତି ଆଇସିଏମଆରର ଅତିରିକ୍ତ ମହାନିର୍ଦ୍ଦେଶକ ସମୀରନ ପଣ୍ଡା । ଦେଶରେ ଧୀରେ ଧୀରେ ଓମିକ୍ରନ କାୟା ବଢ଼ାଉଥିବା ବେଳେ ଏବେ ବି କରୋନାର ଡେଲଟା ପ୍ରଜାତି ପ୍ରଭାବଶାଳୀ ହୋଇ ରହିଛି । ଭାରତୀୟ ମେଡିକାଲ ଗବେଷଣା ପରିଷଦ ତଥା ଆଇସିଏମଆରର ମହାମାରୀ ବିଭାଗ ମୁଖ୍ୟ ଡାକ୍ତର ସମୀରନ୍ ପଣ୍ଡା କହିଛନ୍ତି, ଦେଶର ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି, ହେଲେ ଏବେ ବି ଡେଲ୍ଟା ଭୂତାଣୁ ରହିଛି ଅଧିକ ପ୍ରଭାବଶାଳୀ, ଓମିକ୍ରନ ସଂଖ୍ୟା ବଢ଼ିଲେ ବି ହସ୍ପିଟାଲରେ ପୂର୍ବ ଭଳି ଚାପ ପଡିନପାରେ, ଅଧିକାଂଶ ଓମିକ୍ରନ ଆକ୍ରାନ୍ତ ବିଦେଶରୁ ଫେରିଛନ୍ତି, କରୋନା ନିୟମ ନମାନିଲେ ସ୍ଥିତି ବିଗିଡ଼ିପାରେ, ଓମିକ୍ରନ ଯେପରି ଗୋଷ୍ଠୀ ସଂକ୍ରମଣ ନକରେ, ଦୃଷ୍ଟି ଦେବାକୁ ପରାମର୍ଶ, ଜିଲ୍ଲାସ୍ତରରେ ପ୍ରସ୍ତୁତ ରହିବାକୁ ପରାମର୍ଶ, ଅନ୍ୟପଟେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କହିଛି, ପ୍ରତି ଦେଢ଼ ଦିନରୁ ତିନି ଦିନ ମଧ୍ୟରେ ଦୁଇ ଗୁଣ ହେଉଛି ସଂକ୍ରମଣ । ବିଟ୍ରେନରେ ଗତ ତିନି ଦିନ ହେଲା ରେକର୍ଡ ଭାଙ୍ଗୁଛି ଦୈନିକ ସଂକ୍ରମଣ । ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ସର୍ବାଧିକ ଓମିକ୍ରନ ଭୂତାଣୁରେ ସଂକ୍ରମିତ ହୋଇଥିବା ସୂଚନା ମିଳିଛି । ହସପିଟାଲରେ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ବିସ୍ଫୋରକ ସ୍ଥିତିକୁ ଦେଖି ପଦାଧିକାରୀଙ୍କ ସହ ଜରୁରୀ ବୈଠକ କରିଛନ୍ତି ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍ସନ୍ । ପୁଣିଥରେ କରୋନା କଟକଣା ଲାଗୁ କରିବାକୁ ପ୍ରସ୍ତୁତ ହେଉଛନ୍ତି ସରକାର । କେବଳ ବ୍ରିଟେନ୍ ନୁହେଁ, ଅନ୍ୟ ଦେଶଗୁଡିକ ମଧ୍ୟ ଓମିକ୍ରନ ସଂକ୍ରମଣକୁ ଦେଖି ଲକଡାଉନ୍ ଭଳି ଶକ୍ତ କଟକଣା ଲଗାଇବାକୁ ପ୍ରସ୍ତୁତ ହେଉଛନ୍ତି । କିଛି ଦେଶରେ ସଂକ୍ରମଣ ରୋକିବାକୁ ବିଭିନ୍ନ କଟକଣା ଲଗାଇବା ଆରମ୍ଭ କରି ଦେଇଛନ୍ତି ।

# ଓମିକ୍ରନ୍ ଚିନ୍ତା : ନିର୍ବାଚନ ରାଲିରେ ସବୁକିଛିର ହେଉଛି ଉଲ୍ଲଂଘନ



ଭୁବନେଶ୍ୱର,୧୯/୧୨(ନି.ପ୍ର): ନିର୍ବାଚନ ରାଲି ବଢ଼ାଇବ କି ଦେଶରେ ଓମିକ୍ରନ ସଂକ୍ରମଣର ସଂଖ୍ୟା । ତୃତୀୟ ଲହର ଆଣିବାରେ ରାଜନୈତିକ ଦଳମାନେ ଏକ ପ୍ରମୁଖ କାରଣ ହୋଇପାରନ୍ତି ବୋଲି କୁହାଯାଉଛି । ଦ୍ୱିତୀୟ ଲହର ବେଳେ ପଶ୍ଚିମବଙ୍ଗର ନିର୍ବାଚନ ସାଂଘାତିକ ସ୍ଥିତି ସୃଷ୍ଟି କରିଥିଲା । ଯେଉଁ ସମୟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବଡ଼ ଧରଣର ରାଲି, ସଭା, ସମାବେଶ ଓ ସମାଗମ ଉପରେ କଟକଣା ଲଗାଇବାକୁ କହୁଛି, ଠିକ୍ ସେତେବେଳେ ଏସବୁ କଥାର ଖୋଲାଖୋଲି ଉଲ୍ଲଂଘନ ହେଉଛି । ଆଗାମୀ ଦିନରେ ଉତ୍ତରପ୍ରଦେଶ ସମେତ ଦେଶର ୫ଟି ରାଜ୍ୟରେ ବିଧାନସଭା ନିର୍ବାଚନ ଓ ଓଡ଼ିଶାରେ ପଞ୍ଚାୟତ ନିର୍ବାଚନ ହେବାକୁ ଯାଉଥିବା ବେଳେ ଏହା ସଂକ୍ରମଣ ବଢ଼ାଇପାରେ ବୋଲି ଆଶଙ୍କା ରହିଛି । ମହାମାରୀ କାଳରେ ନିର୍ବାଚନ । ତୀବ୍ର ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା ଦ୍ୱିତୀୟ ଲହର ଆଣିଲା । ମାରାତ୍ମକ ଡେଲଟା ଭୂତାଣୁ ଦେଶରେ ଆତଙ୍କ ଖେଳାଇଦେଲା । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ବାରଣ ସତ୍ତ୍ୱେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଆୟୋଜିତ ହୋଇଥିଲା ସଭା ଓ ଶୋଭାଯାତ୍ରା । ଆଉ ଯେଉଁଠାରେ ଦେଖିବାକୁ ମିଳିଥିଲା କରୋନା ନିୟମର ଖୋଲାଖୋଲି ଉଲଂଘନ । ଦିଲ୍ଲୀ ସିଂହାସନର ରାସ୍ତା କୁହାଯାଉଥିବା ଉତ୍ତପ୍ରଦେଶର ନିର୍ବାଚନ ପ୍ରଚାର ବେଳର ଦୃଶ୍ୟ । ହଜାର ହଜାର ଲୋକଙ୍କ ସମାଗମ ଆଉ ଏଥିରେ ନେତାଙ୍କ ଶକ୍ତି ପ୍ରଦର୍ଶନ । ଓମିକ୍ରନକୁ ▶▶ପୃଷ୍ଠା ୭

## ଯେକୌଣସି ସମୟରେ ପ୍ରକାଶ ପାଇପାରେ ପଂଚାୟତ ନିର୍ବାଚନ ଲାଗି ବିଜ୍ଞପ୍ତି

ଭୁବନେଶ୍ୱର, ୧୯/୧୨ (ନି.ପ୍ର): ଅବାଧ ଓ ନିରପେକ୍ଷ ପଂଚାୟତ ନିର୍ବାଚନ ଲାଗି ରାଜ୍ୟ ନିର୍ବାଚନ କମିସନଙ୍କ ପକ୍ଷରୁ ଭାରତୀୟ ସମ୍ବିଧାନର ୨୪୩-କେ ନିର୍ବାଚନ ଆଚରଣ ବିଧି ପ୍ରସ୍ତୁତ କରାଯାଇଛି । ଏହା ନିର୍ବାଚନ ତାରିଖ ଘୋଷଣା ହେବା ଦିନଠାରୁ ନିର୍ବାଚନର ଫଳାଫଳ ଘୋଷଣା ହେବା ଯାଏଁ ତାହା କାର୍ଯ୍ୟକାରୀ ହେବ ବୋଲି ନିର୍ବାଚନ କମିସନଙ୍କ ପକ୍ଷରୁ କୁହାଯାଇଛି । ଯ କୌଣସି ସମୟରେ ପଂଚାୟତ ନିର୍ବାଚନ ଲାଗି ବିଜ୍ଞପ୍ତି ପ୍ରକାଶ ପାଇପାରେ । ବିଜ୍ଞପ୍ତି ପରେ ନିର୍ବାଚନ ଆଚରଣ ବିଧି ଲାଗୁ ପାଇଁ ପ୍ରସ୍ତୁତ ରହିବାକୁ ପଂଚାୟତରାଜ ବିଭାଗ, ସମସ୍ତ ଜିଲ୍ଲା ଓ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି କମିସନ । ରାଜ୍ୟ ନିର୍ବାଚନ କମିସନ ଫେବ୍ରୁଆରି ମାସରେ ପଂଚାୟତ ନିର୍ବାଚନ କରିବାକୁ ଯୋଜନା କରିଥିବା ଜଣା ପଡିଛି ।

## ରାଜ୍ୟସଭା ସଦସ୍ୟ ନିଲମ୍ବିତ ପ୍ରସଙ୍ଗ: ନରମିଲା କେନ୍ଦ୍ର

ନୂଆଦିଲ୍ଲୀ, ୧୯/୧୨ : ରାଜ୍ୟ ସଭାରୁ ନିଲମ୍ବିତ ହୋଇଥିବା ସଦସ୍ୟଙ୍କ ବାବଦରେ ଆଲୋଚନା ପାଇଁ ରାଜି ହୋଇଛି କେନ୍ଦ୍ର । ଏଥିପାଇଁ ନିଲମ୍ବିତ ହୋଇଥିବା ସଦସ୍ୟଙ୍କ ଦଳର ନେତାଙ୍କୁ ନିମନ୍ତ୍ରଣ କରିଛି କେନ୍ଦ୍ର । ସମ୍ପୃକ୍ତ ବିରୋଧୀ ଦଳର ନେତାମାନେ ସୋମବାର ଅର୍ଥାତ ଆସନ୍ତାକାଲି ସଂସଦରେ ଉପସ୍ଥିତ ହେବେ । କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ କଂଗ୍ରେସ, ଟିଏମସି, ସିପିଆଇ (ଏମ), ସିପିଆଇ ଏବଂ ଶିବସେନା ନେତାଙ୍କୁ ଏହି ପ୍ରସଙ୍ଗରେ ଚିଠି ଲେଖିଛନ୍ତି । ଉକ୍ତ ଦଳର ସଦସ୍ୟମାନଙ୍କୁ ରାଜ୍ୟ ସଭାରୁ ନିଲମ୍ବିତ କରାଯାଇଛି । ଶିବସେନା ସାଂସଦ ସଞ୍ଜୟ ରାଉତ ପ୍ରହଲ୍ଲାଦ ଯୋଶୀଙ୍କଠାରୁ ଏକ ଫୋନ୍ କଲ ପାଇଥିବା ସ୍ପଷ୍ଟ କରିଛନ୍ତି । ସେ କହିଛନ୍ତି, ପ୍ରହଲ୍ଲାଦ ଯୋଶୀ ମୋତେ ଓ ୪ଟି ରାଜନୈତିକ ଦଳର କଂଗ୍ରେସ, ଟିଏମସି, ▶▶ପୃଷ୍ଠା ୭

# ଅଶାନ୍ତ ହେଉଛି ପଞ୍ଜାବ : ସ୍ୱର୍ଣ୍ଣ ମନ୍ଦିରରେ ଯୁବକଙ୍କୁ ପିଟିପିଟି ହତ୍ୟା



ପଞ୍ଜାବ,୧୯/୧୨: ପଞ୍ଜାବରେ ଧର୍ମୀୟ ଭାବନକୁ ଆଘାତ ପହଞ୍ଚାଇବା ଅଭିଯୋଗରେ ୨୪ ଘଣ୍ଟା ମଧ୍ୟରେ ଦୁଇ ଜଣଙ୍କୁ ହତ୍ୟା ଏବେ ସାରା ଦେଶରେ ହଇଚଇ ସୃଷ୍ଟି କରିଛି । ଅମୃତସରରେ ଗୁରୁଗ୍ରନ୍ଥ ସାହିବକୁ ଛୁଇଁବାକୁ ଚେଷ୍ଟା କରିବା ପରେ ଉତ୍ତରପ୍ରଦେଶର ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି । ଦୁଇ ଦିନ ମଧ୍ୟରେ ତଦନ୍ତ କରି ରିପୋର୍ଟ ଦେବାକୁ ଏସଆଇଟିକୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ସରକାର । ସେପଟେ କପୁରଥାଲାରେ ସମାନ ଢଙ୍ଗରେ ଆଉ ଜଣଙ୍କ ଜୀବନ ଯାଇଛି । ଆଉ ଏସବୁ ଭିତରେ ବିରୋଧୀ ଦଳ ରାଜ୍ୟ ସରକାରଙ୍କୁ ଘେରିଛନ୍ତି । ପଂଜାବରୁ ଆସିଥିବା ଦୃଶ୍ୟ ଏବେ ସାରା ଦେଶରେ ହଇଚଇ ସୃଷ୍ଟି କରିଦେଇଛି । ଶିଖମାନଙ୍କ ପବିତ୍ର ଧର୍ମଗ୍ରନ୍ଥକୁ ଅସମ୍ମାନ କରିବା ଅଭିଯୋଗରେ ଦୁଇ ଦିନରେ ଦୁଇଜଣଙ୍କୁ କରାଯାଇଛି ହତ୍ୟା । ଶନିବାର ସନ୍ଧ୍ୟାରେ ଅମ୍ରିତସରର ସ୍ୱର୍ଣ୍ଣମନ୍ଦିରରେ ଜଣେ ବ୍ୟକ୍ତି ପ୍ରାର୍ଥନାବେଳେ ବାଡ ଡେଇଁ ଗୁରୁଗ୍ରନ୍ଥ ସାହିବ ପାଖରେ କୃପାଣ ଉଠାଇବାକୁ ଚେଷ୍ଟା କରିଥିଲେ । ଏହାପରେ ସେଠାରେ ଉତ୍ତେଜନା ସୃଷ୍ଟି ହୋଇଥିଲା । ଆକ୍ରମଣରେ ଉତ୍ତର ପ୍ରଦେଶର ଜଣେ ଯୁବକଙ୍କ ଜୀବନ ଯାଇଛି । ମାମଲାକୁ ନେଇ ପଂଜାବରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ନିଜେ ମୁଖ୍ୟମନ୍ତ୍ରୀ ଘଟଣାସ୍ଥଳକୁ ଯାଇ ସ୍ଥିତିର ଅନୁଧ୍ୟାନ କରିଛନ୍ତି । ଦୁଇ ଦିନ ମଧ୍ୟରେ ଏହି ମାମଲାର ତଦନ୍ତ କରି ରିପୋର୍ଟ ଦେବାକୁ ଏସଆଇଟିକୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ସରକାର । ତେବେ ▶▶ପୃଷ୍ଠା ୭

## ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୭ ଜଣ ବିଦେଶ ଫେରନ୍ତା କୋଭିଡ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି: ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୧୯/୧୨ (ନି.ପ୍ର): ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୭ ଜଣ ବିଦେଶ ଫେରନ୍ତା କୋଭିଡ ଆକ୍ରାନ୍ତ ଚିହ୍ନଟ ହୋଇ ଥିବା ବେଳେ ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଜିନମ ସିକ୍ୱେନସିଂ କରାଯାଇଥିଲା । ସେମାନେ ଓମିକ୍ରନରେ ପୀଡ଼ିତ ନଥିଲେ । ଅନ୍ୟ ତିନି ଜଣଙ୍କ ନମୂନା ସିକ୍ୱେନସିଂ ପାଇଁ ଯାଇଛି । ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବିଜୟ ମହାପାତ୍ର ଏହି ସୂଚନା ଦେଇଛନ୍ତି । ଡାକ୍ତର ମହାପାତ୍ର କହିଛନ୍ତି ଯେ ବିଭିନ୍ନ ମଡେଲ ଦେଖାଉଥିବା ଭବିଷ୍ୟବାଣୀ ଗୋଟେ ପରିସଂଖ୍ୟାନ ଉପରେ ଆଧାରିତ । ଆଇଆଇଟି ମଡେଲ ଅନୁସାରେ ଯଦି ରୋଗ ପ୍ରତିରୋଧକ ଶକ୍ତି ପର୍ଯ୍ୟାପ୍ତ ପରିମାଣର ନଥାଏ ତେବେ ଦିନକୁ ଦେଢ଼ ଲକ୍ଷ ପର୍ଯ୍ୟନ୍ତ ସଂକ୍ରମିତ ବାହାରିପାରନ୍ତି । ଆମକୁ ଦେଖିବାକୁ ପଡ଼ିବ ସଂକ୍ରମଣ କେତେ ବଢୁଛି ବୋଲି ସେ କହିଛନ୍ତି । ସେ ଆହୁରି କହିଛନ୍ତି ଯେ ସର୍ଭଲାନ୍ସ କରିବା ସବୁଠାରୁ ଭଲ ଉପାୟ । ଓମିକ୍ରନ୍ ପ୍ରଜାତି ଅଧିକ ସଂକ୍ରମକ । କିନ୍ତୁ ଆକ୍ରାନ୍ତ ଅଧିକ ଗୁରୁତର ହେଉନାହାନ୍ତି, ଅକ୍ସିଜେନ ବ୍ୟବହାର ଓ ହସ୍ପିଟାଲରେ ଭର୍ତ୍ତି ହେବା ସଂଖ୍ୟା ବଢୁନି । ତେବେ ତାକୁ ଭାବିକି ପ୍ରସ୍ତୁତ ନ ରହିବା ଠିକ୍ ନୁହେଁ ବୋଲି ସେ କହିଛନ୍ତି ।

# ଏନକାଉଣ୍ଟରରେ ଲସ୍କର ଆତଙ୍କବାଦୀ ନିହତ

ନୂଆଦିଲ୍ଲୀ,୧୯/୧୨: ଶ୍ରୀନଗରରେ ସୁରକ୍ଷାକର୍ମୀଙ୍କୁ ବଡ ସଫଳତା । ଏନକାଉଣ୍ଟରରେ ଲସ୍କର ଆତଙ୍କବାଦୀ । ନିହତ ହର୍‌ୱାନ୍ ଅଞ୍ଚଳରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ସର୍ଚ୍ଚ ଅପରେସନ ଜାରି । ଏ ନେଇ ରାତି ୪.୦୯ରେ ଟୁଇଟ୍ କରି କଶ୍ମୀର ଜୋନ୍ ପୁଲିସ ସୂଚନା ଦେଇଛି । କଶ୍ମୀର ପୁଲିସ ମୁଖ୍ୟ କହିଛନ୍ତି, ପୁଲିସ ସଂଗ୍ରହ କରିଥିବା ସୁନିର୍ଦ୍ଦିଷ୍ଟ ସୂଚନାକୁ ଆଧାର କରି ପୁଲିସ ଏବଂ 'ସିଆରପିଏଫ୍'ର ମିଳିତ ଦଳ ହର୍‌ୱାନ୍ ଅଞ୍ଚଳରେ 'କର୍ଡନ୍-ଆଣ୍ଡ୍-ସର୍ଚ୍ଚ' ଅଭିଯାନ ଆରମ୍ଭ କରିଥିଲେ । ତଲାସକାରୀ ନିରାପତ୍ତା ବଳ ଘେରି ଯିବାରୁ ଆତ୍ମଗୋପନ କରିଥିବା ଆତଙ୍କବାଦୀ ସେମାନଙ୍କ ଉପରକୁ ଗୁଳି ଚଳାଇଥିଲା । ଆତ୍ମରକ୍ଷା ପାଇଁ ନିରାପତ୍ତା ବଳ ପାଲଟା ଗୁଳି ଚଳାଇବାରୁ ଏନ୍‌କାଉଣ୍ଟର୍‌ର ସୂତ୍ରପାତ ହୋଇଥିଲା । ସଦ୍ୟତମ ରିପୋର୍ଟ ଅନୁସାରେ, ନିହତ ଆତଙ୍କବାଦୀଜଣକ ବିଦେଶୀ ବୋଲି ଜଣାପଡୁଛନ୍ତି । କିନ୍ତୁ, ତାଙ୍କର ପ୍ରକୃତ ପରିଚୟ ଜାଣିବା ଲାଗି ଉଦ୍ୟମ ଜାରି ରହିଛି । ସୂଚନାଯୋଗ୍ୟ, ଏ ସପ୍ତାହର ପ୍ରାରମ୍ଭରେ ଦକ୍ଷିଣ ଶ୍ରୀନଗରର ରଙ୍ଗରେଥ୍ ଅଞ୍ଚଳରେ ମଧ୍ୟ ସଂକ୍ଷିପ୍ତ ଏନ୍‌କାଉଣ୍ଟର୍‌ରେ ଦୁଇଜଣ 'ଲଶ୍କର୍-ଏ-ତେବା' ଆତଙ୍କବାଦୀ ନିପାତ କରିଥିବା କଥା ପୁଲିସ ଘୋଷଣା କରିଥିଲା ।

# ଡାକ୍ତର ସୁମିତ ଓ ତପସ୍ୱିନୀ ବିବାଦର ହେଉନି ଅନ୍ତ : ଧାରଣା ଜାରି



ଭୁବନେଶ୍ୱର,୧୯/୧୨(ନି.ପ୍ର): ଶାଶୁ ଘର ଆଗରେ ଜାରି ରହିଛି ତପସ୍ୱିନୀଙ୍କ ପ୍ରତିବାଦ । ଶୀତ କାକରରେ ଘର ଆଗରେ ଧାରଣା ଦେବା ସହ ସେଇଠି ରାତିରେ ରହୁଛନ୍ତି ତପସ୍ୱିନୀ । ଆଜିଠାରୁ ରୋଷେଇ ଆରମ୍ଭ କରିଛନ୍ତି । ତେବେ ସ୍ୱାମୀ ସୁମିତ କେଉଁଠି ଅଛନ୍ତି ସେ ନେଇ ପ୍ରଶ୍ନ ଉଠାଇଛନ୍ତି ତପସ୍ୱିନୀ । ତପସ୍ୱିନୀଙ୍କୁ ଭଡାଘରେ ରଖିବା ସହ ଖାଇବା ପିଇବାର ସମସ୍ତ ବ୍ୟବସ୍ଥା କରିବାକୁ କୋର୍ଟ କହିଥିଲେ ବି କୌଣସି ବ୍ୟବସ୍ଥା କରିନାହାଁନ୍ତି ସୁମିତ । ସ୍ୱାସ୍ଥ୍ୟ ଖରାପ ଥିବା ଦର୍ଶାଇ ଛୁଟିରେ ଅଛନ୍ତି । ଏବଂ ତପସ୍ୱିନୀଙ୍କ ପାଇଁ ରହିବା , ଖାଇବାର କୌଣସି ବ୍ୟବସ୍ଥା କରି ନାହାଁନ୍ତି । ଆସନ୍ତାକାଲି କୋର୍ଟରେ ମାମଲାର ଶୁଣାଣି ହେବାର ଅଛି । କୋର୍ଟଙ୍କ ନିର୍ଦ୍ଦେଶକୁ ମାନିନଥିବା ଅଭିଯୋଗ ଆଣି ସାନି ପିଟିସନ ଦାଖଲ କରିଛନ୍ତି ତପସ୍ୱିନୀ । ବ୍ରହ୍ମପୁରରେ ପୁଣି ତପସ୍ୱିନୀ ଶାଶୂଘର ଆଗରେ ଧାରଣାରେ ବସିଛନ୍ତି । ତାଙ୍କ ସହ ସମାଜସେବୀ ପ୍ରମିଳା ତ୍ରିପାଠୀ ବି ଅଛନ୍ତି । ନ୍ୟାୟ ନ ମିଳିବା ଯାଏଁ ଧାରଣା ଜାରି ରହିବା ବୋଲି କହିଛନ୍ତି ତପସ୍ୱିନୀ । ଗତମାସରେ ଶାଶୂଘର ଆଗରେ ଧାରଣାରେ ବସିଥିଲେ ତପସ୍ୱିନୀ । ତପସ୍ୱିନୀ ଅଭିଯୋଗ କରିଛନ୍ତି ଯେ ସ୍ୱାମୀ ଡାକ୍ତର ସୁମିତ ଦେହ ଖରାପ ବୋଲି ମିଛ କହୁଛନ୍ତି । ସ୍କୁଟି ଧରି ସାହିରେ ବୁଲୁଛନ୍ତି ବୋଲି ବି କହିଛନ୍ତି ତପସ୍ୱିନୀ । ସୂଚନାଯୋଗ୍ୟ, ଗତ ୯ତାରିଖରେ ବ୍ରହ୍ମପୁର ଏସ୍‌ଡିଜେଏମ୍ ତପସ୍ୱିନୀଙ୍କ ପିଟିସନ୍ ଉପରେ ଶୁଣାଣି କରି ଉଭୟ ସ୍ୱାମୀ-ସ୍ତ୍ରୀଙ୍କୁ ଏକାଠି ଭଡ଼ାଘରେ ରହିବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ୧୦ତାରିଖ ସକାଳୁ ଡା. ସୁମିତ ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୫ଦିନର ଛୁଟି ଆବେଦନ କରି କୁଆଡ଼େ ଚାଲି ଯାଇଛନ୍ତି । ବର୍ତ୍ତମାନ ସୁଦ୍ଧା ସେ ସାମ୍ନାକୁ ଆସୁ ନଥିବା ପତ୍ନୀ ତପସ୍ୱିନୀ ଅଭିଯୋଗ କରିଛନ୍ତି । ସେ ପ୍ରଥମ ପର୍ଯ୍ୟାୟରେ ୫ଦିନ ଛୁଟି ନେଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୮ଦିନ ଛୁଟି ନେଇଛନ୍ତି । ସୁମିତ ଫେରୁ ନଥିବାରୁ ବାଧ ହୋଇ ଗତକାଲି ତପସ୍ୱିନୀ ଆସିକା ଚିନିକଳ ଆଇବି ଛାଡ଼ିଥିଲେ । ସେ ତାଙ୍କର ଜିନିଷପତ୍ର ଧରି ବ୍ରହ୍ମପୁର ଫେରି ବ୍ରହ୍ମାନଗର ସ୍ଥିତ ଶାଶୂଘର ଆଗରେ ବସିଛନ୍ତି ।

# ରାଜ୍ୟରେ ୯ଟି ସ୍ଥାନରେ ୧୨ଡିଗ୍ରୀ ତଳେ ରାତି ତାପମାତ୍ରା



ଭୁବନେଶ୍ୱର,୧୯/୧୨(ନି.ପ୍ର): ଗତ ରାତ୍ରରେ ଓଡ଼ିଶାର ୯ ସ୍ଥାନରେ ତାପମାତ୍ରା ୧୨ ଡିଗ୍ରୀ ତଳେ ଥିବା ଜଣାଯାଇଛି । ଦାରିଙ୍ଗିବାଡ଼ି ସବୁଠୁ ଥଣ୍ଡା ସହର ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଏଠାକାର ତାପମାତ୍ର ଥିଲା ୮.୫ ଡିଗ୍ରୀ ସେଲସିଅସ୍ । ଅପରପକ୍ଷରେ କଟକରେ ୧୫ ଓ ଭୁବନେଶ୍ୱରରେ ୧୫.୧ ଡିଗ୍ରୀ ସେଲସିଅସ୍ ତାପମାତ୍ରା ରେକର୍ଡ କରାଯାଇଛି । ୧୨ ଡିଗ୍ରୀ ତଳେ ଥିବା ସହରଗୁଡ଼ିକ ହେଲା, ଝାରସୁଗୁଡ଼ା ୧୧.୨, ଦାରିଙ୍ଗବାଡି ୮.୫, କୋରାପୁଟ ୯.୫ , ସୁନ୍ଦରଗଡ଼ ୧୦, ଫୁଲବାଣୀ ୯.୫, ଟିଟଲାଗଡ଼ ୧୦.୮, ଭବାନୀପାଟଣା ୧୧.୬, ସୋନପୁର ୧୦.୮, ବଲାଙ୍ଗୀର ୯.୦ଡିଗ୍ରୀ ସେଲସିଅସ୍ । ସୂଚନାଯୋଗ୍ୟ,ଏ ବର୍ଷ ୧୫ ଦିନ ବିଳମ୍ବରେ ରାଜ୍ୟକୁ ଶୀତ ପ୍ରବେଶ କରିଛି । ଶୀତର ପ୍ରକୋପ ଓ ସମୟ ମଧ୍ୟ କମ୍ ଦିନ ରହିବ । ଆସନ୍ତା ୨ ଦିନ ରାଜ୍ୟର ପ୍ରାୟ ସ୍ଥାନରେ ତାପମାତ୍ରା ୧୨ ଡିଗ୍ରୀ କିମ୍ବା ତା' ତଳେ ରହିବା ପରେ ୨୨ତାରିଖ ଆଡ଼କୁ ପାରଦ ଧୀରେ ଧୀରେ ଉର୍ଦ୍ଧ୍ୱମୁଖୀ ହେବ । ୨୨ ତାରିଖ ପରେ ଶୀତ କମିଯିବ ଓ ଜାନୁଆରି, ଫେବ୍ରୁଆରିରେ ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଆକଳନ କରିଛି । ଗତ ୩ରୁ ୪ ଦିନ ହେଲା, ରାଜ୍ୟରେ ପ୍ରବଳ ଶୀତ ଅନୁଭୂତ ହେବା ସହ ଥଣ୍ଡା ପବନ ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି । ରାଜ୍ୟକୁ କ୍ରମାଗ୍ରତ ଉତ୍ତର ଦିଗରୁ ପ୍ରବେଶ କରୁଥିବା ଥଣ୍ଡା ଓ ଶୁଷ୍କ ବାୟୁ ପ୍ରଭାବ ଗତକାଲି ରାତିରୁ ଅଧିକ ଶକ୍ତିଶାଳୀ ହୋଇଛି ।

# ରାସ୍ତାରେ ପଡିଛି ଲକ୍ଷାଧିକ ଟଙ୍କାର ସାର : ପୋଲିସର ଛାନଭିନ



ଭୁବନେଶ୍ୱର,୧୯/୧୨(ନି.ପ୍ର): ରାସ୍ତାକଡରେ ପଡିରହିଛି ଲକ୍ଷାଧିକ ଟଙ୍କାର ସାର ଓ ବିହନ । ଏହି ଦୃଶ୍ୟ ଦେଖିବାକୁ ମିଳିଛି କଟକ ଜିଲ୍ଲା ବାଙ୍କୀ-ଖୋର୍ଦ୍ଧା ରାସ୍ତାର ଭୋଖା ଶଙ୍ଖଠାରେ । ଏଠାରେ ଲକ୍ଷାଧିକ ଟଙ୍କାର କୃଷି ଜୈବିକ ସାର, ମଂଜି ଓ ଚକଡା ପୋକ ପାଇଁ ଆସିଥିବା ଔଷଧ ପଡିଥିବା ଗାଁ ଲୋକେ ଦେଖିବାକୁ ପାଇଥିଲେ । ଏଥିପାଇଁ ଜିଲ୍ଲା କୃଷି ବିଭାଗକୁ ଦାୟୀ କରି ସ୍ଥାନୀୟ ଚାଷୀ ଆଜି ରାସ୍ତାରେ ସାରବସ୍ତା ରଖି ବାଙ୍କୀ-ତୁଳସୀପୁର ରାସ୍ତା ଅବରୋଧ କରିଥିଲେ । ତେବେ ଚାଷୀଙ୍କ ପାଇଁ ଆସିଥିବା ଏହି ସାର ଚାଷୀଙ୍କ ଦିଆନଯାଇ କିଏ ଓ କାହିଁକି ଏଠାରେ ପକାଇଲେ ତାକୁ ନେଇ ପ୍ରଶ୍ନ ଉଠିଛି ।

# ଆଜିଠୁ ୪ ଜିଲ୍ଲାରେ ଏୟାର ଆମ୍ବୁଲାନ୍ସ ସେବା



ଭୁବନେଶ୍ୱର, ୧୯/୧୨ (ନି.ପ୍ର): ଆସନ୍ତାକାଲିଠୁ ୪ ଜିଲ୍ଲାରେ ଆରମ୍ଭ ହେବ ଏୟାର ଆମ୍ବୁଲାନ୍ସ ସେବା । ୪ ଜିଲ୍ଲା ପାଇଁ ପ୍ରାଥମିକ ପର୍ଯ୍ୟାୟରେ ଏୟାର ଆମ୍ବୁଲାନ୍ସ ସେବା ଆରମ୍ଭ କରାଯିବ । ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି ପାଇଁ ଏୟାର ଆମ୍ବୁଲାନ୍ସ ସେବା ଆରମ୍ଭ କରାଯିବ । ଏ ନେଇ ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ନବକିଶୋର ଦାସ । ଗରିବ ଜନସାଧାରଣଙ୍କ ସୁବିଧା ପାଇଁ ପ୍ରାଥମିକ ପର୍ଯ୍ୟାୟରେ ଏହି ସେବା ଆରମ୍ଭ ହେବ । ଭୁବନେଶ୍ୱର ବିମାନବନ୍ଦରରୁ ଏହି ସେବା ଆରମ୍ଭ କରାଯିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି । ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି, ସୋମବାର ପୂର୍ବାହ୍ନ ୧୦ରୁ ୧୧ଟା ଭିତରେ ଏହି ସେବାର ଶୁଭାରମ୍ଭ ହେବ । ଏହା ଦ୍ୱାରା ବହୁ ଗରିବ ଲୋକେ ଚିକିତ୍ସିତ ହୋଇପାରିବେ ଏବଂ ଏହାର ସୁବିଧା ପାଇପାରିବେ । ଏହା ଏକ ଐତିହାସିକ ନିଷ୍ପତ୍ତି ବୋଲି ଶ୍ରୀ ଦାସ କହିଛନ୍ତି । ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି, ଯାହା ଶେଆର୍ ଆମ୍ବୁଲାନ୍ସରେ ହୁଏ, ସେମିତି ଏୟାର ଆମ୍ବୁଲାନ୍ସ ପରିଚାଳିତ ହେବ । ଜିଲ୍ଲା ଗୁଡ଼ିକରୁ ଆବେଦନ ଆସିବା ପରେ ଏହାକୁ ଉଚିତ୍ ଭାବେ ମ୍ୟାନେଜ୍ କରାଯିବ । ଏହାଦ୍ୱାରା ବିଶେଷକରି ଗରିବ ଲୋକେ ବହୁତ ଉପକୃତ ହେବେ । ତେବେ ସବୁ କିଛି ଏୟାର ଆମ୍ବୁଲାନ୍ସ ନୀତି ନିୟମ ଅନୁଯାୟୀ ଏହା କାର୍ଯ୍ୟକାରୀ ହେବ ବେଲି ସେ କହିଛନ୍ତି ।

# ମଙ୍ଗଳପୁର ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଶୁଭ ଉଦଘାଟନ ଓ ସ୍ମାର୍ଟ ହେଲଥ୍ କାର୍ଡ ବଂଟନ

ଧର୍ମଶାଳା,୧୯/୧୨ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ପଂଚାୟତରେ ଆଜି ବିଭିନ୍ନ ପ୍ରକଳ୍ପର ଶୁଭ ଉଦଘାଟନ ଓ ମୁଖ୍ୟମନ୍ତ୍ରୀଙ୍କର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ କାର୍ଡ ବଂଟନ ହୋଇଯାଇଛି । ମଙ୍ଗଳପୁର ସରପଂଚ ବନବିତ୍ରା ଜେନାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଓ ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଯୋଗଦେଇ ଏହି ପଂଚାୟତର ନୂତନ ପଂଚାୟତ ଗୃହ, ବିଜୁ କଲ୍ୟାଣ ମଣ୍ଡପ ଓ ମିଶନ ଶକ୍ତି ଗୃହକୁ ଉଦଘାଟନ କରିଥିଲେ । ପରେ ଏକ ଉତ୍ସବରେ ଯୋଗଦେଇ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ହିତାଧିକାରୀମାନଙ୍କୁ ସ୍ମାର୍ଟ ହେଲଥ୍ କାର୍ଡ ବଂଟନ କରିଥିଲେ । ଏହାର ବ୍ୟବହାର ଓ ଏହାର ଲାଭ ସମ୍ପର୍କରେ ବିଧାୟକ ଶ୍ରୀ ବଳବନ୍ତରାୟ ଜନସାଧାରଣଙ୍କୁ ସୂଚନା ଦେଇଥିଲେ । ବରିଷ୍ଠ ନେତା ନିର୍ମଳ ସାମଲ, ଜଳଧର ମହାନ୍ତି, ୧୫ ନଂ ଜୋନ୍ ଜିଲା ପରିଷଦ ସଭ୍ୟା ମମତା ଦଣ୍ଡପାଟ, ଯୁବନେତା ପ୍ରମୋଦ ଜେନା ଓ ପ୍ରଭାତ ରାଉତ ପ୍ରମୁଖ ଉପସ୍ଥିତ ରହିଥିଲେ । ଅନ୍ୟମାନଙ୍କ ମଧରେ ଶିଶିର ଦାଶ, ରାଜକିଶୋର ନାୟକ, କିଶୋର ପରିଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶତାଧିକ ମହିଳା, ସ୍ୱୟଂ ସହାୟକ ଗୋଷ୍ଠୀ ଓ ସ୍ଥାନୀୟ ଜନସାଧାରଣ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ । ସେହିପରି ଅପରାହ୍ନରେ ଧର୍ମଶାଳା ବ୍ଲକ ଦେଓଦା ପଂଚାୟତରେ ହେଲଥ୍ କାର୍ଡ ବଂଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଦେଓଦା ସରପଂଚ ସୌଭାଗ୍ୟଲକ୍ଷ୍ମୀ ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଓ ମୁଖ୍ୟ ବକ୍ତାଭାବେ ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଯୋଗଦେଇ ହିତାଧିକାରୀମାନଙ୍କୁ ସ୍ମାର୍ଟ କାର୍ଡ ବଂଟନ କରିଥିଲେ । ବିଧାୟକଙ୍କ ପ୍ରତିନିଧି ନିର୍ମଳ ପ୍ରଧାନ,୧୫ ନଂ ଜେନା ଜିଲା ପରିଷଦ ସଭ୍ୟା ମମତା ଦଣ୍ଡପାଟ, ବରିଷ୍ଠ ନେତା ଜଳଧର ମହାନ୍ତି, ପିତାମ୍ବର ନାୟକ ଓ ଅମରେନ୍ଦ୍ର ରାୟ ପ୍ରମୁଖ ଉପସ୍ଥିତ ରହି ହେଲଥ୍ କାର୍ଡ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଦଳୀୟ କର୍ମୀ, ୱାର୍ଡ ସଭ୍ୟସଭ୍ୟା ଓ ବହୁ ସ୍ଥାନୀୟ ମୁରବୀ ଯୋଗ ଦେଇଥିଲେ ।

# ସହରାଂଚଳରେ ମୁକ୍ତା ଯୋଜନା ଆରମ୍ଭ: ୫୪ ପ୍ରକଳ୍ପ ପାଇଁ ୩୭୬.୧୫ ଲକ୍ଷ ଟଙ୍କା ଅନୁମୋଦନ

ଖୋର୍ଦ୍ଧା,୧୯/୧୨ (ନି.ପ୍ର): ଟାଉନ ହଲ ନବୀକରଣ ସହିତ ମୁକ୍ତା ଯୋଜନାର ପ୍ରଥମ ବୈଠକ ହୋଇଛି । ଶ୍ରେଷ୍ଠ ଯୋଜନା ମୁକ୍ତା ଯୋଜନା ଅଟେ । ଏହି ପ୍ରକ୍ରିୟାରେ ଯେଉଁମାନେ ନିର୍ବାଚିତ ହୋଇଛନ୍ତି । ସେମାନେ କର୍ମ ତତ୍ପର ହୋଇପରିବେ । ଏପରିକି ଅଧିକ ଜାଣିବା ପାଇଁ ଏହି ଯୋଜନା ଆରମ୍ଭ ହୋଇଛି । ମହିଳା ମାନେ କର୍ମଜୀବୀ ହେବା ସହିତ ସ୍ୱାବଲମ୍ବୀ ହୋଇପାରିବେ । ସହାରାଂଚଳ ସମସ୍ତ ଉନ୍ନତି ମୂଳକ କାର୍ଯ୍ୟର ହାତକୁ ନେବା ସହ ବିଭିନ୍ନ କାର୍ଯ୍ୟ ତଦାରଖ କରିବେ । ଅନେକ ଜିଲା ମଧ୍ୟରୁ ଖୋର୍ଦ୍ଧା ପୌର ପାଳିକା ମୁକ୍ତା ଯୋଜନା ଆରମ୍ଭ କରିବା ଅନ୍ୟତମ । ବୋଲି ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର କହିଛନ୍ତି । ସେହିପରି ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଯୋଗ ଦେଇ ଖୋର୍ଦ୍ଧା ଏନଏସି ଗଠନ ହୋଇ ଆଜି ପୌର ପାଳିକାରେ ପରିଣତ ହୋଇଛି । ହେଲେ ୧୯୬୦ ମସିହା ପରଠାରୁ ଅଜି ପର୍ଯ୍ୟନ୍ତ ପୌର ପାଳିକା ଦାୟିତ୍ୱ ରେ କୌଣସି ଭାରତୀୟ ପ୍ରଶାସନିକ ଅଧିକାରୀ ନଥିଲେ । ତେବେ ଭାରତୀୟ ପ୍ରଶାସନିକ ଅଧିକାରୀ ଗୌରବ ଶିବାଜୀ ଖୋର୍ଦ୍ଧାର ଉପ ଜିଲ୍ଲାପାଳ ଦାୟିତ୍ୱ ସହ ପୌର ପାଳିକା ଦାୟିତ୍ୱ ନେଇ ଥିବା ପ୍ରଥମ ଆଇଏସ ବୋଲି କହିଥିଲେ । ତେବେ ଆଇଏସ ଅଧିକାରୀ ଗୌରବ ଶିବାଜୀଙ୍କୁ ପ୍ରଥମ ଆଇଏସଙ୍କୁ ରାଜ୍ୟ ସରକାର ପୌରପାଳିକା ଦାୟିତ୍ୱ ଦେଇଥିବା କଥା କହିଥିଲେ । ଏପରିକି ତାଙ୍କରି ସମୟରେ ଖୋର୍ଦ୍ଧା ପୌରାଂଚଳରେ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ (ମୁକ୍ତା) ଯୋଜନା ମାଧ୍ୟମରେ ରାଜ୍ୟ ସରକାରଙ୍କ ତରଫରୁ ଖୋର୍ଦ୍ଧା ପୌରପରିଷଦରେ ମୁକ୍ତା ଯୋଜନା ଆରମ୍ଭ ହୋଇଛି । ଏହି ଯୋଜନା ମାଧ୍ୟମରେ ସହରର ମହିଳାକୁ ୭ ଟି ମିନିପାର୍କ, ୬ଟି ମୁକ୍ତାକାଶ ଜିମ, ବିଭିନ୍ନ ୫ଟି ପାର୍କରେ ପିଲାଙ୍କ ଖେଳଣା, ୪ଟି ଖେଳପଡିଆର ଉନ୍ନତି, ୬ଟି ପରିସ୍ରାଗାର, ୪ଟି ସ୍ଥାନରେ ଭେଣ୍ଡିଙ୍ଗ ଜୋନ, ୧ଟି ପେଭର ପାଦଚଲା ଓ ୨୧ଟି ମିଶନ ଶକ୍ତି ଗୃହ ନିର୍ମାଣ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା କରାଯିବା ପାଇଁ ୩୭୬.୧୫ ଲକ୍ଷ ଅନୁମୋଦନ ହୋଇଛି । ଏହି ପରିପ୍ରେକ୍ଷୀରେ ନବିକରଣ ହୋଇଥିବା ଜୟୀ ରାଜଗୁରୁ ଟାଉନ ହଲ ଠାରେ ମାନ୍ୟବର ବିଧାୟକ, ଖୋର୍ଦ୍ଧା ଜ୍ୟୋତିରିନ୍ଦ୍ର ନାଥ ମିତ୍ର , ଜିଲ୍ଲାପାଳ ତଥା ପୌର ପ୍ରଶାସକ, ଖୋର୍ଦ୍ଧା,ଦିଗନ୍ତ ରାଉତରାୟ ପ୍ରକଳ୍ପ ନିର୍ଦ୍ଦେଶକ ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥା, ଖୋର୍ଦ୍ଧା ଓ ଉପଜିଲ୍ଲାପାଳ ତଥା ନିର୍ବାହୀ ଅଧିକାରୀଙ୍କ ଉପସ୍ଥିତ ରେ ୪୮ ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି । ଏପରିକି ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସାରିବାକୁ ପରାମର୍ଶ ଦିଆଯାଇଛି । ଏଥିରେ ପୌର ପରିଷଦର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ଯାଜପୁର ଜିଲ୍ଲା କୁକୁଡ଼ା ଫାର୍ମ ମାଲିକ ସଂଘର ବୈଠକ

ଧର୍ମଶାଳା,୧୯/୧୨ (ନି.ପ୍ର): ଯାଜପୁର ଜିଲ୍ଲାରେ ଥିବା ସମସ୍ତ କୁକୁଡ଼ା ଫାର୍ମ ମାଲିକ ସଂଘର ଏକ ବୈଠକ ଚଣ୍ଡିଖୋଲର ଶୈବ ପୀଠ ମହାବିନାୟ ଠାରେ ଅନୁଷ୍ଠିତ ହୋଇଯାଇଛି । ବିଶେଷ କରି କୋଭିଡ ସମୟରେ ଜିଲ୍ଲାର ମାଲିକମାନେ କୁକୁଡ଼ା ଚାଷରେ ବହୁ କ୍ଷତି ସହିବା ସହ ବହୁ କୁକୁଡ଼ା ଚାଷୀଙ୍କର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଥିଲା । ଚାଷୀମାନେ ବ୍ୟାଙ୍କରୁ ଋଣ ଆଣି ଏହି ଚାଷ କରିଥିବା ବେଳେ କୋଭିଡ ସମୟରେ କୁକୁଡ଼ାର ମୂଲ୍ୟ ଅତି ନିମ୍ନଗାମି ହେବାରୁ ଚାଷୀମାନେ ସେମାନଙ୍କର ଉଚିତ ମୂଲ୍ୟ ପାଇପାରିନଥିଲେ । ଫଳରେ ସେମାନଙ୍କୁ ବହୁ କ୍ଷତି ସହିବାକୁ ପଡିଥିଲା । ଜିଲ୍ଲାର ଶତକଡା ୯୦ ଭାଗ କୁକୁଡ଼ା ଫାର୍ମ ବିଭିନ୍ନ କମ୍ପାନୀମାନଙ୍କ ଦ୍ୱାରା ପରିଚାଳିତ ହେଇଥାନ୍ତି । ସେମାନେ ଅଧିକାଂଶ ସମୟରେ ଉଚିତ ମୂଲ୍ୟ ନେଇ ଅତି ନିମ୍ନମାନର କୁକୁଡ଼ା ଖାଦ୍ୟ ଦେଇଥାନ୍ତି ଓ ଉନ୍ନତ ମାନର କୁକୁଡ଼ା ଛୁଆ ମଧ ଦେଇନଥାନ୍ତି । ଅନେକ ସମୟରେ ଋଣ ପରିଶୋଧ ପାଇଁ ବ୍ୟାଙ୍କ ପକ୍ଷରୁ ବହୁ ମାଲିକ ଉପରେ ଜୁଲମ କରାଯାଇଥାଏ । ଚାଷରେ ଏହି କୁକୁଡ଼ା ଶିଳ୍ପ ଯାଉଥିବାରୁ ବିଦ୍ୟୁତ ବିଭାଗ ପକ୍ଷରୁ ଘରୋଇକରଣ ବିଲ୍ ନକରି ବାଣିଜ୍ୟ ବିଲ୍ ଜୋର କରି ଆଦାୟ କରୁଛନ୍ତି, ଯାହାକୁ ନେଇ ବହୁ ସମୟରେ ବିଜୁଳି ବିଭାଗ କର୍ମଚାରୀ ଓ ମାଲିକଙ୍କ ଭିତରେ ବଚସା ହେଇଥାଏ । ସରକାରଙ୍କ ପକ୍ଷରେ କୁକୁଡ଼ା ଚାଷୀମାନେ ପଞ୍ଜିକୃତ ନଥିବାରୁ ବହୁ ଚାଷୀ ସରକାରୀ ସୁବିଧାରୁ ବଂଚିତ ହେଉଛନ୍ତି । ଏହି ସବୁ ସମସ୍ୟାକୁ ସରକାରଙ୍କ ଦୃଷ୍ଟିକୁ ଆଣିବାକୁ ଏହି ବୈଠକରେ ଆଲୋଚନା କରାଯାଇଥିଲା । ମାଲିକ ସଂଘର ରାଜ୍ୟ ସଂଯୋଜକ ନୀଳଚଂଳ ପରିଡା, ଜିଲ୍ଲା ସଂଯୋଜକ ଶିଶିର କୁମାର ବାଗ, ରତିକାନ୍ତ ରାଉତରାୟ, ତପନ କୁମାର ପଲେଇ, ମାନସ କୁମାର ରାଉତ, ନୃସିଂହ ହୋତା, ଅଲେଖ ସ୍ୱାଇଁ, ସୁଶାନ୍ତ ବେହେରା, ବିକାଶ ରଞ୍ଜନ ନାଥ ଓ ମାନସ ରଞ୍ଜନ ବରାଳ ପ୍ରମୁଖ ଯୋଗଦେଇ ସମସ୍ୟା ଉପରେ ଆଲୋକପାତ କରିବା ସହ ଅଗାମୀ ଦିନରେ ସରକାରଙ୍କ ନିକଟରେ ସମସ୍ୟାଗୁଡ଼ିକୁ ଉପସ୍ଥାପନା କରିବା ପାଇଁ ସ୍ଥିର କରାଯାଇଥିଲା । ଚଣ୍ଡୀଖୋଲର ପ୍ରତାପ ଗୋଚ୍ଛାୟତଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଜିଲ୍ଲାର ଶତାଧିକ ଚାଷୀ ଏହି ବୈଠକରେ ଯୋଗ ଦେଇଥିଲେ ।

# ବିଧାୟକଙ୍କ ଦ୍ୱାରା ଜନ ଅଭିଯୋଗ ଶୁଣାଣି ଓ ରାସ୍ତା କଂକ୍ରିଟକରଣର ଉଦ୍‌ଘାଟନ

ସମ୍ବଲପୁର,୧୯/୧୨ (ନି.ପ୍ର): ଆଜି ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନଂ ୧୫ ର ଚନ୍ଦନ ନଗରକୁ ସ୍ଥାନୀୟ ବିଧାୟକ ଜୟନାରାୟଣ ମିଶ୍ର ଗସ୍ତ କରି ଜନ ଅଭିଯୋଗ ଗୁଡିକର ଶୁଣାଣୀ କରିଛନ୍ତି । ଏହି କ୍ରମରେ ସେଠାରେ ତାଙ୍କ ବିଧାୟକ ପାଣ୍ଠିରୁ ପ୍ରଦତ ଅର୍ଥରୁ ତିଆରି ହୋଇଥିବା ଗୁରୁ ଘାସିରାମ ଦାସ ମନ୍ଦିରର ଉଦଘାଟନ କରିଛନ୍ତି । ତତ୍ ସହିତ ସେଠାକାର ଏକ ରାସ୍ତାର କଂକ୍ରିଟକରଣକୁ ମଧ ଉଦଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ସହିତ ଭାଜପା ଜିଲ୍ଲା ସଭାପତି ଗିରିଶ ପଟେଲ, ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ନୀଳାମ୍ବର ସିକନ୍ଦର, ଯୁବ ମୋର୍ଚ୍ଚା ସଭପତି ଅଶ୍ୱିନୀ ସୁନା, ଅଂଚଳର ବରିଷ୍ଠ ଭାଜପା ନେତା ଘନ ପଟେଲ, ମୁନା ତିୱାରୀ, ଶିବ ଶମ୍ଭୁ ଯାଦବ, ସନ୍ତୋଷ ସାହୁ, ମନୋଜ ପଲ୍ଲାନିଆ, ସଞ୍ଜୟ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ । ଏହା ପୂର୍ବରୁ ଝାଡୁଆପଡାର ଅଙ୍ଗନୱାଡି କେନ୍ଦ୍ରର ଉଦଘାଟନ ମଧ ବିଧାୟକଙ୍କ ହାତରେ ହୋଇଥିଲା ।

## ଟିକାବାଲିରେ ଶୀତକାଳୀନ ରାତ୍ରୀ ଆଶ୍ରୟସ୍ଥଳୀ ଖୋଲିଲା

କନ୍ଧମାଳ,୧୯/୧୨ (ନି.ପ୍ର): ଜିଲାରେ ଏବେ କିଛି ଦିନ ହେଲା ଶୀତ ପ୍ରକୋପ ବଢିବାରେ ଲାଗିଛି ତଥାପି ବିଭିନ୍ନ ସହରର ପ୍ରମୁଖ ବସ୍ ଷ୍ଟାଂଡରେ ଆଗନ୍ତୁକ ଓ ଯାତ୍ରୀ ଙ୍କ ପାଇଁ ରାତ୍ରୀ କାଳୀନ ଆଶ୍ରୟ ସ୍ଥଳୀ ଖାଲିଛି । ପ୍ରଶାସନ ପକ୍ଷରୁ ଟିକାବାଲି ବସ୍ ଷ୍ଟାଂଡ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଛଳରେ ଆଶ୍ରୟ ସ୍ଥଳୀ ଖୋଲା ଯାଇଛି । ସୂଚନା ଯୋଗ୍ୟ ଯେ ଲଘୁଚାପ ବର୍ଷା ଅପସରି ଯିବା ପରେ ଏବେ କନ୍ଧମାଳ ଜିଲାରେ ଶୀତର ପ୍ରକୋପ ବଢିବାରେ ଲାଗିଛି । ଜିଲାର ବିଭିନ୍ନ ସ୍ଥାନରୁ ରାତ୍ରୀ ରେ ଆସୁଥିବା ଯାତ୍ରୀ ଶୀତ ପାଇଁ ବହୁ କଷ୍ଟ ସହୁଛନ୍ତି । ଟିକାବାଲି ଜିଲାର ଏକ ପ୍ରମୁଖ ଅଂଚଳ ହୋଇଥିବାରୁ ବିଭିନ୍ନ ସମୟରେ ବହୁ ଲୋକ ରାତ୍ରୀ ସମୟରେ ଏଠାକୁ ଅସିଥାନ୍ତି । ଫଳରେ ଏଙ୍ଖାରେ ଯାତ୍ରୀ ମାନଙ୍କ ସୁରକ୍ଷା ଦୃଷ୍ଟିରୁ ରାତ୍ରୀ ଆଶ୍ରୟ ସ୍ଥଳୀ ନିର୍ମାଣ କରାଯାଇଛି ।

## ଜାଲ ପ୍ରମାଣ ପତ୍ର ଦେଇ ପଦୋନ୍ନତି ମାମଲା: ୨ ବର୍ଷ ଜେଲ

ଜୟପୁର ,୧୯/୧୨ (ନି.ପ୍ର): ଜୟପୁର ଭିଜିଲାନ୍ସ କୋର୍ଟରେ ଜାଲ ପ୍ରମାଣ ପତ୍ର ଦେଇ ପଦୋନ୍ନତି ପାଇଥିବା ମାମଲାର ଶୁଣାଣି ହୋଇଛି । ଜୟପୁର ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ରାଜେଶ ଏକ୍କା ରାୟ ଶୁଣାଇଛନ୍ତି । ମାମଲା ବିବରଣୀରୁ ପ୍ରକାଶ ଯେ ମାଲକାନଗିରି ଜିଲା କରକୋଣ୍ଡା ବ୍ଲକ ପୁବତନ ଆଇସିଡିଏସ ସୁପରଭାଇଜର ଶୁଭ ମଣି ଦେଇ କୁ ୨ ବର୍ଷ ଜଲ ଦଣ୍ଡ ସହ ୭ ହଜାର ଟଙ୍କା ଜୋରିମାନା ରେ ଦଣ୍ଡିତ କରାଯାଇଛି । ଜାଲ ମାଟ୍ରିକ ପ୍ରମାଣ ପତ୍ର ଦେଇ ଆଇସିଡିଏସ ସୁପରଭାଇଜର ପଦବୀକୁ ପଦୋନ୍ନତି ହୋଇଥିବା ନେଇ ୨୦୧୨ ରେ ଅଭିଯୋଗ ହୋଇଥିଲା । ସେ ଜାଲ ପ୍ରମାଣ ପତ୍ର ଦେଇ ୯ ଲକ୍ଷ ୩୭ ହଜାର ୧୬ ଟଙ୍କା ଆସାଧୁ ଉପାୟରେ ପାଇଥିଲେ । ଭିଜିଲାନ୍ସ ବିଭାଗ ଏହି ଅଭିଯୋଗ ପାଇ ଅପରାଧିକ ମାମଲା ରୁଜୁ କରିଥିଲ । କୋର୍ଟର ଶୁଣାଣିରେ ସେ ଦୋଷୀ ବୋଲି ପ୍ରମାଣିତ ହୋଇଥିଲା । ସତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଏମ ବାଲାଜି ରାଓ ପରିଚାଳନା କରୁଥିଲେ । ସେହିପରି ଭାବରେ ୧୫.୧୨.୨୧ ତାରିଖରେ ମାଲକାନଗିରି ଜିଲା କୁଡୁମୁଲୁଗୁମ୍ମାର ପୁବତନ ସୁପରଭାଇଜର ପି ଲକ୍ଷ୍ମୀ ମଧ ଏପରି ଜାଲ ପ୍ରମାଣ ପତ୍ର ଦେଇ ପଦୋନ୍ନତି ହେଇ ହାତେଇ ଥିବା ମାମଲାରେ ଦଣ୍ଡିତ ହୋଇଛନ୍ତି ।

# ଶାଳପଡା ପଚାଂୟତରେ ପାନୀୟଜଳ ସମସ୍ୟା

ଧର୍ମଶାଳା,୧୯/୧୨ (ନି.ପ୍ର): ଯାଜପୁର ଜିଲା ଚଣ୍ଡିଖୋଲର ପର୍ଶ୍ଚିମ ବଡ଼ଚଣା ଏକ ପାର୍ବତ୍ୟାଂଚଳ । ବିଶେଷକରି ଖରାଦିନେ ଏହିସବୁ ଅଂଚଳରେ ପାନୀୟଜଳର ସମସ୍ୟା ଦେଖିବାକୁ ମିଳିଥାଏ । ଖରାଦିନେ କୂଅ, ପୋଖରୀର ଜଳ ଓ ଭୂତଳ ଜଳସ୍ତର କମୁଥିବାରୁ ଲୋକମାନେ ବାଧହୋଇ ନିକଟରେ ଥିବା ନାଳ ଓ ପୋଖରୀର ଦୂଷିତ ପାଣିକୁ ବ୍ୟବହାର କରିଥାନ୍ତି । ଏହି ସମସ୍ୟାକୁ ଦୂରୀଭୂତ କରିବାପାଇଁ ୨୦୧୭-୧୮ ମସିହାରେ ବେସରକାରୀ କମ୍ପାନୀ ଇଫକୋ-ଟୋକିଓ ତରଫରୁ ଶାଳପଡା ଗ୍ରାମରେ ୩ ଗୋଟି ସୌରଚାଳିତ ଓଭରହେଡ଼ ଟାଙ୍କି ସମେତ ଚାରିଗୋଛିଆ, ଗୋପାଳପୁର, ଗୋଡ଼ାସାହି ଓ କୁଅଁରିଆକୁଳ ଗ୍ରାମମାନଙ୍କରେ ୫ ଟି ସମୁଦାୟ ୮ଟି ପାଣିପ୍ରୋଜେକ୍ଟ କରାଯାଇ ପାନୀୟଜଳର ସୁବିଧା କରଯାଇଥିଲା । ୨୦୧୭-୨୦୨୦ ପର୍ଯ୍ୟନ୍ତ ଇଫକୋ-ଟୋକିଓ ସଂସ୍ଥା ଏହିସବୁ ପାଣି ପ୍ରୋଜେକ୍ଟର ମରାମତି ଦାୟିତ୍ୱ ୩ ବର୍ଷ ପର୍ଯ୍ୟନ୍ତ ତୁଲାଇଥିଲେ ଓ ପରେ ଅବଧି ଶେଷ ହେବାପରେ ସଂସ୍ଥା ଆଉ ଏସବୁର ମରାମତି ଦାୟିତ୍ୱ ବହନ କରି ନ ଥିଲା । ବର୍ତମାନ ମରାମତି ଅଭାବରୁ ୮ ଗୋଟି ପାଣି ପ୍ରୋଜେକ୍ଟ କିଛି ସମ୍ପୂର୍ଣ୍ଣ ଓ ଆଉ କିଛି ଆଂଶିକ ଭାବେ ଅକାମି ହୋଇ ରହିଥିଲା । ଗ୍ରାମର କିଛି ବଦାନ୍ୟ ବ୍ୟକ୍ତିଙ୍କ ଆର୍ଥିକ ସାହଯ୍ୟରେ ଦୁଇଗୋଟି କାର୍ଯ୍ୟକ୍ଷମ ହୋଇପାରିଛି । ସେହିପରି ୨୦୧୫ ମସିହାରେ ଶାଳପଡା ଗ୍ରାମରେ ଟାଟା କମ୍ପାନୀ ପକ୍ଷରୁ ନିର୍ମାଣ କରାଯାଇଥିବା ୧ ଗୋଟି ସୌରଚାଳିତ ଓଭରହେଡ଼ ଟାଙ୍କି ମଧ ମରାମତି ଅଭାବରୁ ଅକାମି ହେଇ ପଡିରହିଛି । ପ୍ରତି ପ୍ରକଳ୍ପ ପାଇଁ ମୋଟ ୪ ଲକ୍ଷ ଟଙ୍କା ବ୍ୟୟବରାଦ ହେଇଥିବାବେଳେ ୮ ଗୋଟି ପ୍ରକଳ୍ପରେ ୩୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେଇଥିବାବେଳେ ସାମାନ୍ୟ ମରାମତି ଅଭାବରୁ ଏହି ପାନୀୟଜଳ ପ୍ରକଳ୍ପ ଗୁଡିକ ଅଚଳ ହେଇ ପଡ଼ିରହିଛି । ଫଳରେ ଗ୍ରାମବାସୀ ପିଇବା ପାଣି ପାଇଁ ହଇରାଣ ହରକତ ହେଉଛନ୍ତି । ଆଗକୁ ଖରାଦିନ ଆସୁଥିବାରୁ ଏହି ପାନୀୟ ଜଳ ସମସ୍ୟା ଉତ୍କଟ ହେବାର ଆଶଙ୍କା ରହିଅଛି । ଯଥାଶୀଘ୍ର ଏହିସବୁ ପ୍ରକଳ୍ପଗୁଡିକର ମରାମତି କରିବାକୁ ଗ୍ରାମବାସୀମାନେ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି ।

## ଏବେବି ବିକାଶ ଅପହଂଚ ଡେଙ୍ଗଲାର ଗାଁ

କନ୍ଧମାଳ,୧୯/୧୨ (ନି.ପ୍ର): ବାଲିଗୁଡା ଉପଖଣ୍ଡରେ ଏଭଳି ଗାଁ ରହିଛି ଯେଉଁଠିକି ସାଧାରଣ ଜନତାଟିଏ ତା ମୌଳିକ ସୁବିଧା ଟିକକ ପାଇବାରୁ ବି ବଂଚିତ ରହିଛି । ଏଭଳି ଏକ ଗାଁ କ.ନୂଆଗାଁ ବ୍ଲକ ଅନ୍ତର୍ଗତ କୁଡୁତୁଲି ପଂଚାୟତର ଡେଙ୍ଗଲାର ଗାଁ । ୧୪ ରୁ ଉର୍ଦ୍ଧ୍ୱ ଆଦିବାସୀ ପରିବାର ବାସ କରନ୍ତି ଏଠାରେ ।ଆଦିବାସୀ ଙ୍କ ଜୀବନ ଜୀବିକାର ବିକାଶ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମାଳ ମାଳ ଯୋଜନା ରହିଛି । ହେଲେ ସେ ସବୁରୁ କୌଣସି ଟି ଯୋଜନା ଏଠି ପହଂଚି ପାରିନାହିଁ । ଗ୍ରାମକୁ ଭଲ ରାସ୍ତା ଟିଏ ନାହିଁ । ଏଠାକୁ ଯିବାକୁ ହେଲେ କୁଡୁତୁଲି ପଂଚାୟତରୁ୩ କିଲୋମିଟର ଚାଲିବାକୁ ପଡେ । ରାସ୍ତା ନଥିବାରୁ ବିପଦ ସମୟରେ ଆମ୍ବୁଲେନ୍ସ ଟିଏ ଯାଇ ପାରେ ନାହିଁ । ଗୁରୁତର ରୋଗୀ ଓ ଗର୍ଭବତୀ ନାନା କଷ୍ଟ ସ୍ୱୀକାର କରି ଡାକ୍ତରଖାନା ଆସନ୍ତି । କେନ୍ଦ୍ର ସରକାରଙ୍କ ସୌଭାଗ୍ୟ ଯୋଜନାରେ ସମସ୍ତେ ସାମିଲ ହୋଇଛନ୍ତି । ହେଲେ ତାହା କଣ ଏଠିକା ଲୋକ ଏପର୍ଯ୍ୟନ୍ତ ଜାଣି ନାହାଁନ୍ତି । ଗ୍ରାମରେ ବିଦ୍ୟାଳୟ କିମ୍ବା ଅଙ୍ଗନବାଡି କେନ୍ଦ୍ର ନାହିଁ । କୋମଳ ମତି ଶିଶୁ ମାନେ ବଣ ଜଙ୍ଗଲ ପାହାଡ ରାସ୍ତା ଦେଇ କୁଡୁତୁଲି ଆସି ପାଠ ପଢନ୍ତି । ନଳକୂଅ ଟିଏ ଥିଲେ ମଧ ତାହା ଅଚଳ ଏଞ୍ଜୁ ଚୁଆ ହିଁ ଏମାନଙ୍କ ଭରସା ।

# ଅମୃତ ମହୋତ୍ସବ ପାଳନ ଅବସରରେ ପୋଷ୍ଟର ପ୍ରତିଯୋଗିତା

ବଲାଙ୍ଗିର,୧୯/୧୨ (ନି.ପ୍ର): ସ୍ୱାଧୀନତାର ୭୫ ବର୍ଷ ଉପଲକ୍ଷେ ଅମୃତ ମହୋତ୍ସବ ପାଳନ ଅବସରରେ ସ୍ଥାନୀୟ ପତିତପାବନ ଏକାଡେମୀରେ ଆୟୋଜିତ ଆମ ଐତିହ୍ୟ ପାଇଁ ପୋଷ୍ଟର ପେଣ୍ଟିଙ୍ଗ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସପ୍ତମରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଇନଟାକ୍ ବଲାଙ୍ଗିର ଚାପ୍ଟର ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୦ ଗୋଟି ସ୍କୁଲ ର ୪୧ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏଥିରେ କୃତିତ୍ୱ ଅର୍ଜନ କରିବା ସହ ପ୍ରଥମ ସ୍ଥାନ ଅଧିକାର କରିଥିଲେ ପୃଥ୍ୱୀରାଜ ହାଇସ୍କୁଲର ଛାତ୍ରୀ ଶ୍ରୀୟଂସା ସ୍ୱାଇଁ । ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ଆଇଡିଏମ୍ ପବ୍ଲିକ ସ୍କୁଲର ଛାତ୍ରୀ ଦିବ୍ୟଙ୍କା ସିଂହ ବାରିକ । ତୃତୀୟ ସ୍ଥାନ ଅଧିକାର କରିଥିଲେ ପଥରଚେପା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ମୌସୁମୀ ପଟେଲ । କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ବିଦ୍ୟାଳୟ ବଲାଙ୍ଗିର-୨ ର ଅଧକ୍ଷ ରାମକୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଓ ବିଚାରକ ରୂପେ ରୁଦ୍ରଦେବ ପଧାନ ଓ ଦିଗାମ୍ବର ତ୍ରିପାଠୀ ଉପସ୍ଥିତ ଥିଲେ । ସଂଯୋଜକ ଇନଟାକ୍ ବଲାଙ୍ଗିର ଚାପ୍ଟରର ଶିବପ୍ରସାଦ ନନ୍ଦ ସଭାପତି ରୂପେ ଯୋଗ ଦେଇଥିଲେ । ଧର୍ମେନ୍ଦ୍ର ନନ୍ଦଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା । ଏଥିରେ ଅନ୍ୟମାନେ ସହଯୋଗ କରିଥିଲେ ।

## ରାସ୍ତା ନିମ୍ନମାନର ହେଉଥିବା ନେଇ ଅଭିଯୋଗ

ଜୟପୁର ,୧୯/୧୨ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ଗଙ୍ଗା ପଂଚାୟତର ହାଟ ଗଙ୍ଗା ଛକ ଠାରୁ ଭାୟା ଡୁମରାପୁଡା ଠୁ ବଡ କଦମଗୁଡା ରାସ୍ତା ନିର୍ମାଣ ନିମ୍ନ ମାନର ହେଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଗ୍ରାମବାସୀ ମାନେ ଏନେଇ ଗ୍ରାମବାସୀ ମାନେ ପ୍ରଶାସନ ଦ୍ୱାରସ୍ଥ ହୋଇ ଜୟପୁର ଉପ ଜିଲାପାଳ ବେଦବର ପ୍ରଧାନଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବୀ ପତ୍ର ରେ ଉଲ୍ଲେଖ କରାଯାଇଛି ଯେ ମାଝୀଗୁଡା, ସାନ ଡୁମୁରାଗୁଡା, ଦଳେଇଗୁଡା ଜତାପୁଡା, ସାନ କଦମ ଗୁଡା, ବଡ କଦମକୁଡା ଗ୍ରାମବାସୀ ପ୍ରଶାସନ ଦ୍ୱାରସ୍ଥ ହୋଇ ଗ୍ରାମର ବିକାଶ ନେଇ ଯେଉଁ ରାସ୍ତା ନିର୍ମାଣ କରାଯାଉଛି ତାହା ସଠିକ ଭାବରେ କରାଯାଉ ନାହିଁ । ବର୍ଷା ହେଲେ ପୁଣି ରାସ୍ତା ଖରାପ ହୋଇଯିବ । ତେଣୁ ୭ଟି ଗ୍ରାମବାସୀ ଏକତ୍ରିତ ହୋଇ ପ୍ରଶାସନର ଦ୍ୱାରସ୍ଥ ହୋଇ ରାସ୍ତା ନିର୍ମାଣ ଯାଂଚ କରିବା ପାଇ ଲକ୍ଷ୍ମଣ ଗାଦବା, ଧନ ନାୟକ, ପରମା ନନ୍ଦ ଗାଦବା, ସମୋନାଥ ଗାଦବା ପ୍ରମୁଖ ଦାବି କରିଛନ୍ତି ।

## ସିଲେଟପାଣିଠାରେ ଉଦ୍‌ଘାଟନ ହେଲା ମାଣ୍ଡିଆ ମଣ୍ଡି

ନୂଆପଡ଼ା,୧୯/୧୨ (ନି.ପ୍ର): ନୂଆପଡା ଜିଲ୍ଲା କୋମନା ବ୍ଲକ ଦରଲିମୁଣ୍ଡା ଗ୍ରାମପଂଚାୟତ ଅନ୍ତର୍ଗତ ସିଲେଟପାଣି ଗ୍ରାମ ଠାରେ ଆଜି ଆରମ୍ଭ ହୋଇଅଛି ମାଣ୍ଡିଆ ମଣ୍ଡି । ଜିଲ୍ଲାପାଳ ସ୍ୱାଧାଦେବ ସିଂ ମୁଖ୍ୟ ଅତିଥି ରୂପେ ଯୋଗଦେଇ ମାଣ୍ଡିଆ ମଣ୍ଡିର ଶୁଭ ଉଦଘାଟନ କରିବା ସହ ମାଣ୍ଡିଆ ଏକ ସୁସ୍ଥ କ୍ଷୁଦ୍ର ଖାଦ୍ୟଶସ୍ୟ ଅଟେ ବୋଲି ମତବ୍ୟକ୍ତ କରିଥିଲେ । ମା ସୁନାଦେଇ କୃଷି ଉତ୍ପାଦନ ଦଳକୁ ଆଠ ଗୋଟି ସ୍ଥାନରେ ମଣ୍ଡି ଖୋଲି ୫୦୦୦ କୁଇଂଟାଲ ମାଣ୍ଡିଆ ସଂଗ୍ରହ ପାଇଁ ବ୍ୟବସ୍ଥା ରହିଅଛି । ଜିଲ୍ଲା କୃଷି ଅଧିକାରୀ ନିରଞ୍ଜନ ଦାଶ, ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ମହାପାତ୍ର, ସିପିଏସଡବ୍ଲୁ କାର୍ଯ୍ୟକାରି ସମ୍ପାଦକ ବିରଂଚି ନାରାୟଣ ମହାପାତ୍ର, ୱାସନା ଟିକେଶ୍ୱର ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଆଜି ବ୍ୟାପକ ମାତ୍ରାରେ ମାଣ୍ଡିଆ ସଂଗ୍ରହ ହୋଇଥିବା ସୂଚନା ମିଳିଛି ।

# ଖୋଲିଲା ମଣ୍ଡି, ଉଠୁନି ଧାନ: ଶୀତ କାକରରେ ଜଗିଛନ୍ତି ଚାଷୀ

ଜୟପୁର ,୧୯/୧୨ (ନି.ପ୍ର): କୋରାପୁଟ ଜିଲ୍ଲାରେ ଜାରି ରହିଛି ମଣ୍ଡିକୁ ନେଇ ଅବ୍ୟବସ୍ଥା । ୨୦ ଲ୍ୟାମ୍ପସରେ ଅବ୍ୟବସ୍ଥା ଲାଗି ରହିଥିବାରୁ ମୁଠାଏ ବି ଧାନ କିଣା ଯାଇପାରିନାହିଁ । ଜିଲ୍ଲାର ବିଭିନ୍ନ ସ୍ଥାନରେ ମଣ୍ଡି ରହିଛି । ଆରଏମସି, ଏସଏସଜି, ପାଣିପଂଚାୟତ, ମିଲର ସମସ୍ତେ ବ୍ୟଗ୍ର । କୁନ୍ଦୁରା ବ୍ଲକ ଡଙ୍ଗରପାଉଁସି ଓ ଫଖନାଗୁଡାରେ ମଣ୍ଡି ଥିଲା । ହେଲେ ଲ୍ୟାମ୍ପସ କର୍ମଚାରୀ ଆନ୍ଦୋଳନରେ ରହିଛନ୍ତି । ଫଳରେ କୋରାପୁଟ ଜିଲ୍ଲାରେ ଧାନ କିଣାବିକା ନେଇ ସମସ୍ୟା ଦେଖାଦେଇଛି । ଏଯାଏଁ ଜିଲ୍ଲାରେ ମା ତାରିଣି ଏସଏସଜି ୧୦ଜଣ ଚାଷୀଙ୍କଠାରୁ ୫୩୮ କୁଇଂଟାଲ ଧାନ କିଣିଥିବାବେଳେ ରତାଲି ପାଣିପଂଚାୟତ ୩ଜଣ ଚାଷୀଙ୍କଠାରୁ ୨୨୬ କୁଇଂଟାଲ ଧାନ କିଣିଛି । ଜିଲ୍ଲାରେ ୩୪ହଜାର୧୪୬ ଚାଷୀ ଖରିଫ ଋତୁରେ ଧାନ ବିକ୍ରି କରିବାକୁ ନାମ ପଞ୍ଜୀକରଣ କରିଥିବାବେଳେ ୧୩ ଚାଷୀଙ୍କଠାରୁ ମାତ୍ର ୭୬୪ କୁଇଂଟାଲ ଧାନ କିଣାଯାଇଛି । ଜୟପୁର ଓ କୋରାପୁଟ ଆରଏମସି ଅଧୀନରେ ୪୫ ପ୍ରତିଶତ ଚାଷୀଙ୍କ ମୋବାଇଲକୁ ଧାନ ବିକ୍ରି ମେସେଜ ଯାଇଥିବାବେଳେ ଟୋକନ୍ ଇସ୍ୟୁ ହୋଇଛି । ଜିଲ୍ଲାର ଆଲମଣ୍ଡା, ବେ ?ପାରିଗୁଡା, ବୋରିଗୁମ୍ମା, କାମତା, ଦଶମନ୍ତପୁର, ପୋଡାଗଡ, କୁମୁଲିପୁଟ, ଉମୁରୀ, ଡୁମୁରିପୁଟ, କୋରପାଡ, କୁନ୍ଦୁରା, କାକିରିଗୁମ୍ମା, ଗୁନେଇପଡା, ଲକ୍ଷ୍ମୀପୁର, ନନ୍ଦପୁର, ପାଡୱା, ନାରାୟଣପାଟଣା, ପଟାଙ୍ଗୀ, ସୁଙ୍କି ଓ କୁନ୍ଦୁଲି ଆଦି ୧୦ ଲ୍ୟାମ୍ପସ କେଜିଏ ଧାନ କିଣିପାରିନାହାନ୍ତି । ଜିଲ୍ଲାରେ ୨୩ଟି ଏସଏସଜି ଓ ଦୁଇଟି ପାଣି ପଂଚାୟତ କାଁ ଭାଁ ଧାନ କିଣିଥିବାବେଳେ ଟୋକନ ଲ୍ୟାପସ ହେବା ଆଶଙ୍କା ସୃଷ୍ଟି ହୋଇଛି । ଚଳିତ ମାସ ୧୫ ତାରିଖରୁ କୋରାପୁଟ ଜିଲ୍ଲାରେ ଖରିଫ ଧାନ କିଣା ଆରମ୍ଭ ହେବା ଯୋଜନା ହୋଇଥିଲା । ଏଥିପାଇଁ ଜିଲ୍ଲାରେ ୧୦୩ଟି ଧାନ ମଣ୍ଡି ଖୋଲା ହୋଇଛି । ଏଥର କୋରାପୁଟ ଉପଖଣ୍ଡରେ ୨୬ ମଣ୍ଡି, ଜୟପୁର ଉପଖଣ୍ଡରେ ୭୭ ମଣ୍ଡି ଧାନ କିଣିବାକୁ ନିଷ୍ପତି ହୋଇଛି । ପ୍ରାଥମିକ ପର୍ଯ୍ୟାୟରେ ୨୨ ଲକ୍ଷ ୪୬ ହଜାର କୁଇଂଟାଲ ଧାନ କିଣିବା ଲକ୍ଷ୍ୟ ରହିଛି । ପରେ ଏହାକୁ ବୃଦ୍ଧି କରାଯିବ । ଗ୍ରେଡ ଏ' ମାନର ଧାନ ଦର କୁଇଂଟାଲ ପ୍ରତି ୧୯୬୦ ଟଙ୍କା ଦର ନିର୍ଦ୍ଧାରଣ କରାଯାଇଛି । ତେବେ ଲ୍ୟାମ୍ପସ କର୍ମଚାରୀଙ୍କର ଆନ୍ଦୋଳନ ହେତୁ ଖଳାରେ ପଡିଛି ହଜାର ହଜାର କୁଇଂଟାଲ ଧାନ । ୨୩ ଏସଏସଜି ଓ ୨ଟି ପାଣି ପଂଚାୟତରେ ୧୨ ହଜାର ଚାଷୀ ନାମ ପଞ୍ଜୀକରଣ କରିଥିବାବେଳେ ୨୨ହଜାର ୧୪୬ ଚାଷୀ ଧାନ ବିକିନପାରି ହାତ ବାନ୍ଧି ବସିଛନ୍ତି । ପ୍ରବଳ ଥଣ୍ଡାରେ ଖଳାରେ ପଡିଥିବା ଧାନକୁ ଚାଷୀ ଜଗି ରହିଛି । ଦେଖି ଅଣାଦେଖା କରୁଛି ଜିଲ୍ଲା ପ୍ରଶାସନ । ଲ୍ୟାମ୍ପସ କର୍ମଚାରୀଙ୍କର ସମସ୍ୟାର ସମାଧାନ ହେଉ ନ ଥିବା ଏହାର କାରଣ ହୋଇଛି । ଏନେଇ ଫଖନାଗୁଡାର ଚାଷୀ ତ୍ରିନାଥ ବିଷୋଇ କହିଛନ୍ତି ଯେ ଶୁକ୍ରବାର ପାଖନାଗୁଡା ଓ ଡଙ୍ଗରପାଉଁସୀରେ ମଣ୍ଡିଥିଲା । ଚାଷୀ ଧାନ ଆଣି ରଖିଥିବାବେଳେ ଆରଏମସି, ଏସଏସଜି, ପାଣିପଂଚାୟତ କି ମିଲର କେହି ବି ଧାନ ମୁଠାଏ କିଣି ନାହାନ୍ତି ।

# ଆଦିବାସୀ ଯୁବତୀକୁ ହତ୍ୟାକରି ଫେରାର ଥିବା ଯୁବକ ଗିରଫ

ମାଲକାନଗିରି,୧୯/୧୨ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ଥାନା ଅନ୍ତର୍ଗତ କାଙ୍ଗୁରକୋଣ୍ଡା ପଂଚାୟତ ପାତାକୋଣ୍ଡା ଗ୍ରାମର ଜଣେ ଯୁବତୀଙ୍କୁ ହତ୍ୟା କରାଯିବା ର ଦୀର୍ଘ ୨ ୨ ଦିନ ପରେ ପୋଲିସ ଘଟଣାର ତଦନ୍ତ କରି ଫେରାର ଥିବା ହତ୍ୟାକାରୀ ଅଭିଯୁକ୍ତକୁ ଯୁବକ କୁ ବାହାର ରାଜ୍ୟରୁ ଗିରଫ କରିବାରେ ସଫଳ ହୋଇଛିକାଲିମେଳା ପୋଲିସ । ଅଭିଯୁକ୍ତ ଜଣକ ଏମ୍ ?ଭି - ୭୩ ଗ୍ରାମର ବିକାଶ ମଣ୍ଡଳ ବୋଲି ପୁଲିସ ପ୍ରକାଶ କରିଛି ।.ସୂଚନା ଅନୁଯାୟୀ , ପାତାକୋଣ୍ଡା ଗ୍ରାମର ପଦିଆ ମାଡ଼ିଆମୀଙ୍କ ଝିଅ ପିଙ୍କି ( ୨୦ ) ନଭେମ୍ବର ୨୫ତାରିଖରେ ନିଖୋଜ ଥିଲେ,ଏହାର ଦୁଇ ଦିନ ପରେ ତଥା ନଭେମ୍ବର ୨୭ ତାରିଖରେ ପାତାକୋଣ୍ଡା ଗ୍ରାମ ଠାରୁ କିଛି ଦୂରରେ ପିଙ୍କିଙ୍କ ଶବ ପଡ଼ିଥିବା ଗ୍ରାମବାସୀ ଦେଖିବାକୁ ପାଇ ପରିବାର ଲୋକଙ୍କୁ ଖବର ଦେଇଥିଲେ ।ପରିବାର ଲୋକ ଘଟଣାସ୍ଥଳରେ ପହଂଚି ଶବ ଚିହ୍ନଟ କରିବା ପରେ ପୋଲିସ କୁ ଖବର ଦେଇଥିଲେ ।ଖବର ପାଇ କାଲିମେଳା ପୁଲିସ କୋରାପୁଟରୁ ସାଇଂଟିଫିକ୍ ଟିମ୍ ଦ୍ୱାରା ଛାନଭିନ୍ ଆରମ୍ଭ କରିଥିଲା । ମୃତ ପିଙ୍କିଙ୍କ ମୁହଁ ଓ ଶରୀର ପଛପଟେ କ୍ଷତ ଚିହ୍ନ ଥିବା ବେଳେ ମୁହଁରୁ ଫେଣ ଭଳି କିଛି ବାହାରୁଥିବା ଦେଖିବାକୁ ପାଇଥିଲେ ।ଝିଅକୁ କେହି ହତ୍ୟା କରିଥିବା ନେଇ ପିଙ୍କିଙ୍କ ବାପା ପଦିଆ କାଲିମେଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ କେସ ନଂ - ୨୯୯ ଏବଂ ଦଫା ୩୦୨ ଅନୁଯାୟୀ ମାମଲା ରୁଜୁ କରିଥିଲା ।ପ୍ରାଥମିକ ତଦନ୍ତ ପରେ ଯୁବତୀଙ୍କୁ କେହି ହତ୍ୟା କରି ଫେରାର ହୋଇ ଯାଇଥିବା ପୁଲିସ ଜାଣିବାକୁ ପାଇଥିଲା ।ପରେ ପୁଲିସ ଅଧିକ ତଦନ୍ତ କରିବା ପରେ ଏହି ହତ୍ୟାକାଣ୍ଡରେ ଜଣେ ବଙ୍ଗୀୟ ଯୁବକ ସଂପୃକ୍ତ ଥିବା ଜାଣିବା ସହ ଅଭିଯୁକ୍ତ ଜଣକ ଫେରାର ଥିବା ନେଇ ଖବର ପାଇବାପରେ ଅଭିଯୁକ୍ତକୁ ଗିରଫ କରିବା ପାଇଁ ପୁଲିସ ଜାଲ ବିଛାଇଥିଲା ।ଗତକାଲି ମାଲକାନଗିରି ସୀମାନ୍ତ ପଡୋଶୀ ରାଜ୍ୟ ଆନ୍ଧ୍ର ରୁ ଅଭିଯୁକ୍ତକୁ ଗିରଫ କରିବାରେ ସଫଳ ହୋଇଥିଲା କାଲିମେଳା ପୁଲିସ ଅଭିଯୁକ୍ତକୁ କାଲିମେଳା ଥାନାକୁ ଅଣାଯାଇ ଅଧିକ ପଚରାଉଚୁରା କରାଯାଉଥିବା ଜଣା ପଡ଼ିଛି ।

## ପୁଣେର ମାଲଶେଜ୍ ଘାଟ

**ଯଦି ବୁଲିବାକୁ ମନବଳାଇଛନ୍ତି, ତେବେ ମହାରାଷ୍ଟ୍ରର ପୁଣେରେ ଥିବା ମାଲଶେଜ୍ ଘାଟ ସବୁଠୁ ଉତ୍ତମ ବିକଳ୍ପ ହେବ । ଏହାର ମନୋରମ ସୌନ୍ଦର୍ଯ୍ୟ, ପ୍ରାକୃତିକ ପରିବେଶ, ନଦୀ, ଘରଣା, ହ୍ରଦ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ଆଦୌ ହେଳା କରନ୍ତି ନାହିଁ ।**





ମାଲଶେଜ୍ ଘାଟ ପୁଣେ ସହରଠାରୁ କିଛି ଦୂରରେ ଅବସ୍ଥିତ ଏକ ସୁନ୍ଦର ପର୍ଯ୍ୟଟନସ୍ଥଳି । ପଶ୍ଚିମଘାଟ ପର୍ବତଶୃଙ୍ଖଳାର ଉଚ୍ଚ ତଥା ଆବଡ଼ାଖାବଡ଼ା ପାହାଡ଼ରେ ଅବସ୍ଥିତ ମାଲଶେଜ୍ ଘାଟର ସୌନ୍ଦର୍ଯ୍ୟ ମନସୁନ୍ ସମୟରେ ବିଶେଷ ବଢ଼ିଯାଏ । ମନସୁନ୍ ସମୟରେ ଏଠାରେ ଥିବା ଝରଣାଗୁଡ଼ିକର ସୁନ୍ଦରତା ଏବଂ ଜଙ୍ଗଲର ସବୁଜିମା ଏତେ ଆକର୍ଷଣୀୟ ହୋଇଯାଏ ଯେ, ପର୍ଯ୍ୟଟକ ଫେରିବାର ବାଟ ଭୁଲିଯାନ୍ତି । ବର୍ଷାଦିନେ ଏହାର ପାଣିପାଗ ବେଶ୍ ମନଛୁଆଁ ଥାଏ । ପ୍ରବାସୀ ପକ୍ଷୀମାନେ ଏହି ସମୟରେ ସୁଦୂର ଅଞ୍ଚଳରୁ ଆସି ଏଠାରେ ଡେରା ପକାନ୍ତି । ସେମାନଙ୍କ କିଚିରିମିଚିରି ଶବ୍ଦ ଏବଂ କଳରବ ମନକୁ ଆନ୍ଦୋଳିତ କରିଦିଏ । ସମୁଦ୍ର ପତ୍ତନରୁ ୭୦୦ ମିଟର ଉଚ୍ଚରେ ସ୍ଥିତ ମାଇଶେଜ୍ ଘାଟ ମହାରାଷ୍ଟ୍ରର ଏଭଳି ଏକ ହିଲ ଷ୍ଟେସନ୍, ଯାହା ନିଜର ସ୍ୱଚ୍ଛ ଜଳବାୟୁ ଏବଂ ସବୁଜ ପ୍ରାକୃତିକ ପରିବେଶ ପାଇଁ ବେଶ୍ ପ୍ରସିଦ୍ଧ । ପ୍ରକୃତି ପ୍ରେମୀଙ୍କ ପାଇଁ ସ୍ଥାନଟି ଉତ୍କୃଷ୍ଟ । ମାଲଶେଜ୍ ଘାଟରେ ଏଦିନେ ଟ୍ରାକିଂ କରିବାର ଥାଏ ଅଲଗା ମଜା । ପାହାଡ଼, ଜଙ୍ଗଲ ଏବଂ ଘାଟି ରାସ୍ତାର ରମଣୀୟ ଛବି ମନକୁ ପ୍ରଫୁଲ୍ଲିତ କରିଥାଏ । ମନସୁନ୍ ସମୟରେ ଏଠାକାର ଜଳପ୍ରପାତ ପର୍ଯ୍ୟଟକଙ୍କୁ ବିଶେଷଭାବେ ଆକୃଷ୍ଟ କରିଥାଏ । ପ୍ରବାହିତ ଜଳରାଶିର ଗଦଗଦ ଶବ୍ଦ ଏବଂ ଝରଣାର କୁହୁତାନ ସୁମଧୁର ସଂଗୀତ ସ୍ୱରର ଦ୍ୱନ୍ଦ୍ୱ ସୃଷ୍ଟିକରେ । ପ୍ରକୃତିପ୍ରେମୀ ଏବଂ ପର୍ଯ୍ୟଟକଙ୍କ ପାଇଁ ଏଠାରେ ଏମିତି କିଛି ଦର୍ଶନୀୟ ସ୍ଥାନ ରହିଛି, ଯାହା ଅତ୍ୟନ୍ତ ମନଲୋଭା ।

ଶିବନେରୀ ଦୁର୍ଗ:- ମାଲଶେଜ୍ ଘାଟଠାରୁ ୪୦ କିମି ଦୂରରେ ଅବସ୍ଥିତ ଶିବନେରୀ ଦୁର୍ଗ । ଏହି ଦୁର୍ଗରେ ଛତ୍ରପତି ଶିବାଜୀ ମହାରାଜଙ୍କ ଜନ୍ମ ହୋଇଥିଲା । ଦୁର୍ଗର ପ୍ରାକୃତିକ ପରିବେଶ୍ ବେଶ୍ ମନଛୁଆଁ ।

ପିମ୍ପଲଗାଁ ଜୋଗା ବନ୍ଧ:- ମାଲଶେଜ୍ ଘାଟର ପ୍ରାକୃତିକ ସ୍ଥଳ ମଧ୍ୟରେ ପିମ୍ପଲଗାଁର ଜୋଗା ବନ୍ଧ ବେଶ୍ ମନୋରମ । ଏଠାରେ ଭ୍ରମଣ କରି ମନର କ୍ଲାନ୍ତ ମେଣ୍ଟାଇପାରିବେ । ୫ କିମି ପର୍ଯ୍ୟନ୍ତ



ଲମ୍ବିଥିବା ଏହି ଡ୍ୟାମ୍ ପୁଷ୍ପବତୀ ନଦୀ ଆଡ଼କୁ ମୁହାଁଇଛି । ପକ୍ଷୀ ବିହାର ପାଇଁ ମଧ ଏହାକୁ ଆଦର୍ଶ ସ୍ଥାନ ବୋଲି କୁହାଯାଏ । ଏଠାରେ ଅନେକ ଦୁଲର୍ଭ ପ୍ରଜାତିର ପକ୍ଷୀଙ୍କୁ ଦେଖିପାରିବେ । ଏହାଛଡ଼ା ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷର ସମାହାର ମଧ ଘଟିଛି ଏଠାରେ ।

ଅଜୋବା ହିଲ୍ ଦୁର୍ଗ:- ମାଲଶେଜ୍ ଘାଟ ଭ୍ରମଣ ସମୟରେ ବେଶ୍ ଆତ୍ମତୃପ୍ତି ଦେଇଥାଏ ଅଜୋବା ହିଲ୍ ଦୁର୍ଗ । ସ୍ଥାନଟି ପାହାଡ଼ିଆ ଅଞ୍ଚଳରେ ଆଡଭେଞ୍ଚର ପାଇଁ ସଉକିନ୍ ରଖୁଥିବା ଲୋକଙ୍କୁ ବେଶ୍ ପସନ୍ଦ ଆସିଥାଏ । ଏଠାରେ ଟ୍ରାକିଂ ଏବଂ କ୍ଲାଇମ୍ବିଂ ଭଳି ଗିତିବିଧିର ଆନନ୍ଦ ଉଠାଇପାରିବେ ।

ହରିଶ୍ଚନ୍ଦ୍ରଗଡ଼ ଦୁର୍ଗ:- ମାଲଶେଜ୍ ଜଳପ୍ରପାତ ଭ୍ରମଣ ପରେ ହରିଶ୍ଚନ୍ଦ୍ର ଦୁର୍ଗକୁ ଯାଇପାରିବେ । ସମୁଦ୍ର ପତ୍ତନରୁ ୧୪୨୪ ମିଟର ଉଚ୍ଚରେ ଅବସ୍ଥିତ ଏହି ଦୁର୍ଗ ୬ଷ୍ଠ ଶତାବ୍ଦୀ ସହ ସମ୍ପର୍କ ରଖିଛି । ଏହି ପ୍ରାଚୀନ ସ୍ଥଳ ଇତିହାସ ପ୍ରେମୀଙ୍କଠୁ ପ୍ରକୃତି ପ୍ରେମୀଙ୍କ ପର୍ଯ୍ୟନ୍ତ ସଭିଙ୍କ ମନକିଣିଥାଏ । ବିଶାଳ ସଂରଚନାରେ ପ୍ରସ୍ତୁତ ଏହି ଦୁର୍ଗକୁ ବିଭିନ୍ନ କ୍ଷେତ୍ରରୁ ସୁରକ୍ଷା ପ୍ରଦାନ କରାଯାଇଛି । ଏଠାରେ ଭଗବାନ ବିଷ୍ଣୁଙ୍କ ଏକ ମନ୍ଦିର ମଧ ରହିଛି । ଦୁର୍ଗରେ ବୌଦ୍ଧ ଧର୍ମ ସହ ଜଡ଼ିତ ଗୁମ୍ଫା ମଧ ଦେଖିପାରିବେ ।

**କେମିତି ଯିବେ:** ମାଲଶେଜ୍ ଘାଟ ପୁଣେ ଏବଂ ମୁମ୍ବାଇଠାରୁ ବେଶ୍ ନିକଟତର । ମୁମ୍ବାଇ ସ୍ଥିତ ଛତ୍ରପତି ଶିବାଜୀ ମହାରାଜା ଅନ୍ତରାଷ୍ଟ୍ରୀୟ ବିମାନବନ୍ଦର ଏଠାରୁ ମାତ୍ର ୧୫୪ କିଲୋମିଟର ଦୂର । ମୁମ୍ବାଇ ଏବଂ ପୁଣେଠାରୁ ନିକଟତର ହୋଇଥିବାରୁ ରେଳମାର୍ଗ ଏବଂ ସଡ଼କମାର୍ଗ ସହ ଏଠାକୁ ସହଜରେ ପହଞ୍ଚିପାରିବେ ।

**କେଉଁଠି ରହିବେ:** ଯଦି ସମ୍ଭବ ହୁଏ, ତେବେ ମାଲଶେଜ୍ ଯିବା ପୂର୍ବରୁ ଏଠାରେ ରହିବାର ସୁବ୍ୟବସ୍ଥା କରାଇନିଅନ୍ତୁ । କାରଣ ବର୍ଷାଦିନେ ଏଠାରେ ଭ୍ରମଣ କରିବାର ମଜା ନେବାକୁ ଅନେକ ପର୍ଯ୍ୟଟକ ବହୁପୂର୍ବରୁ ରୁମ୍ ବୁକିଙ୍ଗ କରିସାରିଥାନ୍ତି । ମହାରାଷ୍ଟ୍ର ପର୍ଯ୍ୟଟନ ବିକାଶ ନିଗମର 'ଫ୍ଲେମିଙ୍ଗୋ ହିଲ୍ସ' ହେଉଛି ଏଠାକାର ସବୁଠୁ ବଡ଼ ରିସର୍ଟ । ଏଠାରେ ରହିଲେ ଆଖପାଖର ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରିପାରିବେ ।



## ଆସୁଛି ମସ୍ତିଷ୍କ ପଢ଼ିପାରୁଥିବା ମେସିନ୍

ଆମେରିକା ବୈଜ୍ଞାନିକମାନେ ଏଭଳି ଏକ ମେସିନ୍ ତିଆରି କରିଛନ୍ତି, ଯାହା ମସ୍ତିଷ୍କକୁ ପଢ଼ିବାରେ ସକ୍ଷମ । ଏମିତିକି ମସ୍ତିଷ୍କରେ କେଉଁ କଥା ଚାଲିଛି ତାକୁ ପଢ଼ି ସାମ୍ନା ଲୋକ ଆଗରେ ପ୍ରକାଶ ମଧ କରିପାରିବ । ବୈଜ୍ଞାନିକଙ୍କ ମତରେ, ଏହି କୌଶଳ କଥାବାର୍ତ୍ତା କରିବାରେ ଅସମର୍ଥ ଥିବା ଲୋକଙ୍କ ପାଇଁ ବେଶ୍ ସହାୟକ ହେବ । ଏହି ମେସିନକୁ ତିଆରି କରିବାକୁ ସ୍ପିଚ୍ ସିନ୍ଥେସାଇଜର (କମ୍ପ୍ୟୁଟର ସାହାଯ୍ୟରେ ତିଆରି କରାଯାଇଥିବା ସ୍ୱର) ଏବଂ ଆର୍ଟିଫିଶିଆଲ ଇଣ୍ଟେଲିଜେନ୍ସର ବ୍ୟବହାର କରାଯାଇଛି ସ୍ପିଚ୍ ସିନ୍ଥେସାଇଜର ଟେକ୍ସଟ ଟୁ ସ୍ପିଚ୍ ଏବଂ ସ୍କ୍ରିନ ରିଡର ଭଳି ଟେକ୍ନିକରେ ବ୍ୟବହାର ହୋଇଥାଏ । କଲମ୍ବିଆ ୟୁନିଭର୍ସିଟିର କଲେକ୍ଟ୍ରିକାଲ ଇଞ୍ଜିନିୟର ପ୍ରଫେସର ନିମା ମେସଗରାନି ଏହି ମେସିନକୁ ତିଆରି କରିଛନ୍ତି । ଅପସ୍ମାର ବାତରେ ପୀଡ଼ିତଙ୍କ ଅନୁମତି ମିଳିବା ପରେ ପ୍ରଥମେ ଏହି ମେସିନର ପରୀକ୍ଷଣ ସେମାନଙ୍କ ଉପରେ କରାଯାଇଥିଲା । ପରୀକ୍ଷଣରୁ ସଫଳତା ପାଇବା ପରେ ବୈଜ୍ଞାନିକମାନେ ଏବେ ଏହାକୁ କଥା କହିବାରେ ଅସମର୍ଥ ଲୋକଙ୍କ ପାଇଁ ଉପଲବ୍ଧ କରିବାକୁ ପ୍ରସ୍ତୁତ ହେଉଛନ୍ତି ।



## ଚୀନ୍ ଇଂଜିନିୟରଙ୍କ ଉପାଦେୟ ହିଟର୍

ବର୍ତ୍ତମାନ ଭାରତର ଦିଲ୍ଲୀ ଓ ଚୀନ୍‌ର ବେଜିଂ ପ୍ରଦୂଷଣ ତାଲିକାରେ ଶୀର୍ଷରେ ଅଛି । ଏଠା ଗବେଷକ ଦଳ ନିଜ ପାରୁପର୍ଯ୍ୟନ୍ତ ଚେଷ୍ଟା କରି ବିଭିନ୍ନ ଧରଣର ଉନ୍ନତମାନର ଉପକରଣ ନିର୍ମଣ କରୁଛନ୍ତି, ଯାହା ପ୍ରଦୂଷଣକୁ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରିତ କରିବ । ନିକଟରେ ଚୀନ୍‌ରେ ଏକ ଜାତୀୟସ୍ତରରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା, ସେଠାକାର ପ୍ରଦୂଷଣକୁ ରୋକିବା ନିମନ୍ତେ ବିଭିନ୍ନ ଉପଯୋଗୀ ଯନ୍ତ୍ର ପ୍ରଦର୍ଶିତ ହୋଇଥିଲା । ତନ୍ମଧ୍ୟରେ ଥିଲା ଏକ ଉପଯୋଗୀ ହିଟର୍ । ଶୀତଦିନରେ ଏଇ ହିଟର୍ କକ୍ଷକୁ ଉଷୁମ କରିବ ବୋଲି ଇଂଜିନିୟରଙ୍କ ମତ । ବ୍ୟାଟେରୀ, ବିଦ୍ୟୁତ, ତେଲ, ଗ୍ୟାସ୍ ଇତ୍ୟାଦ୍ୟରେ ଏଇ ହିଟର୍ ଚାଳିତ ହେବା ସହ ବିଭିନ୍ନ ସାଇଜ୍‌ର ମିଳିପାରିବ । ପରିବାରର ସଂଖ୍ୟା ଅନୁସାରେ ଜଣେ ବ୍ୟକ୍ତି ଏହି ହିଟର୍ କିଣିବ । ୨ ହଜାର ଟଙ୍କାରୁ ୫୫ ହଜାର ଟଙ୍କା ପର୍ଯ୍ୟନ୍ତ ହିଟର୍ ମିଳିବ ବୋଲି ପ୍ରକାଶ । ଖୁବ୍ ଶୀଘ୍ର ଆମ ରାଜଧାନୀ ଦିଲ୍ଲୀରେ ଏଇ ହିଟର୍ ବିକ୍ରି ଆରମ୍ଭ ହେବ ବୋଲି କମ୍ପାନୀ ତରଫରୁ ସ୍ପଷ୍ଟ କରାଯାଇଛି ।



## ଅଁଳା ଆଚାର



**ପ୍ରସ୍ତୁତି ସାମଗ୍ରୀ:** ଅଁଳା ୧କିଲୋ, କାଗିଜିଲେମ୍ବୁ ୪ଟି, ଗୋଲମରିଚ ୨ଚାମଚ, ଲୁଣ ବିଟଲୁଣ ପରିମାଣ ମୁତାବକ ।

**ପ୍ରଣାଳୀ:** ଅଁଳା ଏବଂ କଗିଜିଲେମ୍ବୁରୁ ମଞ୍ଜି ବାହାର କରି ନେଇ ଖରାରେ ଶୁଖାଇ ଦିଅନ୍ତୁ । ଏହା ପୁଚରା ଖଡ଼ ଖଡ଼ ହୋଇଗଲେ । ଏହାକୁ ଶିଳ କିମ୍ବା ହେମଦସ୍ତାରେ କୁଟି ଭଲଭାବେ ଗୁଣ୍ଡ କରିନିଅନ୍ତୁ । ଅଁଳାଚୁରା, ବିଟଲୁଣ, ଗୋଲମରିଚ ଚୁରା ଓ ଲେମ୍ବୁ ରସ ମିଶାଇ ଖରାରାରେ ଶୁଖାଇବେ । ଏହା ପୁରା ଶୁଖିଗଲେ ଏହାକୁ ପୁଣିଥରେ ଶିଳରେ ଚୁରିନେଇ, ବୋତଲରେ ରଖିଷବ । ଭାତ ଖାଇବା ପୂବରୁ ଏହାକୁ ୧ଚାମଚ ଖାଇଲେ ଏହା ହଜମ ଶକ୍ତି ବୃଦ୍ଧି କରିଥାଏ ।

## ରଙ୍ଗବେରଙ୍ଗର ଉଡ଼ାଜାହାଜ

ଯାତ୍ରୀଙ୍କୁ ଆକୃଷ୍ଟ କରିବା ନିମନ୍ତେ ବିମାନ କମ୍ପାନୀମାନେ ବେଶ୍ ଆକର୍ଷଣୀୟ ପଦକ୍ଷେପ ନେଇଥାନ୍ତି । ଆମମାନଙ୍କ ମଧ୍ୟରୁ ଅଧିକାଂଶ ନୀଳ, ଧଳା, ଧଳା-ଲାଲ ମିଶ୍ରିତ ରଙ୍ଗର ଉଡ଼ାଜାହାଜରେ ଉଡ଼ାଣ ଭରିଛେ । ବିଶ୍ୱର ପ୍ରମୁଖ ପ୍ରାନ୍ତରେ କିନ୍ତୁ ବିଭିନ୍ନ ରଙ୍ଗବେରଙ୍ଗର ଉଡ଼ାଜାହାକଜକୁ ଯାତ୍ରୀ ସେବାରେ ଲଗାଯାଇଥିବାର ଦେଖାଯାଇଚି । ଚୀନର ସିଞ୍ଚୁଆନ୍ ଏୟାରଲାଇନ୍ସରେ ଏକ ଉଡ଼ାଜାହାଜର ନାମ ହେଉଛି 'ପାଣ୍ଡା ବିମାନ' । ଦୁଇଟି ପଶୁଙ୍କ ରଙ୍ଗ ଅନୁସାରେ ଏହାର ବାହ୍ୟ ଭାଗ ରଙ୍ଗ ଦିଆଯାଇଛି । ଛୋଟ ପିଲା ଓ ଯୁବପିଢ଼ି ଏଇ ସ୍ୱତନ୍ତ୍ର ପାଣ୍ଡହ ବିମାନରେ ଯାତ୍ରା କରିବାକୁ ଖୁବ୍ ଆଗ୍ରହ ପ୍ରକାଶ କରନ୍ତି । ଚୀନରେ ବିଦ୍ୟାଳୟ ଛୁଟି ସମୟରେ ଏଇ ବିମାନ ଟିକଟ୍ ପାଇଁ ଗ୍ରାହକଙ୍କ ମଧ୍ୟରେ ସବୁଠୁ ଅଧିକ ଉତ୍ସାହ ଦେଖାଯାଇଥାଏ ।

ଏୟାର ଫ୍ରାନ୍ସ ନିକଟରେ ଏକମାତ୍ର ଏହିପରି ରଙ୍ଗିନ୍ ଉଡ଼ାଜାହାଜ ଅଛି, ଯାହାର ବାହାରରେ ମୃଦୁ ଶୀତଳ ପାନୀୟ ପେପ୍ସିର ଡିଜାଇନ୍



କରାଯାଇଛି । ଏୟାରକ୍ରଫ୍ଟ ନିର୍ମାଣକାରୀ କମ୍ପାନୀ ଏମ୍ବ୍ରେୟରର ବିମାନ ଇ -୧୯୦ ଇ୨ ଜେଟକୁ ଗତ ବର୍ଷ ଶାର୍କ ଥିମରେ ରଙ୍ଗ କରାଯାଇଥିଲା । ଏହି କମ୍ପାନୀର ଅନ୍ୟ ଏକ ବିମାନକୁ ବାଘ ରଙ୍ଗରେ ଡିଜାଇନ୍ କରାଯାଇଛି । ବିମାନରେ ସମ୍ମୁଖ ଭାଗ ବାଘ ମୁହଁ ପରି ଅବିକଳ ଦେଖାଯାଇଥାଏ ।

## ସଙ୍କଟରେ ଘରଚଟିଆ

'ଘରଚଟିଆ'; ନାଁ ରୁ ବାରିହୋଇ ପଡୁଛି ଏହାର ପରିଚୟ ଘର ସହ ଜଡ଼ିତ ରହିଛି । କିନ୍ତୁ ଆକଳନରୁ ଜଣାପଡ଼ିଛି, ଘର ଚଟିଆ ସଂଖ୍ୟା ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି । 'ରୟାଲ ସୋସାଇଟି ଫର ଦି ପ୍ରୋଟେକ୍ସନ୍ ଅଫ୍ ବାର୍ଡ'ର ସର୍ଭେ ମୁତାବକ, ଗତ ୪୦ ବର୍ଷ ମଧ୍ୟରେ ଅନ୍ୟ ପକ୍ଷୀଙ୍କ ତୁଳନାରେ ଘରଚଟିଆଙ୍କ ସଂଖ୍ୟାରେ ୬୦ ପ୍ରତିଶତ ହ୍ରାସ ଆସିଛି । ବିଶ୍ୱସ୍ତରରେ ଘରଚଟିଆଙ୍କର ପ୍ରାୟ ୨୬ଟି ପ୍ରଜାତି ଦେଖିବାକୁ ମିଳିଥାଏ; ତନ୍ମଧ୍ୟରୁ ୫ପ୍ରକାର କେବଳ ଭାତରରେ ଅଛନ୍ତି । ଭାରତରେ ଏମାନଙ୍କ ସ୍ଥିତି ଜାଣିବାକୁ ବମ୍ବେ ନାଚୁରାଲ ହିଷ୍ଟ୍ରି ସୋସାଇଟି ନିକଟରେ ଏକ ଅନାଇନ ସର୍ଭେ ଆରମ୍ଭ କରିଥିଲା । ଏଥିରେ ୭ବର୍ଷରୁ ନେଇ ୯୧ ବର୍ଷ ପର୍ଯ୍ୟନ୍ତ ୫୭୦୦ ପକ୍ଷୀପ୍ରେମୀ ସାମିଲ ହୋଇଥିଲେ । ସର୍ଭେରୁ ଜଣାପଡ଼ିଲା, ବେଙ୍ଗାଲୁରୁ ଏବଂ ଚେନ୍ନାଇରେ ଘରଚଟିଆଙ୍କୁ ଦେଖିବା ଏବେ ସ୍ୱପ୍ନ ପାଲଟିଯାଇଛି । ମୁମ୍ବାଇରେ କିଛି ମାତ୍ରାରେ ଏମାନଙ୍କୁ ଲୋକେ ଦେଖୁଛନ୍ତି । ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନରେ ମଧ ଏମାନଙ୍କ ସୁରକ୍ଷା ପାଇଁ ପକ୍ଷୀ ସଂରକ୍ଷଣ ଆରମ୍ଭ ହୋଇଛି । ଏଭଳି ଭାବେ ଘରଚଟିଆଙ୍କ ସଂଖ୍ୟା ହ୍ରାସ ପାଉଥିବା ଦେଖି ପକ୍ଷୀ ବିଜ୍ଞାନୀମାନେ ଚିନ୍ତା ପ୍ରକଟ କଲେଣି ।



## ଶିଶୁ ଧରିପାରିବେ ଭୁଲ୍



ଭୁଲ କଥା ବିଷୟରେ ଜାଣିବାକୁ ବୟସ ଏବଂ ଜ୍ଞାନ ସେହିଭଳି ହୋଇଥିବା ଦରକାର । କିନ୍ତୁ ଜଣେ ଶିଶୁ କ'ଣ ଭୁଲ୍ ବିଷୟରେ ସୂଚନା ଦେଇ ପାରିବ ? ଏକଥା ହୁଏତ ଅନେକଙ୍କୁ ଆଶ୍ଚର୍ଯ୍ୟ କରିପାରେ, ହେଲେ ତାହା ସତ । ଏ ସମ୍ପର୍କରେ ଏକ ସଦ୍ୟତମ ଗବେଷଣାର ସୂଚନା ମିଳିଛି । ସିଙ୍ଗାପୁରସ୍ଥିତ ନାନୟାଙ୍ଗ ଟେକ୍ନୋଲୋଜିକାଲ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ ମାତ୍ର ଅଢ଼େଇବର୍ଷରୁ କମ ବୟସ୍କ ଶିଶୁଙ୍କୁ ଅନ୍ତର୍ଭୁକ୍ତ କରିଥିଲେ । ସେମାନଙ୍କୁ କେତେକ ଭୁଲ୍ କଥା କହିବା ସମୟରେ ସେମାନେ ତାହାକୁ ଧରିପାରିଥିଲେ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

ବିଭିନ୍ନ କଥା ଶୁଣିବା ସମୟରେ ସେମାନଙ୍କ ମଧ୍ୟରୁ କେତେକ ପ୍ରତିଟି କଥାକୁ ଧ୍ୟାନର ସହ ଶୁଣିଥାଆନ୍ତି । ଭୁଲ କଥା ଶୁଣିବା ପରେ କେତେକ ପ୍ରତିକ୍ରିୟାଶୀଳ ହୋଇଥାଆନ୍ତି ବୋଲି ମନୋବିଜ୍ଞାନୀମାନେ ପ୍ରକାଶ କରିଛନ୍ତି । ଅପରପକ୍ଷରେ ଏହା ସମ୍ପୂର୍ଣ୍ଣ ଭାବରେ ସେମାନଙ୍କର ମାନସିକ ବିକାଶ ଉପରେ ହିଁ ନିର୍ଭର କରିଥାଏ । ସେଥିପାଇଁ ପିଲାଙ୍କର ମାତାପିତା ଏବଂ ପରିବେଶର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥାଏ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର | ୪

୨୦ ଡିସେମ୍ବର ୨୦୨୧, ସୋମବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଓମିକ୍ରନ୍ ଓ ଭବିଷ୍ୟତ......

ଓମିନ୍- କରୋନା ବା ସାର୍ସ-ସିଓଭି-୨ ଯାହା କୋଭିଜ୍-୧୯ ନାମରେ ମଧ୍ୟ ପରିଚିତ, ତା'ର ଏହି ନୂଆ ଭାରିଆଣ୍ଟ୍ ବିଶ୍ୱର ଅର୍ଦ୍ଧଶତ ରାଷ୍ଟ୍ରଙ୍କ ପାଇଁ ଚିନ୍ତାର କାରଣ ପାଲଟି ଗଲାଣି । ଭାରତରେ କରୋନା ମହାମାରୀର ଦ୍ୱିତୀୟ ଲହର ଯେଉଁ ଭୟାନକ ଅବସ୍ଥା ସୃଷ୍ଟି କରିଥିଲା, ତାହା ଏବେ ସୁଦ୍ଧା ଲୋକଙ୍କ ମନରୁ ଯାଇନାହିଁ । ତେଣୁ ଓମିକ୍ରନ୍ ପାଇଁ ବେଳହୁଁ ସାବଧାନ ନହେଲେ ଦ୍ରୁତଗତିରେ ବ୍ୟାପିବାର ସାମର୍ଥ୍ୟ ରଖୁଥିବା ଏହି ଭାରିଆଣ୍ଟ୍ ଆଉ ଏକ ଦ୍ୱିତୀୟ ଲହରକୁ ଡାକି ଆଣିପାରେ । ଏହି ଭାରିଆଣ୍ଟର ଉଚ୍ଚ ସ୍ତରର ଉତ୍ସଖତା (ଆଣ୍ଟିବଡି ପରୀକ୍ଷା କରୁଥିବା ସରୋପ୍ରଭାଲେନ୍ସ ସର୍ଭେରେ ଯେପରି ସୂଚାଇ ଦିଆଯାଇଛି), ସହାୟତା କରିବାର ସମ୍ଭାବନା ବହନ କରୁଥିବା ବେଳେ, ବିଶ୍ୱର ଅନ୍ୟାନ୍ୟ ଭାଗରେ ଯାହାସବୁ ଘଟୁଛି, ଭାରତ ସେଥିରୁ ଯାଦୁକରୀ ଢଙ୍ଗରେ ସୁରକ୍ଷିତ ରହିଯିବ ବୋଲି ଭାବିବା ବୋକାମିର ପରିଚାୟକ ହେବ। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଓମିନ୍ ଭାରତର ଆଠ ଗୋଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ତା'ର ଉପସ୍ଥିତି ଜାହିର କରି ସାରିଥିବା ଜଣାପଡ଼ିଛି । ଏବଂ ଏଥିରେ ଆକ୍ରାନ୍ତଙ୍କ ସଂଖ୍ୟା ଉପରୋକ୍ତ ସମୟ ସୁଦ୍ଧା ୫୦କୁ ଅତିକ୍ରମ କରିଥିବା ବେଳେ ଏହି ସଂଖ୍ୟା କେତେ ଶୀଘ୍ର ଅଧିକ ହେବ ବା କମିବ, ତାହା କେବଳ ସମୟ ହିଁ କହି ପାରିବ। ମହାମାରୀର ପ୍ରଥମ ଦୁଇ ଲହରକୁ ପ୍ରତ୍ୟକ୍ଷ କରି ସାରିଥିବା ଦେଶ ପାଇଁ ଏହି ଭାରିଆଣ୍ଟର ସଫଳ ମୁକାବିଲା ନିମନ୍ତେ ପ୍ରଥମତଃ ଯଦି ରୋଗର ପରୀକ୍ଷା-ଚିହ୍ନଟ ଏବଂ ସଙ୍ଗରୋଧ ବ୍ୟବସ୍ଥାକୁ ଆପଣା ଯିବାର ଅଛି ତ ତା' ହେଲେ ବର୍ତ୍ତମାନ ପ୍ରକୃଷ୍ଟ ସମୟ ଉପଗତ ହୋଇଛି, ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବା ଉଚିତ । ବାହାର ଦେଶରୁ ଭାରତକୁ ଆସୁଥିବା ଲୋକମାନଙ୍କୁ କଡ଼ାକଡ଼ି ଭାବରେ ପରୀକ୍ଷା କରାଯିବା ଉଚିତ ; ଯଦି କେହି ପଜିଟିଭ ଜଣା ପଡ଼ନ୍ତି, ତା' ହେଲେ ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିମାନଙ୍କୁ ତୁରନ୍ତ ଚିହ୍ନଟ କରି ସଂକ୍ରମିତ ଓ ଉନ୍ମୁଖ ଥିବା ବ୍ୟକ୍ତିମାନଙ୍କୁ ତୁରନ୍ତ ଦ୍ୱାରେଣ୍ଟାଇନ୍‌ରେ ରଖାଯିବା ଉଚିତ। ଦ୍ୱିତୀୟରେ ସିକ୍ୟୁଏନ୍ସ ହେଉଥିବା ସଂକ୍ରାମକ ଜେନୋମଗୁଡ଼ିକର ସଂଖ୍ୟାକୁ ବୃଦ୍ଧି କରାଯିବା ଉଚିତ। ଏବେ ସୁଦ୍ଧା ସଂକ୍ରମିତ ବ୍ୟକ୍ତିଙ୍କ ସଂଖ୍ୟା କମ୍ ହୋଇଥିବାରୁ ଭୂତାଣୁ ନିମନ୍ତେ ପଜିଟିଭ ବୋଲି ଜଣା ପଡ଼ିବା ପରେ ଫେରୁଥିବା ନମୁନାଗୁଡ଼ିକର ସିକ୍ୟୁଏନ୍ସ କରାଯାଇପାରେ । ଯଦି ସଂକ୍ରମିତ ବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧି ପାଏ, ତା'ହେଲେ ତାହା ସୁନିଶ୍ଚିତ କରାଇ ପାରିବ ଯେ ଲୋକସଂଖ୍ୟାର ଏକ ପ୍ରତିନିଧିମୂଳକ ନମୁନା ପରୀକ୍ଷା କରାଯାଉଅଛି । ତୃତୀୟରେ ଯେଉଁମାନେ ଟିକାର ଦୁଇଗୋଟିଯାକ ଡୋଜ୍ ନେଇ ସାରିଛନ୍ତି, ସେମାନଙ୍କୁ ତୁରନ୍ତ ଏକ ବୁଷ୍ଟର ଡୋଜ୍ ଦେବାର ପ୍ରସ୍ତାବକୁ ଅନୁମୋଦନ କରାଯିବା ବୁଦ୍ଧିମତ୍ତାର ପରିଚାୟକ ହେବ । ଏକ ବିଶେଷଜ୍ଞ ଦଳ ହୁଏତ ଏକ ମିଶ୍ରିତ ଡୋଜ୍‌ର ପରାମର୍ଶ ଦେବାର ସମ୍ଭାବନା ଥିଲା ବେଳେ ଟିକାର ଉପଲବ୍ଧତା ହୁଏତ ଏଥିପାଇଁ ଅସୁବିଧା ସୃଷ୍ଟି କରିପାରେ । କୋଭିସିଲ୍ଡ ଯେହେତୁ ଦେଶର ଟିକାକରଣର ମୁଖ୍ୟ ଆୟୁଧ ଏବଂ ପ୍ରତି ମାସରେ ୨୫୦ ମିଲିଅନ୍ ଡୋଜ୍ ଉପଲବ୍ଧ ହେବ, ତେଣୁ ବୁଷ୍ଟର ଡୋଜ୍ ନିମନ୍ତେ ଏହାକୁ ଗ୍ରହଣ କରାଯାଇପାରେ । ଚତୁର୍ଥରେ ଦେଶ ଏହାର ଟିକାକରଣ କାର୍ଯ୍ୟକ୍ରମର ସମ୍ପ୍ରସାରଣ କରି ଏଥି ମଧ୍ୟରେ ନିହାତି କମ୍‌ରେ ୧୨ରୁ ୧୮ ବର୍ଷ ବୟସର ପିଲାମାନଙ୍କୁ ସାମିଲ କରିବା ଉଚିତ । ଯେଉଁ ଛୋଟ ପିଲାମାନଙ୍କ ପ୍ରତି ବିପଦର ସ୍ୱଚ୍ଛ ସମ୍ଭାବନା ରହିଛି, ସେମାନଙ୍କୁ କିଛିଦିନ ଅପେକ୍ଷା କରାଯାଇପାରେ । ଏବଂ ସର୍ବୋପରି, ସରକାର ଓ ଜନସାଧାରଣ ପ୍ରଥମ ଓ ଦ୍ୱିତୀୟ ଲହର ମଧ୍ୟରେ ଯାହା ଘଟି ଯାଇଥିଲା, ତାହା ମନେ ରଖୁବା ଉଚିତ ଏବଂ ଏହି ଭାରିଆଣ୍ଟକୁ ଆଦୌ ହାଲକା ଭାବରେ ନେବା ଉଚିତ ନୁହେଁ କି ଯେଉଁମାନେ ଟିକା ନେଇଛନ୍ତି, ସେମାନେ ମଧ୍ୟ ରୋଗ ସେମାନଙ୍କୁ ଆକ୍ରମଣ କରିବ ନାହିଁ ବୋଲି ସନ୍ତୁଷ୍ଟ ହୋଇ ରହିଯିବା ଅନୁଚିତ । ତେଣୁ ପ୍ରତ୍ୟେକ ବ୍ୟକ୍ତି ପୂର୍ବ ଭଳି ମାସ୍କ ପରିଧାନ କରିବା, ସାମାଜିକ ଦୂରତା ରକ୍ଷା କରିବା ଏବଂ ମୁକ୍ତ ବାୟୁ ଚଳାଚଳ ସ୍ଥାନକୁ ପସନ୍ଦ କରିବା ଉଚିତ, କାରଣ ଏହା ସେମାନଙ୍କୁ ଭୂତାଣୁ ଆକ୍ରମଣରୁ ସୁରକ୍ଷା ଦେବା ସହିତ ନୂଆ ଭାରିଆଣ୍ଟର ପ୍ରସାର ଗତିକୁ ପ୍ରତିହତ କରିବାର ସମ୍ଭାବନା ରଖେ। ନିକଟରେ ଦେଶର କୋଭିଡ୍ ଟାସ୍କ ଫୋର୍ସର ମୁଖ୍ୟ ଭିକେ ପଲ୍ କହିଛନ୍ତି ଯେ ଆମ ନିକଟରେ କୋଭିଜ୍-୧୯ର ଘନ ଘନ ପରିବର୍ତ୍ତନକାରୀ ଭାରିଆଣ୍ଟ୍ ସହିତ ଖାପ ଖୁଆଇବା ଭଳି ମଞ୍ଚ ରହିବା ଉଚିତ । ଭବିଷ୍ୟତର ଉଦୀୟମାନ ପରିସ୍ଥିତିରେ ଭାରତୀୟ ଟିକାଗୁଡ଼ିକ ହୁଏତ ଅକାମି ହୋଇଯାଇ ପାରେ ବୋଲି ସେ ସାବଧାନ କରାଇ ଦେଇଛନ୍ତି ।

## ମନେପଡ଼େ, ପୋଷ୍ଟକାର୍ଡ଼ରେ ସମ୍ବାଦ ଲେଖି ପଠାଇବାର ଘଟଣା...



ଶୃତିଧର ଜେନାଙ୍କ ଏକାଦଶାହ ଉପଲକ୍ଷେ

**ସୁବ୍ରତ କୁମାର ମହାନ୍ତି**

ଶୃତିଭାଇ ଚାଲିଗଲେ । ଶୁଣିବା ମାତ୍ରେ ମୁଁ ଖୁବ ଆଶ୍ଚର୍ଯ୍ୟ ହୋଇଗଲି । ସେ ସମ୍ପୂର୍ଣ୍ଣ ସୁସ୍ଥ ଥିଲେ । ଧିର, ନମ୍ର, ସ୍ୱଭାବ ସାଙ୍ଗକୁ ତାଙ୍କର ଚାଲି ଚଲଣି, କଥା ବାର୍ତ୍ତା ସବୁକିଛି ଆଖି ଆଗରେ ନାଚି ଯାଉଛି । ତାଙ୍କର ପୁରା ନାମ ଶୃତିଧର ଜେନା । ବୟସରେ ଯଦିଓ ସେ ମୋ ବାପାଙ୍କ ବୟସର, ତେବେ ମୁଁ ତାଙ୍କୁ ଶୃତିଭାଇ ବୋଲି ସବୁଦିନ ଡ଼ାକେ । ଶ୍ରୀ ମା ଶ୍ରୀ ଅରବିନ୍ଦଙ୍କ ପାଠଚକ୍ରର ମୁଁ ଓ ଶୃତି ଭାଇ ସଦସ୍ୟ ଥିଲୁ । ଏହି ପାଠ ଚକ୍ରକୁ ଯେଉଁମାନେ ସବୁ ଆସନ୍ତି, ସେମାନେ ସମସ୍ତେ ପରସ୍ପରକୁ ଅପା, ଭାଇ ବୋଲି ସମ୍ବୋଧନ କରି ଡ଼ାକନ୍ତି । ସେବେ ଠାରୁ ଶୃତି ଭାଇଙ୍କୁ ମୁଁ ଭାଇ ବୋଲି ସମ୍ବୋଧନ କରି ଡ଼ାକି ଆସିଛି । ମୋର ପିଲାଦିନେ ଦେଖୁଛି ଉଦଳା ବଜାର ମଝିରେ ଶୃତି ଭାଇଙ୍କର 'ଚିନ୍ମୟୀ ପ୍ରେସ' ନାମରେ ଏକ ଦୋକାନ ଥିଲା ଶିଶା ଅକ୍ଷରକୁ ଯୋଖି ସେ ସମୟରେ ବ୍ଲକ ତିଆରି କରାଯାଏ ଓ ନିମନ୍ତ୍ରଣ ପତ୍ର, ପୁସ୍ତକ ଇତ୍ୟାଦି ଛପାଯାଏ । ଅନେକ ସମୟରେ ମୁଁ ଏଠାକୁ ଆସି କାମ ଦେଖେ । ସେତେବେଳେ ସମଗ୍ର କପ୍ତିପଦା ଉପଖଣ୍ଡରେ ଏହାଥିଲା ଏକମାତ୍ର ଛପା କଳ । କିଛିଦିନ ପରେ ବାଲେଶ୍ୱରରୁ ପ୍ରକାଶ ପାଉଥିବା ଖବର କାଗଜ 'କାଳାନ୍ତର'ର ପ୍ରକାଶକ ରାୟଶ୍ରୀ ଉପେନ୍ଦ୍ର ପ୍ରସାଦ ଏଠାକୁ ଆସିଥିଲେ ଓ ଶୃତି ଭାଇଙ୍କୁ ଉଦଳାର ସାମ୍ବାଦିକ ଭାବରେ ନିଯୁକ୍ତି ଦେଲେ । ସେ ସମୟରେ ପୋଷ୍ଟ କାର୍ଡ଼ରେ ସମ୍ବାଦ ଲେଖି ପଠାଯାଉଥାଏ । ଶୃତି ଭାଇ ପୋଷ୍ଟ କାର୍ଡ଼ରେ ସମ୍ବାଦ ଗୁଡ଼ିକୁ ଉତ୍ତାରିବା ଓ ଠିକଣା ଲେଖି ଡ଼ାକ ବାକ୍ସରେ ପକାଇବା ଦାୟିତ୍ୱ ମତେ ଦେଇଥାନ୍ତି । ଚାହୁଁ ଚାହୁଁ ମୋର ବୟସ ୧୮ ଛୁଇଁଲା । ଭୋଟ ଦେବା ପାଇଁ ଭୋଟର ତାଲିକାରେ ମୋର ନାମ ଉଠିଲା । ସେତେବେଳେ ବିଜୁ ପଟ୍ଟନାୟକ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥାଆନ୍ତି । ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳଙ୍କୁ ସିଧାସଳଖ ଲୋକେ ଭୋଟ ଦେଇ ବାଛିବାର ଘୋଷଣା ହେଲା । ଶୃତି ଭାଇ ମାଠିଆ ଚିହ୍ନରେ ସ୍ୱାଧିନ ପ୍ରାର୍ଥି ଭାବରେ ନଗରପାଳ ପାଇଁ ପ୍ରାର୍ଥି ହୋଇଥିଲେ । ମୁଁ ଶୃତି ଭାଇଙ୍କ ପାଇଁ ପ୍ରଚାର କରୁଥିଲି ଓ ଭୋଟ ମଧ୍ୟ ଦେଇଥିଲି । କିଛି ବର୍ଷ ପରେ ଶୃତି ଭାଇ ଏକ ସ୍ୱେଚ୍ଛାସେବୀ ସଂଗଠନ ଗଠନ କରି ଶରତରେ ଲୋକଙ୍କ ସେବାରେ ଲାଗିଲେ । ଠିକ୍ ସେହି ସମୟରେ ମୁଁ ମଧ୍ୟ ଉଦଳା ଆଇ.ଟି.ଡ଼ି.ଏ. ଦ୍ୱାରା ଶରତ ଠାରେ ଖୋଲା ଯାଇଥିବା ଭୋକେସନାଲ ଟ୍ରେନିଂ ସେଣ୍ଟରରେ ଚାକିରି ପାଇଲି । ଶରତରେ ଶୃତି ଭାଇ ଓ ମୁଁ ପାଖାପାଖି ୫ ବର୍ଷ ଏକାଠି ଥିଲୁ । ଏହାପରେ ଖାରବେଳ ସ୍ୱାଇଁ ଭାରତୀୟ ଜନତା ପାର୍ଟି ଛାଡ଼ି 'ଉତ୍କଳ ଭାରତ' ନାମକ ଏକ ନୂଆ ଦଳ ଗଠନ କରିଥାନ୍ତି । ଉତ୍କଳ ଭାରତର ମୁଁ ଉଦଳା ନଗର ସଭାପତି ଦାୟିତ୍ୱରେ ଥିବା ବେଳେ ଶୃତି ଭାଇ ଉଦଳା ବ୍ଲକ ସଭାପତି ଦାୟିତ୍ୱରେ ଥିଲେ । ଖାରବେଳ ସ୍ୱାଇଁ ବାରମ୍ବାର ଉଦଳା ଆସନ୍ତି ଓ ଶୃତି ଭାଇଙ୍କ ଘରେ ବୈଠକ କରନ୍ତି । ଏଇ ଭଳି ଶୃତି ଭାଇଙ୍କ ସହିତ ଦୀର୍ଘ ଦିନ ସମୟ ଅତିବାହିତ କରିଛି । ଆଜି ତାଙ୍କ ଏକାଦଶାହରେ ସେହି ଅମର ଆତ୍ମାର ସଦ୍‌ଗତି କାମନା କରି ରହୁଛି ।


+ ଉଦଳା, ମୟୂରଭଂଜ
ମୋ-୯୮୬୧୮୨୪୩୨୨


## ସନାତନ ଧର୍ମ: ଯାହାର ଆଦି ଅନ୍ତ ନାହିଁ



**ଗୋପାଳ ମହାପାତ୍ର**

ସନାତନ ଧର୍ମ ଓ ହିନ୍ଦୁ ସଂସ୍କୃତିଙ୍କୁ ନେଇ ଅନେକ ସମୟରେ ଆଲୋଚନା ଚାଲେ। ଅନେକେ ମଧ୍ୟ ଭିନ୍ନ ଭିନ୍ନ ମତ ଦେଇଥାନ୍ତି। ପ୍ରକୃତରେ ସନାତନର ଅର୍ଥ ହେଉଛି ଯାହା ସଦୈବ ବା ଆବାହମାନ କାଳରୁ ରହିଆସିଛି ଓ ସଦୈବ ରହିବ। ଯାହାର ନା ପ୍ରାରମ୍ଭ ଅଛି ନା ଅନ୍ତ ଅଛି ଏବଂ ଯାହା ସବୁବେଳେ ନବୀନ ବା ନୂଆ ଭଳି ରହିଛି। ସନାତନ ଧର୍ମକୁ ହିନ୍ଦୁ ଧର୍ମ ବୋଲି କୁହାଯାଇଥାଏ। ତଥ୍ୟ ଅନୁସାରେ ସିନ୍ଧୁ ନଦୀର ଅବବାହିକାରେ ବସବାସ କରୁଥିବା ଲୋକଙ୍କୁ ହିନ୍ଦୁ କୁହାଗଲା ଓ ପରେ ସେମାନଙ୍କ ଧର୍ମକୁ ହିନ୍ଦୁ ଧର୍ମ ବୋଲି କୁହାଗଲା। ଭୌଗୋଳିକ ଆଧାରରେ ଧର୍ମର ନାମକରଣ 'ହିନ୍ଦୁ ଧର୍ମ' ହୋଇଯାଇଥିଲା। ଏଥିପୂର୍ବରୁ କିନ୍ତୁ ଧର୍ମର ବିଶେଷତା କାରଣରୁ ଏହାର ନାମ ସନାତନ ଧର୍ମ ଥିଲା। ସବୁ ଧର୍ବାବଲମ୍ବୀ ନିଜ ନିଜର ଧର୍ମକୁ ନେଇ ଗର୍ବ କରିଥାନ୍ତି ଏବଂ ତାକୁ ସବୁଠାରୁ ଶ୍ରେଷ୍ଠ ବୋଲି କହିଥାନ୍ତି। ଏଣୁ ମନେ ହୁଏ ଯେ ଆର୍ଯ୍ୟମାନେ ସେମାନଙ୍କର ଆସ୍ଥା ଏବଂ ବିଶ୍ୱାସ କାରଣରୁ ତାଙ୍କ ଧର୍ମକୁ ସନାତନ କହିବା ଆରମ୍ଭ କରିଦେଇଥିଲେ କିନ୍ତୁ ଏ ବାବଦରେ ଅଧିକ ତର୍ଜମା କଲେ ଜଣାପଡ଼େ ଯେ, ହିନ୍ଦୁ ଧର୍ମ ଯେଉଁ ତଥ୍ୟ ଏବଂ ସିଦ୍ଧାନ୍ତ ଉପରେ ଆଧାରିତ ତାହା ମାନବ ନିର୍ମିତ ନୁହେଁ ଏହା ସ୍ୱୟଂ ଅସ୍ତିତ୍ୱକୁ ଆସିଛି। ଏହା ସୃଷ୍ଟିର ସ୍ୱାଭାବିକ ଧର୍ମ ଅଟେ। ଏଣୁ ଏହା ସନତନ। ପ୍ରଥମେ ବିଜ୍ଞାନ କଥା ଭାବିବା। ପ୍ରକୃତିର ନିୟମ ସ୍ୱୟଂ ହିଁ ସୃଷ୍ଟି ହୋଇଥାଏ। ପ୍ରକୃତିର ନିୟମକୁ ଆମେ ଜାଣୁ ବା ନଜାଣୁ ପ୍ରକୃତି ସ୍ୱୟଂ ସୃଷ୍ଟ ନିୟମରେ ହିଁ ଚାଲିଥାଏ। ପ୍ରକୃତିର ଏହି ନିୟମ ବାବଦରେ ଅନୁସନ୍ଧାନ ହିଁ ବିଜ୍ଞାନ। ଯେତେବେଳେ ମଣିଷ ଗୁରୁତ୍ୱା କର୍ଷଣ ଉପରେ କିଛି ଜାଣିନଥିଲା। ସେତେବେଳେ ମଧ୍ୟ ଗଛରୁ ଫଳ ତଳକୁ ଖସୁଥିଲା। ନିୟମ ନଜାଣି ମଧ୍ୟ ପକ୍ଷୀ ଆକାଶରେ ଉଡୁଥିଲେ। ବିଜ୍ଞାନର ନିୟମ ଏହି ବ୍ରହ୍ମାଣ୍ଡରେ ସାର୍ବଭୌମିକ ଅଟେ। ଆମେରିକା ଏବଂ ଭାରତର ଭୌତିକ ବିଜ୍ଞାନ ଏକାପରି। ଆଫ୍ରିକା ଏବଂ ୟୁରୋପର ରୟାସନ ଶାସ୍ତ୍ର ମଧ୍ୟ ଏକା ଭଳି। ପୁରା ପୃଥବୀର ଜୀବବିଜ୍ଞାନ ମଧ୍ୟ ଏକ୍। କେହି କେବେ କହିପାରିବ ନାହିଁ ଯେ ବର୍ତ୍ତମାନର ଭୌତିକୀର ନିୟମ ଉପରେ ତାର ଭରଷା ନାହିଁ ଓ ସେ ନିଜେ ଏକ ନୂଆ ଭୌତିକୀ ସୃଷ୍ଟି କରିପାରିବ। ଏହା ବିଶ୍ୱାସର କଥା ନୁହେଁ, ଅନୁଭବର କଥା ଯେ ବିଜ୍ଞାନ ସର୍ବତ୍ର ଏକାଭଳି।

ପ୍ରସିଦ୍ଧ ଭୌତିକ ବିଜ୍ଞାନୀ ଷ୍ଟିଫେନ ହକିଙ୍ଗ୍ ତାଙ୍କ ଲିଖିତ ପୁସ୍ତକ ଏ ବ୍ରିଫ୍ ହିଷ୍ଟ୍ରି ଅଫ୍ ଟାଇମ୍‌ରେ ଲେଖିଛନ୍ତି ଯେ ଏବେଠାରୁ ପାଖାପାଖି ୧୩୫୦ କୋଟି ବର୍ଷ ପୂର୍ବେ ଘଟିଥିବା ମହାବିସ୍ଫୋରଣ କାରଣର ଆମ ବ୍ରହ୍ମାଣ୍ଡର ଉତ୍ପତ୍ତି ହୋଇଛି। ଏଥିସହ ସମୟର ସୃଷ୍ଟି ହୋଇଛି। ପଦାର୍ଥ ଏବଂ ଶକ୍ତି ପ୍ରକଟ ହୋଇଛି ଏପରିକି ପ୍ରକୃତିର ନିୟମ ମଧ୍ୟ ଅସ୍ତିତ୍ୱକୁ ଆସିଛି। ଏହି ନିୟମ ଅନୁସାରେ ବିଭିନ୍ନ ଆଣବିକ ଓ ରାସାୟନିକ କ୍ରିୟା ହେବାରେ ଲାଗିଲା, ଗୁରୁତ୍ୱାକର୍ଷଣ କାରଣରୁ ପିଣ୍ଡ ପରସ୍ପର ଆଡକୁ ଆକର୍ଷିତ ହେଲେ, ନାଭିକୀୟ ଏବଂ ବିଦ୍ୟୁତ୍ ଚୁମ୍ବକୀୟ ଶକ୍ତି ତାର କାର୍ଯ୍ୟ ଆରମ୍ଭ କରିଦେଇଥିଲା। ସେପିୟନ୍ସ ନାମକ ଏକ ପୁସ୍ତକର ଲେଖକ ନୋବା ହରାରି ଲେଖିଛନ୍ତି ଯେ ମହାବିସ୍ଫୋରଣ (ବିଗ୍ ବ୍ୟାଙ୍ଗ୍)ର ୩ଲକ୍ଷ ବର୍ଷ ପରେ ପଦାର୍ଥ ଏବଂ ଶକ୍ତି ମିଶି ପରମାଣୁ ସୃଷ୍ଟି ହେଲା। ଏହା ରାସାୟନ ଶାସ୍ତ୍ରର ଜନ୍ମ ଥିଲା। ଏହାର ୩୮୦କୋଟି ବର୍ଷ ପରେ ପୃଥିବୀ ପୃଷ୍ଠରେ ଜୀବନର ପ୍ରାରମ୍ଭିକ ଜଟିଳ ସଂରଚନା ହୋଇଥିଲା ଓ ଜୀବ ବିଜ୍ଞାନର ସୃଷ୍ଟି ହୋଇଥିଲା। ବୈଜ୍ଞାନିକମାନେ ନିର୍ବିବାଦ ରୂପରେ ମାନୁଛନ୍ତି ଯେ, ବିଜ୍ଞାନର ଜନ୍ମ ବା ସୃଷ୍ଟି ଏହି ବ୍ରହ୍ମାଣ୍ଡରେ ହୋଇଛି ଓ ବିଜ୍ଞାନର ନିୟମ ଏହି ବ୍ରହ୍ମାଣ୍ଡ ସହ ସମ୍ବନ୍ଧିତ ଅଟେ। ତେଣୁ ଯେତେବେଳେ ବ୍ରହ୍ମାଣ୍ଡ ନିର୍ଶ୍ଚିହ୍ନ ହେବ ସେତେବେଳେ ନିୟମ ମଧ୍ୟ ଶେଷ ହୋଇଯିବ। ଅର୍ଥାତ୍ ମହାବିସ୍ଫୋରଣ ବା ବିଗ୍‌ବ୍ୟାଙ୍ଗ କାରଣରୁ ଯାହାର ସୃଷ୍ଟି ହୋଇନାହିଁ ସେଠାକାର ନିୟମ ଭିନ୍ନ ଏବଂ ଆମ ବିଜ୍ଞାନ ସେଠାରେ ଲାଗୁ ନୁହେଁ।

ଏବେ ଚେତନତାର କଥା କୁହାଯାଇପାରେ। ଜୀବିତ ଏବଂ ମୃତକଙ୍କ ମଧ୍ୟରେ ଥିବା ତଫାତ୍ ସମସ୍ତେ ଜାଣନ୍ତି। ଯାହା ସମାପ୍ତ ହୋଇଯାଏ ତାକୁ ଚେତନା କୁହାଯାଏ। କେତେକଙ୍କ ମତରେ ଚେତନା ପ୍ରକୃତିର ତତ୍ତ୍ୱରେ ସେହିପରି ସୃଷ୍ଟି ହୋଇଛି ଯେଭଳି ଶରୀର ସୃଷ୍ଟି ହୋଇଛି। ସେମାନଙ୍କ ମତହେଉଛନ୍ତି ଈଶ୍ୱରଙ୍କର ଅସ୍ତିତ୍ୱ ନାହିଁ। ବିଜ୍ଞାନ ହିଁ ସବୁ କିଛି। ଏଭଳି ଲୋକମାନେ ବିଜ୍ଞାନ ମଧ୍ୟରେ ସୀମିତ ହୋଇ ରହିଯାଇଥାନ୍ତି। କିନ୍ତୁ ମନେ ରଖିବା ଉଚିତ ଯେ, ବିଜ୍ଞାନର ପ୍ରଗତି ଉପରେ ମଧ୍ୟ ବିଜ୍ଞାନ ଚେନତା ସମ୍ପର୍କରେ ସଠିକ୍ ଜାଣିପାରିନାହିଁ। ଦ୍ୱିତୀୟତଃ କିଛି ଏମିତି ଲୋକ ଅଛନ୍ତି ଯେଉଁମାନେ ଚେତନତା ବାବଦରେ ଅଧିକ ଜାଣିବା ପାଇଁ ଆଗ୍ରହୀ। ଏହି ଚେତନତା ବା ଅସ୍ତିତ୍ୱର ସ୍ୱଭାବ ହିଁ ଅଧ୍ୟାତ୍ମ। ଏହି ପରମ ଚେତନା ଜାଣିବାର ଇଚ୍ଛା ବା ଅନୁଭବ କରିବାର ରାସ୍ତା ବତାଇବା ପାଇଁ ଧର୍ମର ଉଦୟ ହୋଇଛି। ଏହି ପ୍ରକ୍ରିୟା ବିଭିନ୍ନ ଧର୍ମରେ ବିଭିନ୍ନ ପ୍ରକାରରେ କୁହାଯାଇଛି ଓ ଏହି ପରମ ଚେତନାକୁ ଭିନ୍ନ ଭିନ୍ନ ନାମ ଦିଆଯାଇଛି ଯଥା-ବ୍ରହ୍ମା, ଈଶ୍ୱର, ପରମପିତା, ଗଡ଼ ଓ ଆଲ୍ଲା ଇତ୍ୟାଦି। ଯେଭଳି ପ୍ରକୃତିର ନିୟମ (ବିଜ୍ଞାନ) ସର୍ବତ୍ର ଏକା ଭଳି ସେହିପରି ଚେତନାର ନିୟମ ମଧ୍ୟ ସର୍ବତ୍ର ଏକାଭଳି। ପାର୍ଥକ୍ୟ ହେଉଛି ଯେ, ବିଜ୍ଞାନ ପ୍ରକୃତି ଉପରେ ଆଧାରିତ ଏଣୁ ସାରା ବ୍ରହ୍ମାଣ୍ଡରେ ଏକାଭଳି ଲାଗୁ ହୋଇଥାଏ କିନ୍ତୁ ଚେତନତା ଅଭୌତିକ ହୋଇଥିବା କାରଣରୁ ସୃଷ୍ଟି ଠାରୁ ଭିନ୍ନ ଓ ବ୍ରହ୍ମାଣ୍ଡର ଧାର୍ଯ୍ୟ ସୀମା ପରେ ବି ଏହା ପରିବ୍ୟାପ୍ତ। ପ୍ରଶ୍ନ ଉଠିପାରେ ଯେ ଏହି ଚେତନାର ଅନୁଭବ କେମିତି କରିପାରିବା? ଆମ ମସ୍ତିଷ୍କ ସେହି ତତ୍ତ୍ୱରେ ସୃଷ୍ଟି ଯାହା ପ୍ରକୃତିର ଅଂଶ ବିଶେଷ। ମସ୍ତିଷ୍କ ବ୍ରହ୍ମାଣ୍ଡ ଭିତରେ ସୀମିତ ତେଣୁ ତର୍କ ଏବଂ ବିଜ୍ଞାନକୁ ମସ୍ତିଷ୍କ ବୁଝିପାରିବ କିନ୍ତୁ ଚେତନତାର ଅନୁଭବ କରିପାରିବ ନାହିଁ। ଆମ ମସ୍ତିଷ୍କ ସମୟ ଏବଂ ମହାକାଶ (ଟାଇମ୍ ଆଣ୍ଡ୍ ସ୍ପେସ୍)ର ବାହାରକୁ ଯାଇପାରିବ ନାହିଁ। ସନାତନ ଧର୍ମ କହେ ଯେ, ଚେତନା ଆମ ସମସ୍ତଙ୍କ ଭିତରେ ରହିଛି। ଆମେ ଚେତନାର ଅନୁଭବ କରିନପାରିବାର କାରଣ ହେଉଛି ମସ୍ତିଷ୍କରେ ଉତ୍ପାଦ-ମନ, ବୁଦ୍ଧି ଏବଂ ଅହଂକାର ଚେତନାକୁ ଘେରି ରହିଛନ୍ତି। ଏହି ଘେରି ରହିବାକୁ ମାୟା କୁହାଯାଏ। ସନାତନ ଧର୍ମ କହେ ଯେ, ଯେତେବେଳେ ଘେରି ରହିବା ବା ମାୟା ଦୂରେଇ ଯାଏ ସେତେବେଳେ ପରମ ଚେତନା ପ୍ରକାଶିତ ହେବାରେ ଲାଗେ।


(ଅବଶିଷ୍ଟାଂଶ ପୃଷ୍ଠା ୭ରେ)


## ଆମ ରାଜ୍ୟ ଭଲ ଓ ଖରାପ ଦୁଇ ଶ୍ରେଣୀର ଅର୍ନ୍ତଭୁକ୍ତ : ନୀତି ଆୟୋଗ



**ସୁବ୍ରତ କର**

ଆମ ରାଜ୍ୟ ଦାରିଦ୍ର୍ୟ ଆଗ ଅପେକ୍ଷା କମିଛି। ଦେଶର ୧୦ଟି ଗରିବ ରାଜ୍ୟ ମଧ୍ୟରୁ ଓଡ଼ିଶା ନବମ ସ୍ଥାନରେ ଅଛି। ତଥାପି ରାଜ୍ୟରେ ୨୯.୩୫ ଭାଗ ଲୋକେ ଦାରିଦ୍ର ସୀମାରେଖା ତଳେ ଅଛନ୍ତି। ବିହାର ସବୁଠୁ ତଳେ ଏବଂ ଦରିଦ୍ରତାର ହାର ୫୧.୯୧ ପ୍ରତିଶତ । ସବୁଠୁ ଭଲ ସ୍ତରରେ ଅଛି କେରଳ ଯାହାର କି ଦାରିଦ୍ରତାର ହାର ୦.୭୧ ପ୍ରତିଶତ। ଯଦି ଆମେ ଜିଲ୍ଲାୱାରୀ ଦେଖିବା ତେବେ ପୁରୀ, କଟକ, ଖୋର୍ଦ୍ଧା ଏବଂ ଜଗତସିଂହପୁରରେ ସବୁଠୁ କମ ଦାରିଦ୍ରରତାର ହାର। ଶତକଡ଼ା ୧୧.୬୪ରୁ ୧୫.୪୯ ଭିତରେ ରହିଛି ଯାହାକି ଜାତୀୟ ସ୍ତରରୁ ଯଥେଷ୍ଟ କମ୍ ରହିଛି ଏବଂ ଉନ୍ନତ ଜିଲ୍ଲାରେ ପରିଗଣିତ ହେବେ। କିନ୍ତୁ ଯଦି ଆମେ ପର୍ଶ୍ଚିମ ଜିଲ୍ଲାଗୁଡ଼ିକୁ ଦେଖିବା ନବରଙ୍ଗପୁର, କୋରାପୁଟ, ମୟୂରଭଂଜ, କଳାହାଣ୍ଡି ଗଜପତି ଏମାନଙ୍କର ଗରିବ ହାର ଯଥେଷ୍ଟ ବେଶି। ଆଶ୍ଚର୍ଯ୍ୟର କଥା ହେଲା ଏହି ଜିଲ୍ଲା ଗୁଡ଼ିକରେ ରାଜ୍ୟର ଅଧିକାଂଶ ଖଣିଜ ସଂପଦ ଜିଲ୍ଲା ଭାବରେ ପରିଗଣିତ ଏବଂ ସେମାନେ ଦାରିଦ୍ର ସୀମାରେଖା ତଳେ ରହିଛନ୍ତି। ରାଜ୍ୟ ସରକାର ଯଦି ଏହି ଜିଲ୍ଲା ଗୁଡ଼ିକରେ ଥିବା ଖଣିଜ ସଂପଦକୁ ଠିକ୍ ଭାବରେ ବ୍ୟବହାର କରିବେ ତେବେ ନିର୍ଶ୍ଚିତ ଭାବରେ ଏହି ଜିଲ୍ଲା ଗୁଡ଼ିକ ମଧ୍ୟ ଦୃତଗତିରେ ଦରିଦ୍ର ସୀମାରେଖାକୁ ଟପିବେ ଏବଂ ଉନ୍ନତ ଜୀବନ ଯାପନ କରିପାରିଲେ ଆମ ରାଜ୍ୟ ଦେଶର ଯେଉ ୧୦ ଗରିବ ରାଜ୍ୟ ଅଛନ୍ତି ସେଥିରୁ ମୁକ୍ତି ପାଇବ। ଏହି ସବୁ ସଂଖ୍ୟାମାନ ଦେଶର ନିତି ଆୟୋଗଙ୍କ ଦ୍ୱାରା ହିସାବ କିତାବ କରାହୋଇଛି। କେତେଗୁଡ଼ିଏ କ୍ଷେତ୍ରରେ ଆମ ରାଜ୍ୟ ଅନ୍ୟ ଉନ୍ନତ ରାଜ୍ୟଙ୍କ ସହିତ ସମକକ୍ଷ ବା ଉପରେ ରହିଛି। ପୁଣି ନିବେଶରେ ଆମ ରାଜ୍ୟ ଏକ ଅଗ୍ରଣୀ ରାଜ୍ୟ ଏବଂ ସବୁଠୁ ବଡ଼ କଥା ହେଲା ଶକ୍ତି ଉତ୍ପାଦନରେ ଆମ ରାଜ୍ୟ ଏକ ବଳକା ରାଜ୍ୟ। ଇସ୍ପାତ ଉତ୍ପାଦନରେ ମଧ୍ୟ ପ୍ରାୟ ଦେଶର ଉତ୍ପାଦନର ୨୦% ଭାଗ ଆମ ରାଜ୍ୟ ହାତରେ। ଏହାଛଡ଼ା ମହିଳା ସଶକ୍ତିକରଣ ଏବଂ ଦକ୍ଷତା ବିକାଶରେ ମଧ୍ୟ ଆଗରେ ଅଛି। କିନ୍ତୁ ଦୁଃଖର କଥା ଆମ ରାଜ୍ୟରେ ଶିକ୍ଷିତ ହାର ଅନ୍ୟ ରାଜ୍ୟ ତୁଳନାରେ ବହୁତ୍ କମ୍। ଏବେ ବି ଆମ ରାଜ୍ୟରେ ପ୍ରାୟ ୨୭% ଭାଗ ଲୋକେ ଅଶିକ୍ଷିତ ଅଛନ୍ତି। ନିତି ଆୟୋଗ ସବୁଠୁ ବଡ଼ କଥା କହିଛନ୍ତି ଓଡ଼ିଶା ଖଣିଜ ପଦାର୍ଥରେ ଭରପୂର ଥାଇ ମଧ୍ୟ ପଛରେ କାହିଁକି? ୪୨୦ କି.ମି ସମୁଦ୍ର ବେଷ୍ଟିତ ରାଜ୍ୟ ଓଡ଼ିଶା ତଥାପି କାହିଁକି ପଛରେ। ସେମାନେ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା ବେଳେ ଏହି ସବୁ କଥା ଉଠାଇଛନ୍ତି ଏବଂ ମୁଖ୍ୟମନ୍ତ୍ରୀ କହିଛନ୍ତି ଯଦି ନୀତି ଆୟୋଗ ସାହାଯ୍ୟରେ ହାତ ବଢ଼େଇବ ତେବେ ଆମ ରାଜ୍ୟ ଆଗକୁ ମାଡ଼ିଯିବ ନିର୍ଣ୍ଣିୟ। ଭଲ ପ୍ରସ୍ତାବ କିନ୍ତୁ ସାଧାରଣ ଜନତାଙ୍କ ପ୍ରସ୍ତାବ ହେଉଛି ରାଜ୍ୟରେ ହେଉଥିବା ଭ୍ରଷ୍ଟାଚାର ଉପରେ ମୁଖ୍ୟମନ୍ତ୍ରୀ ନଜର ଦିଅନ୍ତୁ।


+ ବାଲେଶ୍ୱର


### କବିତା କୋଣାର୍କ

## ସତେକି ପ୍ରଭୁ ହୋଇଲ ପାଷାଣ



**ଅରୁନ୍ଧତୀ ଲେଙ୍କା**

ସତେକି ପାଷାଣ ହୋଇଲ ପ୍ରଭୁ ହେ
ଭୁଲିଗଲ ମୋ ବେଦନା
ଯାତନା ନିଆଁରେ ଜଳୁଛି ପରାଣ
ଖାଇବାକୁ ନାହିଁ ଦାନା ।।

ନୀଳାଚଳେ ବସି ସବୁ ଦେଖୁ ଅଛ
ମୋ ବେଳକୁ ସିନା ମଉନ
ବଡ଼ ଦାଣ୍ଡେ ଆଜି ଡାକୁଛି ମଣିମା
ମୋର ଡାକକୁ ଟିକେ ଶୁଣ ।।

କେତେ ଦିନ ଆଉ ବଂଚିବି ନାଥ ହେ
ରୋଗା କ୍ରାନ୍ତେ ଏ ଶରୀର
ତୁମରି ଦର୍ଶନ ପାଇବା ପାଇଁକି
ଆସିଛି ଶିରୀକ୍ଷେତର ।।

ମୋ ଘର ସଂସାର କରି ଦେଲେ ପର
ଏକା ହୋଇଗଲି ମୁହିଁ
ମୋ ଶେଷ ସମୟେ ଡାକୁଛି ବ୍ୟାକୁଳେ
ରକ୍ଷାକର ଭାବଗ୍ରାହୀ ।।

ତୁମେ ପରା ପ୍ରଭୁ ଅଗତିର ଗତି
ତୁମେ ପରା ଅବିନାଶ
ମୋର ମନ କଥା କେମିତି ବୁଝୁନ
କାନ୍ଦୁଛି ମୁଁ ବର୍ଷ ,ବର୍ଷ ।।

ନୀଳାଚଳ ବାସୀ ନୀଳାଦ୍ରି ବିହାରୀ
ହୁଅନି ଏତେ ପାଷାଣ
ବଂଚି ରହିବାକୁ ନାହିଁ ମୋର ଇଚ୍ଛା
ବାହୁଡ଼ି ନିଅ ମୋ ଜୀବନ ।।


+ ଯୋରନ୍ଦା, ଢେଙ୍କାନାଳ


## କୁଳବଧୂ

**ରୋହିତ ସେଠୀ**



କୁଳର ପ୍ରଦୀପ କୁଳର ଚନ୍ଦ୍ରମା
କୁଳବଧୂ ପରା ସିଏ
କୁଳ ଉନ୍ନତିରେ କର୍ମରତା ସଦା
କୁଳର କୋକିଳଟିଏ ।

କୁଳର କମଳା କାନ୍ତର କାଞ୍ଚନ
କାନ୍ତା ନାମେ କୁଳବଧୂ
କାର୍ଯ୍ୟରେ କୁଶଳା କଲ୍ୟାଣ କାରିଣୀ
କୀର୍ତ୍ତିକୁମ୍ଭ କାନ୍ତି ବିଧୁ ।

କେବେ କୃପାମୟୀ କମଳିନୀ ରୂପ
କେବେ ପୁଣି କାତ୍ୟାୟନୀ
କେବେ ସେ
କନ୍ୟକା କର୍ତ୍ତବ୍ୟବୋଧିନୀ
କମନୀୟା କୁଟୁମ୍ବିନୀ ।


+ଶିକ୍ଷକ, ଖଜୁରୀପଡ଼ା,କନ୍ଧମାଳ
ସଂପର୍କ-୭୭୩୫୨୧୪୩୭୯


## ଶୀତ ସନ୍ଧ୍ୟା ...

**କବିଜ୍ୟୋତି ନିରଞ୍ଜନ ପତି**



ଶୀତ ଦିନିଆ ସନ୍ଧ୍ୟାଟା
କବାଟଟା ଖୋଲୁ ଖୋଲୁ
ବାଟରେ ଜଗି ବସିଥିବା
ଦଲକାଏ ପବନ ଅବା
ଚଙ୍ଗ ଚଙ୍ଗିଆ ଆମିଷ
ଡାଆଁଣିଆ ବିଲେଇ ଛୁଆ
ପରି ଘର ଭିତରକୁ ଝଟ୍ କିନା
ଫଟ୍ କରି ପଶି ଆସେ,
ବାଘ ବା ସିଂହର ଗର୍ଜନ ପୁଣି
ଥରି ଗଲା ପରି ଛାତି ଭିତରଟା
ଦଲକି ଯାଏ.....

ଶ୍ମଶାନରେ ଚିରୁଗୁଣିଟା
ଛୁଆକୁ ନିଆଁ ଉହ୍ଲେଇରେ ସେକିଲା ପରି
ଆଇ ବୁଢ଼ୀ ଅଳିଆ ଜାଳି
ଦାଣ୍ଡ ଅଗଣାରେ ନାତି
ନାତୁଣୀ ବା ଗାଆଁର
ତିନି ଚାରିଟା ଚଗଲା ପିଲାକୁ ଧରି
ନିଆଁ ପୋଇଁ ହୁଏ।

ରାଗିଗଲେ କାହାକୁ ବଡ଼ ରୋଗିଆ
କାହାକୁ ବାଡ଼ିପଡା କହି
ମିଛିମିଛିକା ରାଗରେ ଗାଳି ଦେଇଥାଏ,
ବାସୁ ଭାଇ ଚା ଦୋକାନରେ
ଶୀତ ସନ୍ଧ୍ୟାରେ ଚା'ର ଆସରଟା
ବେଶ୍ ଜମେ...

ମାଆ ବୁଢ଼ୀ ଠାକୁରାଣୀଙ୍କ ମନ୍ଦିରରୁ
ଆଳତୀ ବେଳର ଶଙ୍ଖ ଘଣ୍ଟ ଶବ୍ଦ ସହିତ
ଶ୍ଳୋକ ସବୁ ଭାସି ଆସେ
ପୂଜା ଚାଲିଥାଏ ଭଜନ ଶୁଭୁଥାଏ
ମାଆଙ୍କର ଦିବ୍ୟ ନାମେ।
ରାମବାବୁ ମାର୍କେଟ ଯାଆନ୍ତି....

ପରିବା କିଣି ବାଦାମ ମୁଢ଼ି ଖାଇ
ତରତର ହୋଇ
ଫୁଲକୋବି, ମୂଳା, ଧନିଆପତ୍ର
ନେଇ ଶୀତରେ ଆକ୍ରାନ୍ତ ହୋଇ
ତରତର ହୋଇ ଘରକୁ ଫେରନ୍ତି
ପରଦିନ ବଡ଼ି ଭୋରରୁ ଉଠି
କାମସାରି ଅଫିସ ଯିବାକୁ
ଆଜିଠାରୁ ସଜବାଜ ହୁଅନ୍ତି....

ଶୀତଦିନ ସନ୍ଧ୍ୟାଟା ଖୁବ୍
ଉପଭୋଗ୍ୟ ହୋଇ ଉଠେ।
ଚାଷୀ ଭାଇ କାମ ସାରି ଫେରେ
ବାଧାରେ ଶୋଇବାକୁ ସଜହୁଏ
ଗରମ ଅବା ପଖାଳରୁ ଖାଇଦିଏ ମୁଠେ।


+ଗାନ୍ଧୀ ମାର୍ଗ, ଅନୁଗୋଳ
(ମୋ)୯୯୩୮୧୩୩୫୫୯


## ଜଟିଳ ପ୍ରଶ୍ନ...

**ରଶ୍ମି ସାମଲ**



ଭୁଲ ଠିକ ହଁ ନାହିଁର
ଉତ୍ତର ଖୋଜୁ ଖୋଜୁ
ଅବୁଝା ଦ୍ୱନ୍ଦ ସବୁ ହୁଏ
ଦଣ୍ଡାୟମାନ ଆଖି ସାମ୍ନାରେ
ସମୟ ତା ବାଟରେ ଚାଲିଯାଏ
ଅପେକ୍ଷା ଥାଏ ସେହି ପ୍ରଶ୍ନର ଉତ୍ତରକୁ।
ଏତେ ବଡ ଜନ ଗହଳିପୂର୍ଣ୍ଣ
ସହରରେ ଗଢ଼ି ଉଠିଥିଲା
ସେହି ନିବିଡ ସମ୍ପର୍କ
ସୁଖର ଫୁଲ ପରି ରାସ୍ତାରେ
ନଥିଲା କିଛି କଣ୍ଟା
କିଛି ପାଦ ଆଗେଇ ସାରିଥିଲି
ହେଲେ ଅସମ୍ପୂର୍ଣ୍ଣ ଯନ୍ତ୍ରଣାରେ
ପଡିଲି ମୁଁ ଝୁଣ୍ଟି।

ଶୀତର ପ୍ରକୋପ ଧୀରେ
ଧୀରେ ବଢୁଥାଏ
ଆଉଟୁ ପାଉଟୁ ହେଉଥିବା
ଇଚ୍ଛାଶକ୍ତି ଆକାଶରେ ଉଡୁଥାଏ।
ବେଳୁବେଳ ଠିକଣା
ଅଂଜ୍ଞାତ ହୋଇଗଲା
ଅଜଣା ସହରରେ
କାହାକୁ ପଚାରିବି ଏ ପ୍ରଶ୍ନ।

ଅପେକ୍ଷାର ରାଜମହଲ
ଅବୁଝା ପଣର ତୃଷା ନିବାରଣ
କଥା ଭାବୁଥିବା ସୁଖ
ଟିକକର ଅନ୍ତିମ ଇଚ୍ଛା
ଛିନ୍ନ ଓ ଆହତ।
କଳଙ୍କର ପାଦ ଚିହ୍ନ ଭୟରେ ଭାବୁଥିଲି
ଆଶ୍ରୟର ବସାଟିକୁ
ସୂର୍ଯ୍ୟ ପୃଥିବୀ ଗହ୍ୱରରେ
ଲୁଚି ସାରିଲେଣି
ସ୍ୱଚ୍ଛ ଆକାଶରେ କାଳିମାର ଛିଟା
ଗୋଟି ଗୋଟି ତାରା
ବିଛୁରିତ ଆକାଶରେ।

କୁହୁଡ଼ି ଘେରି ସାରିଲାଣି
ରାସ୍ତାର ଆଲୋକ ଫିକା ପଡ଼ିଲାଣି
ବିଫଳତାର ଶବ୍ଦ ଠିକ
ବାରି ହୋଇ ପଡୁଥାଏ
ଆରମ୍ଭ ହେଲା ମୋର
ନାଚାର ଅନୁସନ୍ଧାନ
ଯେପରି ଲମ୍ବା ଦୀର୍ଘନିଶ୍ୱାସ
କିଛି ଖୋଜୁଥିଲା।

ଜହ୍ନର ଜୋସ୍ନା ମେଘରେ ଲୁଚି ଗଲା
ଏ ପ୍ରଶ୍ନର ଉତ୍ତର ବହୁତ ଜଟିଳ ଥିଲା
ଜାଣେନା ଏହାର ସମାଧାନ
ଅଛି କି ନାହି।


+ଭୁବନେଶ୍ୱର
ମୋ: ୯୪୩୭୧୧୫୮୬୫

## ବଟର ସ୍ୱପ୍ନ ସେତୁ






ରତନ କୁମାର ଶିଉଳି


ବର୍ଷସାରା ପେଟ ଯନ୍ତ୍ରଣା ଭୋଗୁଛି ବଟ । କୌଣସି ଔଷଧ ଆଉ ତା' ଦେହରେ ସହୁନାହିଁ । ଦିନସାରା ଗୋଟିଏ ଗୋଡ଼ରେ ଠିଆ ହେଲାପରି କଇଁଚି କ୍ଷୁର ଧରି ଠିଆ ହେବାକୁ ପଡ଼େ ତାକୁ । ତା' ଭିତରେ ପୁଣି ନିଜର ରନ୍ଧାବଢ଼ା କାମ । ଚାରୁଲତା ଏଠାକୁ ଆସିବାକୁ ଚାହିଁ ନାହିଁ । ପିଲାଛୁଆ ନେଇ ଗାଁରେ ପଡ଼ି ରହିବାକୁ ତାକୁ ଭଲ ଲାଗେ । ଗାଁର ସେଇ ସନ୍ତସନ୍ତିଆ ପରିବେଶରେ କେଉଁ ମଧୁ ଯେ ତା' ପାଇଁ ଝରିପଡୁଛି ସେ ପ୍ରଶ୍ନର ସଦ୍ୟୁତ୍ତର ବଟ ଏଯାଏଁ ଖୋଜି ପାଇନାହିଁ । ଅବଶ୍ୟ ଗୋଟିଏ ଅହେତୁକ ସନ୍ଦେହ ମନରେ ନେଇ ମନକୁ ଏତେଦିନ କ୍ଷତବିକ୍ଷତ କରିଛି ଯାହା ।

ନୂଆ ମାଇନ୍ସ ଖୋଜୁଛି ବୋଲି ଦୂର ଦୂରାନ୍ତରୁ ଲୋକେ ଏ ଜାଗାକୁ ଛୁଟି ଆସିଥିଲେ । ବଟେଶ୍ୱର ବାରିକ ମଧ ସେଇ ଆଶା ବାନ୍ଧି ଘରୁ ବାହାରିଥିଲା । ସାଥୀରେ ଆସିଥିଲା ପାଖ ଗାଁର ନଟିଆ । ନଟବର ସାହୁ । ହେଲେ ଦୁର୍ଭାଗ୍ୟ ତାଙ୍କର ଚାକିରି ଶିକା ତାଙ୍କ ମୁଣ୍ଡ ଉପରେ ଆଉ ଛିଣ୍ଡିପଡ଼ିଲା ନାହିଁ । ନଟିଆ ତ ତେଲୀ ଲୋକ, ନିଜ ବ୍ୟବସାୟ କଥା ଚିନ୍ତା କରି କୁଡ଼ିଆ ଖଣ୍ଡେ ମାରି ତେଜରାତି ଦୋକାନ ଆରମ୍ଭ କରିଦେଲା । ବଟମୁଣ୍ଡରେ ଯେମିତି ନିରାଶାର ପାହାଡ଼ ଲଦି ହୋଇପଡ଼ିଲା । ହେଲେ ନଟ ଏ ସମୟରେ ପ୍ରକୃତ ବନ୍ଧୁତା ଦେଖାଇଥିଲା । ପରାମର୍ଶ ଦେଇ କହିଥିଲା ଦୋକାନ ଖୋଲି ତା' କୌଳିକ ବ୍ୟବସାୟ ଚାଲୁ ରଖିବାକୁ। ସେଇଦିନଠୁଁ ବଟ ଏଠାରେ ଅଛି । ଭାଗ୍ୟ ଜୋର୍‌ରୁ କମ୍ପାନୀ ଘର ଗୋଟିଏ ପାଇ ସେଲୁନ୍ ଖୋଲିଛି । ବଟେଶ୍ୱର ବାରିକରୁ ଛୋଟ ହୋଇ କେବଳ ବଟ ନାଁରେ ଅଟକିଯାଇଛି । ନିଜ ବାକ୍‌ଚାତୁରୀ ଏବଂ ସରଳପଣିଆ ଯୋଗୁଁ ଭଲ ରୋଜଗାର କରୁଛି ବଟ । ବେଶ କେତେଜଣ ବନ୍ଧା ଗ୍ରାହକ ମଧ ତାର ଅଛନ୍ତି ।

ସାରାଦିନର ପରିଶ୍ରମ ପରେ ବି ଏ କାମରେ ବିରକ୍ତ ବୋଧ କରେ ନାହିଁ ବଟ । ତାର କେବଳ ଗୋଟିଏ ଇଚ୍ଛା ଚାକିରୀ ନହେଲା ନାହିଁ, ଚାକିରି ପରିମାଣ ଅର୍ଥ ସେ ଯେମିତି ହେଉ ରୋଜଗାର କରିବ । ପିଲାମାନଙ୍କୁ ପାଠ ପଢ଼ାଇ ଉଚ୍ଚଶିକ୍ଷିତ କରାଇବ । ପିଲାମାନେ ମଣିଷ ହେଲେ ଶେଷ ଜୀବନରେ ତାକୁ ତ ଟିକିଏ ସୁଖ ମିଳିବ । କେବଳ ସେଇ ଆଶା ନେଇ ନିଜର ସବୁ ସୁଖକୁ ବିସର୍ଜନ କରି ଏ ଅପନ୍ତରା ଜଙ୍ଗଲ ଜାଗାରେ ପଡ଼ି ରହିଛି ସେ ।

ଚାରୁଲତାର ଚିଠି ମଝିରେ ମଝିରେ ଆସେ । ସେଇ ଚିଠିଗୁଡ଼ିକ ତା ଏକାକୀ ଜୀବନ ପାଇଁ ସାନ୍ତ୍ୱନା ବୋଲି ସେ ମନେକରେ । ଚାରୁଲତା ଚିଠିରେ ଗାଁ କଥା, ତା କଥା, ପିଲାମାନଙ୍କ ଭଲମନ୍ଦ କଥା ଲେଖେ । ସେଇ ଚିଠି ପଢୁ ପଢୁ ଆତ୍ମ ସନ୍ତୋଷରେ କେତେବେଳେ ଶୋଇପଡ଼େ ବଟ । କେତେବେଳେ ବା ଅଧପଢ଼ା ଚିଠି ମୁଣ୍ଡ ପାଖରେ ଥୋଇ କ୍ଳାନ୍ତିରେ ଶୋଇପଡ଼େ । ଏଇ କ୍ଳାନ୍ତି, ମାନସିକଶ୍ରମ ସବୁ ଯେମିତି ତାର ଇଚ୍ଛାକୃତ । ବେଶୀଭାଗ ରାତିରେ ସେ ତ ପ୍ରାୟ ନଖାଇ ଶୋଇପଡ଼େ । ଦିନ ସାରାର ଠିଆ ଠିଆ ପରିଶ୍ରମ ପରେ ରାତିରେ ରନ୍ଧାବଢ଼ା କରିବାକୁ ତାର ଇଚ୍ଛା ହୁଏ ନାହିଁ । ଦ୍ୱିପ୍ରହର ବେଳାର ଭାତ ଦି'ଟା ମଧ ଅବେଳରେ ତାକୁ ଖାଇବାକୁ ହୁଏ । ତାହା ପୁଣି ଇଲେକ୍‌ଟ୍ରି ଲାଇନ୍ ନଥିଲେ ଷ୍ଟୋଭରେ ରାନ୍ଧିବାକୁ ପଡ଼େ । ତେଣୁ ଏତେ ଝଂଝଟକୁ ନଯାଇ ପାଉଁରୁଟି, ବିସ୍କୁଟ କିମ୍ବା ଚୁଡ଼ା ମୁଠାଏ ଚୋବାଇ ରାତି ପାର କରିଦିଏ ସେ । ରୋଜଗାରର ତିନିଭାଗ ଅଂଶ ସେ ପ୍ରାୟ ଚାରୁଲତା ନାଁରେ ଗାଁକୁ ପଠାଇ ଦିଏ । ପିଲାଛୁଆ ନେଇ ସେ ସେଠାରେ କଷ୍ଟରେ ଚଳୁ ଏ କଥା ଚିନ୍ତା କରିପାରେ ନାହିଁ ବଟ । ତେଣୁ ନିୟମିତ ଟଙ୍କା ପଠାଇବାକୁ ଭୁଲେ ନାହିଁ। ତା ମତରେ ତା'ର ରୋଜଗାର ପିଲା ଛୁଆଙ୍କ ସୁଖପାଇଁ। ସେମାନେ ସୁଖରେ ରହିଲେ ସେ ମଧ ଶାନ୍ତିରେ ରହିପାରିବ ।

ଝାଡୁଧରି ଘର ଓଳାଇବାକୁ ଯାଉଥିଲା ବଟ । ଘରର ଚଟାଣରେ କଟାଚୂଳର ଖଣ୍ଡ । ସଂଜ ସକାଳେ ଦୁଇବେଳା ଘର ଓଳାଉଥିଲେ ବି କେଶଗୁଣ୍ଡ ଘର ଭିତରେ ବିଞ୍ଚି ହୋଇ ପଡ଼ିଥାଏ । ତା ଉପରେ ପୁଣି ଛୁଚା, ମୂଷାଙ୍କ ଉପଦ୍ରବ । ଘରେ କେହି ନଥିଲେ ସେମାନେ ହିଁ ଏ ଘରର ପ୍ରକୃତ ମାଲିକ । ଏମିତିରେ ବଟ ବେଞ୍ଚ ଉପରେ ଶୋଏ ବୋଲି ସେମାନେ ତା ଉପସ୍ଥିତିକୁ ସେତେ ଗ୍ରାହ୍ୟ କରନ୍ତି ନାହିଁ । ତାଙ୍କ ସାଙ୍ଗକୁ ବୁଢ଼ିଆଣୀ ଜାଲ ଘରର ଚାରିକୋଣରେ ଝୁଲି ରହିଛି । ସେଇ ଝୁଲା ଜାଲ ଉପର ଦେଇ ସେମାନେ ଆରାମରେ ଗୋଟିଏ କୋଣରୁ ଅନ୍ୟ କୋଣ ପର୍ଯ୍ୟନ୍ତ ନିର୍ଭୟରେ ଚାଲି ବୁଲି ଯାଆନ୍ତି । ବଟ ବୁଝିପାରେ ନାହିଁ ଏହି ବୁଢ଼ିଆଣୀଙ୍କ ଭିତରୁ ସ୍ତ୍ରୀ ବୁଢ଼ିଆଣୀ କେଉଁଟା । କିନ୍ତୁ ସୂତା ଜାଲି ଉପରେ ତାଙ୍କ ଚଲା ଫେରା ଦେଖି ସେ କେବଳ ଏତିକି ବୁଝିପାରେ ତାଙ୍କ ଭିତରେ ସୌହାର୍ଯ୍ୟ ରହିଛି । ଗୋଟିଏ ଉତ୍ତମ ବୁଝାମଣା ରହିଛି । ତେଣୁ ତ ତାଙ୍କ ମୁହଁରୁ ବାହାରୁଥିବା ଲାଳରେ ସେମାନେ ଗଢ଼ିପାରିଛନ୍ତି ଭାସମାନ ନୀଡ଼ । ଶୂନ୍ୟରେ ଗୋଟିଏ ସୁଖର ସଂସାର ।

ବେଞ୍ଚ ଉପରୁ ସେମାନଙ୍କୁ ଚାହିଁ ନିଜ ସଂସାର କଥା ଭାବିବସେ ବଟ। ସବୁ ସଂସାର ଘରଣୀ ଗୁଣରେ ସୁନ୍ଦର ହୋଇଉଠେ । ପିଲାଦିନେ ଏଇ କଥାଗୁଡାକ ସେ ତା ବାପାଙ୍କ ମୁହଁରୁ ଶୁଣିଥିଲା । କଥା କଥାରେ ମା'ଙ୍କୁ ବୁଝାଇ ବାପା କହୁଥିଲେ, ଘରକରଣାମାନେ ସଂସାର ପାଇଁ ଗୋଟିଏ ମଜବୁତ ସେତୁ ବାନ୍ଧିବା । ସେତୁର ଦୁଇମୁଣ୍ଡରେ ସ୍ୱାମୀ-ସ୍ତ୍ରୀ ରୁହନ୍ତି । ମଝିରେ ପିଲାଛୁଆ, ସ୍ୱାମୀ-ସ୍ତ୍ରୀ ଭିତରେ ଉତ୍ତମ ବୁଝାମଣା ନ ରହିଲେ ସଂସାର ସେତୁ କେବେ ବି ମଜବୁତ୍ ରହିବ ନାହିଁ ।

ବାପାଙ୍କର ସେଇ କଥାଗୁଡ଼ାକୁ ବଟ ଏବେ ନିଜ ଜୀବନ ସାଙ୍ଗରେ ମିଳାଇ ଦେଖୁଛି । ଚାରୁଲତାକୁ ବାହାହେଲା ପରେ ସଂସାର ପଥରେ ଗୋଟିଏ ମଜବୁତ୍ ସେତୁ ବାନ୍ଧିବାର ସ୍ୱପ୍ନ ଦେଖିଥିଲା ସେ । ତାହା ଆଉ ହେଇପାରିଲା ନାହିଁ । ସେଥିପାଇଁ ସେ ନିଜକୁ କିମ୍ବା ଏତେଦୂରକୁ ଚାଲି ଆସିଲା ବୋଲି ଯେ ସମ୍ଭବ ହେଲାନାହିଁ ସେ କଥା ମଧ ଭାବିପାରୁନାହିଁ । ତା'ରି ଭଳି ଅନେକ ଲୋକ ନିଜ ପରିବାର ଗାଁରେ ଛାଡ଼ି ଏଠାରେ ଅଛନ୍ତି । ତଥାପି ସେମାନେ ପାରସ୍ପରିକ ସହୃଦୟତା ନେଇ ମନମୁତାବକ ସଂସାର ବସାଇଛନ୍ତି ।

ଦୀର୍ଘ କୋଡ଼ିଏ ବର୍ଷର ବିବାହିତ ଜୀବନ ପରେ ବି ଚାରୁଲତାର ମନକୁ ଚିହ୍ନିପାରିନାହିଁ ବଟ । ଚାରୁଲତା ପାଖରୁ ତା'ର ଅନେକ ପ୍ରତ୍ୟାଶା ଥିଲା । ସେ ଆଶାକୁ ଚାରୁଲତା ବାରମ୍ବାର ଭାଙ୍ଗି ଦେଇଛି । ଏକା ଏକା ପଡ଼ିରହିବା ଅପେକ୍ଷା ଚାରୁଲତାକୁ ପାଖକୁ ଆଣି ସୁଖରେ ସଂସାର ବସାଇବା ଅଭିପ୍ରାୟ ନେଇ ଗାଁକୁ ଯାଇଥିଲା ବଟ । ନଟ ସାହୁକୁ କହି ଘର ଖଣ୍ଡିଏ ମଧ ସଫାସୁତୁରା କରି ରଖିଥିଲା । ନଟ ଏହା ଭିତରେ ତା ବ୍ୟବସାୟରେ ପ୍ରତିଷ୍ଠା ପାଇଛି । ବ୍ୟବସାୟ ସାଙ୍ଗକୁ ତା ଦୋକାନ ପଛପଟକୁ ଜାଗା ନେଇ କେତୋଟି ଘର ତିଆରି କରି ଭଡ଼ାରେ ଲଗାଇଛି । ଚାରୁଲତା ଆସିବା ଖବର ଶୁଣି ସେ ବଟକୁ ବିନା ଦ୍ୱିଧାରେ ଘର ଖଣ୍ଡିକର ଚାବି ଧରାଇ ଦେଇଛି ।

ଖୁସି ମନରେ ଗାଁକୁ ଯାଇ ଚାରୁଲତାକୁ ନିଜ ମନକଥା ଜଣାଇଥିଲା ବଟ । ହେଲେ ଚାରୁଲତା ଆସିଲା ନାହିଁ । ଘର ଜମିବାଡ଼ି କାହାରି ଜିମାରେ ଛାଡ଼ି ଆସିଲେ ପରେ ଅସୁବିଧା ହୋଇପାରେ'ର ଆଳ ଦେଖାଇ ବଟର ସବୁ ଆଶାରେ ଧୂଳି ପକାଇ ଦେଇଛି । ମନରେ ଖୁବ୍ ଆଘାତ ପାଇଥିଲା ବଟ ସେଦିନ । ଭାବୁଥିଲା, ଯେ ସ୍ତ୍ରୀ ସ୍ୱାମୀର ସୁଖ ଦୁଃଖବେଳେ ପାଖରେ ରହିବାକୁ ଆପତ୍ତି କରେ ସେଭଳି ସ୍ତ୍ରୀକୁ ନେଇ ଆଉ ଯାହା ହେଉନା କାହିଁକି ସୁଖରେ ସଂସାର ଗଢ଼ାଯାଇପାରିବ ନାହିଁ । ବଟ ନିଜ ମନରେ ଅଂକୁଶ ଲଗାଇ କର୍ମସ୍ଥଳକୁ ଫେରି ଆସିଥିଲା। ଏହା ବ୍ୟତୀତ ତା ପାଖରେ ଅନ୍ୟ କୌଣସି ଉପାୟ ମଧ ନଥିଲା । ସେ ଭଲ ଭାବରେ ଜାଣିଥିଲା ଏଠା ରୋଜଗାରର ଅର୍ଥ ସେ ଗାଁ ଆଖପାଖରେ କେଉଁଠି ପାଇବ ନାହିଁ। ଏ ଜାଗାରେ କଞ୍ଚା ପଇସା ଉଡୁଛି । ଯିଏ ଧରିପାରୁଛି ସେ ଭାଗ୍ୟବାନ । ବଟ ଅବଶ୍ୟ ସେତେ ଭାଗ୍ୟବାନ ନୁହେଁ । ତଥାପି ଆଶାତୀତ ରୋଜଗାର ଅର୍ଥକୁ ଲାଥିମାରି ଚାଲିଗଲେ ସ୍ତ୍ରୀ, ପିଲାଛୁଆଙ୍କ ମୁହଁରେ ଅନ୍ନ ଜୋଟାଇବ କିଭଳି ? ଜମିଜମା ଯାହାଅଛି ସେଥିରେ ଖୁବ୍ ବେଶୀରେ ତିନିମାସର ଘର ଖର୍ଚ୍ଚ ତୁଲାଇ ହେବ । ସାରା ବର୍ଷର ଖର୍ଚ୍ଚ ତ ବଟ ଏଠା ରୋଜଗାର ଅର୍ଥରେ ଚଳାଇଛି ।

ଘରଟାକୁ ଯେମିତି ସେମିତି ଓଳାଇ ନେଲା ବଟ । ବେଶୀ ପରିଷ୍କାର ପରିଚ୍ଛନ୍ନ ତାର ଆଉ ପୋଷାର ନାହିଁ । କ'ଣ ହେବ ଏତେ ସଫା ସୁତୁରା କରି । ଜୀବନର ଅଧାଭାଗ ତ ହଳେ ପୋଷାକରେ ଗୋଟିଏ ହାଣ୍ଡି କଢ଼ାଇରେ କଟିକଲା । ଅଥବ ଏଇ ବଟେଶ୍ୱର ବାହାହେଲା ପୂର୍ବରୁ କେତେ ଫୁର୍ତ୍ତିବାଜ ଥିଲା । ତାର ମଧ ଇଚ୍ଛା ଥିଲା ଅନ୍ୟ ପାଞ୍ଚଜଣଙ୍କ ପରି ସ୍ୱାଭାବିକ ଜୀବନ ନେଇ ରହିବ । କିନ୍ତୁ ବାହାହେଲା ପରେ ସବୁ ଯେମିତି ଓଲଟ ପାଲଟ ହୋଇଗଲା। କେବଳ ଏଇ କୋଠରୀଟା ନୁହେଁ ତା ପୋଷାକ ପତ୍ର ମଧ କୌଣସି ଭଦ୍ରଲୋକଙ୍କ ପରି ଆଉ ରହିଲା ନାହିଁ ।

ମାତ୍ର ଦୁଇ ସେଟ୍ ପ୍ୟାଞ୍ଚ ସାର୍ଟ ଅଛି ବଟର । ଗୋଟିଏ ଯୋଡ଼ା ବାହାରକୁ କେଉଁଠି ଯିବାପାଇଁ, ଅନ୍ୟ ହଳଟି ସବୁଦିନେ ପିନ୍ଧିବା ପାଇଁ । ଖିଆର କରୁଥିବାବେଳେ ସେ ତ ପ୍ରାୟ ଗଞ୍ଜି ଖଣ୍ଡକରେ ଚଳାଇ ନିଏ । ପ୍ରତିଦିନ ପିନ୍ଧୁଥିବା ପୋଷାକଟିକୁ ସପ୍ତାହର ଗୋଟିଏ ଦିନ ସେ ନିୟମ କରି ଅବଶ୍ୟ ଧୋଇନିଏ । ସେଥିରେ ସାବୁନ, ସୋଡ଼ା ନ ଲାଗିଲେ ବି ବଟ ମନରେ ବିକୃତି ନଥାଏ । ଏଥିନେଇ ସେ ଯେ କୃପଣ ସେ କଥା ନୁହେଁ । ତାର କେବଳ ଅଭିଯୋଗ କାହାପାଇଁ ଏତେ ସଫାସୁତୁରା, ଏତେ ସାଜ ପୋଷାକ ? ଏମିତିରେ ତ ବୟସର ଅଧାଭାଗ କଟିଗଲା ।

ବଟ ମନରେ ଅନେକ ପ୍ରଶ୍ନ । ସେ ବୁଝିପାରୁ ନାହିଁ ଜୀବନ ପ୍ରତି ତାର ଏତେ ବିତୃଷ୍ଣା କାହିଁକି ? କାହିଁକି ସେ ନିଜର ସବୁ ଇଚ୍ଛା ଅଭିଳାଷାକୁ ଦିନକୁ ଦିନ ତ୍ୟାଗ କରିଚାଲିଛି । ଗୋଟିଏ ସୁସ୍ଥ ସମର୍ଥ ମଣିଷରୁ କାହିଁକି ସେ କ୍ରମେ ଅସୁସ୍ଥ ମଣିଷଟିଏ ହୋଇ ସାରିଛି । ଦିନକୁ ଦିନ ଦେହ ପ୍ରତି ଏଇ ଅଯତ୍ନ ପାଇଁ ତ ପେଟ ରୋଗ ଧରିଛି । ଡାକ୍ତରମାନେ ସେ କଥା କହିଛନ୍ତି । ହେଲେ ସେମାନଙ୍କ କଥାକୁ ଆଉ କାନକୁ ନେଉଁନାହିଁ ବଟ । ଚୁପ୍‌ଚାପ୍ ଯାହା ଔଷଧ ହେଉଛନ୍ତି ତାହା ଖାଇ ନିଜ କାମରେ ବ୍ୟସ୍ତ ରହୁଛି । ପାଖ ଦୋକାନୀ ବରଣ ମଧ ସେଇକଥା ତାକୁ ବୁଝାଏ । କଥା କଥାରେ ଉପଦେଶ ଦିଏ, ବଟ ତୁ ଯେଉଁ ଭାବରେ ରହୁଛୁ କୌଣସି ସୁସ୍ଥ ମଣିଷ ସେମିତି କେବେ ରହିବନି । ମାସକୁ ମାସ ଭଲ ରୋଜଗାର ତୁ କରୁଛୁ ? ମଣିଷ ତ ନିଜ ସୁଖ ପାଇଁ କିଛି ଖର୍ଚ୍ଚ କରେ । ନିଜ ଦେହପା କଥା ଭାବି ହାତରେ କିଛି ରଖେ । ଖାଲି ଟଙ୍କା ଜମାରଖି କେହି ସୁଖୀ ହୁଏ ନାହିଁ ଏକଥା ନିଶ୍ଚୟ ଜାଣିଥିବୁ।

ଅସଲ ସୁଖ କେଉଁଠି ରହିଛି ବଟ ସେ କଥା ବୁଝେ । ହେଲେ ସେ କଥା ସେ ଚରଣକୁ କହିପାରିବ ନାହିଁ । ଖାଲି ଭଲ ଖାଇଲେ ଭଲ ପିନ୍ଧିଲେ ଯେ ସୁଖୀ ହୋଇପାରିବ ସେମିତି ସୁଖ ସେ ଭୋଗ କରିବାକୁ ଚାହୁଁନାହିଁ। ଯାହାର ସବୁ ଥାଇ ବି କିଛି ନାହିଁ, କ'ଣ ଦରକାର ତା'ହେଲେ ନିଜକୁ ଏତେ ସୁଖରେ ରଖି ?

ଏଇ କିଛିଦିନ ତଳେ ଚନ୍ଦ୍ରିକାର ଚିଠି ପିଅନ ଆଣି ଦେଇ ଯାଇଥିଲା। ସେ ଚିଠିରେ ଖାଲି ନିଜର ଦାବୀ ଜଣାଇଥିଲା ଚନ୍ଦ୍ରିକା । ବାପା ଏଥର ଆସିଲାବେଳେ ମୋ ପାଇଁ ଗୋଟିଏ ଭଲ ସିଲ୍‌କ ଶାଢ଼ୀ ଆଣିବ । ତୁମେ କିଣି ଦେଇଥିବା ଘଡ଼ିଟା ହାତରୁ ପଡ଼ି ଖରାପ ହେଇଯାଇଛି । ଏଠାରେ 'କେମି' ଘଡ଼ିର ପାର୍ଟସ ମିଳୁନାହିଁ । ତେଣୁ ତୁମେ ଯେମିତି ହେଉ ଟାଇଟନ ଘଡ଼ି ଗୋଟିଏ ନେଇଆସିବ । ଚିଠିରେ ଶାଢ଼ୀର ରଙ୍ଗ ଏବଂ ଘଡ଼ିର ମଡ଼େଲ ନାମଟା ମଧ ଲେଖିଥିଲା ଚନ୍ଦ୍ରିକା । ଝିଅର ଅଳିକଥା ଶୁଣି ଆତ୍ମସନ୍ତୋଷରେ ସାମୟିକ ଆନନ୍ଦ ପାଇଥିଲେ ବି ପରମୁହୂର୍ତ୍ତରେ ବଟ ମନରେ ଦୁଃଶ୍ଚିନ୍ତା ବଢ଼ିଯାଇଥିଲା । ଚାରୁଲତା ଲେଖିଛି ଚନ୍ଦ୍ରିକା ଆଜିକାଲି ତା କଥା ମାନୁନାହିଁ । ସାହିର ଗୋଟିଏ ଟୋକା ସାଙ୍ଗରେ ତାର ଭାବ ଅଛି ବୋଲି ଲୋକଙ୍କ ମୁହଁରୁ ଶୁଣୁଛି । ଲୋକେ କେତେ କଥା କହୁଛନ୍ତି । ତୁମେ ଏଥର ଆସିଲେ କିଛି ଗୋଟିଏ ବ୍ୟବସ୍ଥା କରିବ ।

ସେ ଚିଠି ପାଇ ବଟ ଗାଁକୁ ଯାଇ ଝିଅକୁ ସାଙ୍ଗରେ ନେଇ ଆସିଥିଲା । ଭାବିଥିଲା ଏଠା ଇଂରାଜୀ ସ୍କୁଲରେ ତା ନାମ ଲେଖାଇ ଦେବ । ବାରକ୍ଲାସ୍‌ଟା କୌଣସି ପ୍ରକାରେ ପାସ୍ କରିଗଲେ ସେ ହୁଏତ ନିଜର ଗୋଟିଏ ଭଲ ଭବିଷ୍ୟତ ଗଢ଼ିପାରିବ। କିମ୍ବା ସେ ତା ପାଇଁ ଗୋଟିଏ ଶିକ୍ଷିତ ପାତ୍ର କେଉଁଠି ଦେଖି ବିବାହ କରାଇ ଦେବ । ହେଲେ ଚନ୍ଦ୍ରିକା ଏଠାରେ ଗୋଟିଏ ସପ୍ତାହ ବି ରହିବାକୁ ଚାହିଁନଥିଲା । ବଟର ସବୁ ସ୍ୱପ୍ନ ସ୍ୱପ୍ନରେ ରହିଗଲା । ସେଥିପାଇଁ ଚନ୍ଦ୍ରିକାକୁ ଦୋଷ ଦେଲା ନାହିଁ ବଟ । ବରଂ ତାର ରାଗ ଚାରୁଲତା ଉପରେ । ମା ଯେଉଁ ରାସ୍ତାରେ ଯିବ ଝିଅ ତ ସେଇ ରାସ୍ତା ଧରିବ ହିଁ ଧରିବ ।

ଚାରୁଲତା ଏଠାକୁ ନ ଆସିବାର ଗୋଟିଏ କାରଣ ଥିଲା । ଯାହାହେଲେ ବି ସେ କାରଣଟା କିନ୍ତୁ ବଟ ପାଇଁ ଆଦୌ ସୁଖକର ନଥିଲା। ବଟକୁ ବାହାହେଲା ପରେ ବି ଚାରୁଲତା ଗାଁରେ ନିଜର କୌଣସି ସମ୍ପର୍କୀୟ ଭାଇ ସାଙ୍ଗରେ ସମ୍ପର୍କ ରଖିଥିଲା । ଚାରୁଲତାର ଏଇ ସ୍ୱଭାବରେ ବଡ଼ ଆଘାତ ପାଇଥିଲା ବଟ । ମନକଥା କାହାରିକୁ କହି ବି ପାରୁନଥିଲା । ଛାତି ଭିତରେ ଜମି ଥିବା ଯନ୍ତ୍ରଣା କ୍ରମେ ତା ଅସ୍ତିତ୍ୱଟିକୁ ଯେମିତି ଅବଶ କରି ଦେଇଥିଲା । ସେଥିରେ ଖାଲି ତା ଦେହ ନୁହେଁ ମନର ସତେଜତା ଯେମିତି ସବୁଦିନ ପାଇଁ ମରିଯାଇଥିଲା ।

ମନର ବୋଝକୁ ହାଲ୍‌କା କରିବା ପାଇଁ ବେଞ୍ଚଟା ଉପରେ ଟାଣ ଟାଣ ହୋଇ ଶୋଇପଡ଼ିଲା ବଟ । ଘରର କଡ଼ିକାଠ ଉପରେ ଆଖି ଦି'ଟା ତାର ସ୍ଥିର ଥିଲା । କେବେଠାରୁ କେ'ଜାଣି ଭୂଇଁ ବିରୁଡ଼ି ଗୋଟିଏ ଆସି କଡ଼ି କାଠରେ ବସା ବାନ୍ଧି ସାରିଲାଣି । ଲାଲଲାଲ ଛୋଟ ବିରୁଡ଼ି କେଇଟା ଛତା ଚାରିପାଖରେ ଉଡୁଛନ୍ତି । ଘରକୋଣରେ ଥୁଆ ଲମ୍ବା ଠେଙ୍ଗା ଖଣ୍ଡକ ନେଇ ସେ ବସାଟା ଭାଙ୍ଗିଦେବା ପାଇଁ ଉଠିପଡ଼ିଲା ବଟ। ତାପରେ କ'ଣ ଭାବିଲା କେ'ଜାଣି ପୁଣି ଶୋଇପଡ଼ିଲା । ମନେ ମନେ ଭାବୁଥିଲା, କାହାଘର ଭାଙ୍ଗିବ । ଘର ଚାରିକୋଣରେ ଥିବା ବୁଢ଼ିଆଣୀ ବସା ନା କଡ଼ି କାଠରେ ଓହଳୁଥିବା ବିରୁଡ଼ି ବସା ? ନା ଘର ଭିତରେ ଚବିଶ ଘଣ୍ଟା ଉତ୍‌ପାତ କରୁଥିବା ଛୁଚା, ମୂଷାଙ୍କ ଆତଯାତ । କାହାରି ଘର ଭାଙ୍ଗିଦେବା ବଡ଼ କଥା ନୁହେଁ। ନିଆଁ ଜାଳିଦେଲେ ବିରୁଡ଼ି ମରିଯିବେ ବୁଢ଼ିଆଣୀ ବି ମରିବେ । ମାରିବାକୁ ଗଲେ କେତୋଟି ମୂଷା ଚୁଚୁନ୍ଦ୍ରାଙ୍କ ଗୋଡ଼ ଭାଙ୍ଗିବ, ବୁଢ଼ିଆଣୀ, ବିରୁଡ଼ିଙ୍କର ମଧ ସେଇ ଅବସ୍ଥା ହେବ। ଭଙ୍ଗାଗୋଡ଼, ଭଙ୍ଗାଡେଣା ନେଇ ସେମାନଙ୍କ ଭିତରୁ କେତୋଟି ହୁଏତ ବଂଚିଯିବେ । ଯେମିତି ଭଙ୍ଗାମନ ଭଙ୍ଗା ଦେହ ନେଇ ବଞ୍ଚି ରହିଛି ବଟ । ଗୋଡ଼ ହାତ ନଥିବା କୌଣସି ଲୋକ କେବେ ସଂସାରରେ ସୁଖର ସେତୁ ବାନ୍ଧି ପାରେ ନାହିଁ । ତେଣୁ ବଟ ସେମିତି ସଂସାର ବସାଇ ପାରିନାହିଁ । ଏମିତି ଗୋଟିଏ ପଙ୍ଗୁ ଜୀବନ ତ କେବେ ଚାହିଁ ନଥିଲା ବଟ ? ସ୍ତ୍ରୀ ହୋଇ ଚାରୁଲତା କେବଳ ନିଜ ତରଫଟା ଦେଖିଲା, ହାତଧରି ବାହା ହୋଇଥିବା ସ୍ୱାମୀର ଭଙ୍ଗା ମନ କଥା କେବେ ତ ଚିନ୍ତା କଲା ନାହିଁ ।

ବାହାରେ ସାଇକେଲ ଘଣ୍ଟି ଶବ୍ଦ ଶୁଣି ବେଞ୍ଚ ଉପରୁ ଉଠିପଡ଼ିଲା ବଟ। ଏ ଘଣ୍ଟି ଶବ୍ଦ ତାର ଚିହ୍ନା । ମୋଦି ଡ଼ାକପିଅନର ସାଇକେଲ ଘଣ୍ଟି ଶବ୍ଦ ଏଇଟା । ଦୁଆର ଖୋଲି ଚିଠି ଖଣ୍ଡକ ନେଇ ପୁଣି ଦ୍ୱାର ଆଉଜାଇ ନେଲା ବଟ । ଲଫାପା ଧରିବା ମାତ୍ରେ ବୁଝି ପାରିଥିଲା ଏ ଚିଠି କାହାର । ମୁହୂର୍ତ୍ତଟିଏ ପାଇଁ ହେଲେ ବି ଆଖିବୁଝି ଅନୁଭବ କରିନେଲା ଚିଠି ଉପରେ ଚାରୁଲତା ଆଙ୍ଗୁଳିର ସ୍ପର୍ଶ। ଏଥର କାହିଁକି ଲଫାପାଟା ମୋଟା ଲାଗୁଛି । କ'ଣ ଏତେ କଥା ଲେଖିଛି ଚାରୁଲତା ? ଏ ବୟସରେ ତ ଖାଲି ମୁଁ ଭଲ ଅଛି, ତୁମେ କେମିତି ଅଛ ଲେଖିବା କଥା । ତା'ହେଲେ କ'ଣ କାହାରି ଦେହ ପା କିଛି ଖରାପ ହୋଇପଡ଼ିଛି ନା ଅନ୍ୟ କିଛି ? ଚିଠିଟା ଖୋଲିବାକୁ ଯାଇ ଅଟକିଗଲା ବଟ । ଗାଁରୁ ଚିଠି ଆସିଲେ ସେ ଆଗ ବିଡ଼ି ଖଣ୍ଡିଏ ଧରାଇ ନିଏ । ତାପରେ ଆରାମରେ ବେଞ୍ଚ ଉପରେ ବସି ଚିଠି ଖୋଲି ପଢ଼ିବାକୁ ବସେ । ଆଜି ମଧ ସେଇ ଅଭ୍ୟାସରୁ ତାର ବ୍ୟତିକ୍ରମ ହେଲାନହିଁ । ବେଞ୍ଚକୁ ଆଉଜି ଚିଠି ଖୋଲିଲା ବଟ ।

ଏଥର ତୁମେ ହାତରେ କିଛିଦିନ ନେଇଆସିବ । ଆମେ ସମସ୍ତେ ତୁମ ସାଙ୍ଗରେ ଯିବା । ମୋତେ ଆଉ ଏଠାରେ ରହିବାକୁ ଜମା ଭଲ ଲାଗୁନାହିଁ । ଅନେକ ଦିନ ଏକା ଏକା କଟାଇଲି । ଅନେକ ଜଞ୍ଜାଳ ବି ବହିଲି । ଚନ୍ଦ୍ରିକା ଯାହାକଲା ସେଥିରେ ଘରୁ ବାହାରି ହେଉନାହିଁ। ସେ ଶେଷକୁ ସେଇ ଟୋକା ସାଥୀରେ ଘରୁ ପଳାଇଯାଇଛି । ସମସ୍ତେ ଏବେ ମୋତେ ଦୋଷ ଦେଉଛନ୍ତି । ତୁମେ ତ ଜାଣ ଗାଁର ପରିବେଶ ଏବେ ଆଗଭଳି ନାହିଁ । ଚଞ୍ଚଳା ବଡ଼ ହେଉଛି । ସତରେ ତୁମ କଥା ଆଜିକାଲି ଖୁବ୍ ମନେପଡୁଛି । ସେତେବେଳେ ତୁମ କଥା ମାନି ନେଇଥିଲେ ଆଜି ଏଦିନ ଦେଖିବାକୁ ପଡ଼ିନଥାନ୍ତା । ଚିଠି ପଢୁ ପଢୁ ଅଟକିଗଲା ବ। ଏମିତି ଦି'ପଦ ଆନ୍ତରିକ କଥା ଚାରୁଲତା ମୁହଁରୁ ଶୁଣିବାକୁ ସେ କୋଡ଼ିଏ ବର୍ଷ ପୂର୍ବରୁ ଆଶା କରିଥିଲା । ଆଜି କୋଡ଼ିଏ ବର୍ଷ ପରେ ବି ସେଇ ପୂର୍ବ ଆବେଗକୁ ଫେରି ପାଇବାକୁ ଚେଷ୍ଟା କଲା ବଟ। ଅନ୍ୟମନସ୍କ ଭାବରେ ଘରର ଚାରିଆଡ଼କୁ ଥରେ ଚାହିଁନେଲା । ହଠାତ୍ ଆଖିରେ ପଡ଼ିଲା ବୁଢ଼ିଆଣୀ ଗୋଟିଏ କଡ଼ିକାଠାରୁ ତା ମୁଣ୍ଡ ସିଧାରେ ତଳକୁ ଝୁଲିଆସିଛି । ବସିବା ଜାଗାରୁ ଟିକିଏ ପାଖକୁ ଆଡ଼େଇ ଗଲା ବଟ । ବୁଢ଼ିଆଣୀଟା ବୋଧହୁଏ ଗୋଟିଏ ନୂଆ ସେତୁ ଘର ବାନ୍ଧୁଛି । କିନ୍ତୁ ବଟ ପକ୍ଷରେ ଏ ବୟସରେ ନୂଆ ସେତୁ ଗୋଟିଏ ବାନ୍ଧିବା ହୁଏତ କଷ୍ଟ । ତଥାପି ଚାରୁଲତା ଆଶା ବାନ୍ଧି ତା ଆଡ଼କୁ ହାତ ବଢ଼ାଇଛି । ନା, ଏ ବେଳରେ ତାକୁ ନିରାଶ କରିବ ନାହିଁ ସେ । ଚିଠିଟି ମୋଡ଼ିମାଡ଼ି ବେଞ୍ଚ ଉପରେ ଥୋଇ ଝାଡୁଧରି ଘର ଓଳାଇବାକୁ ଉଠିପଡ଼ିଲା ବଟ । ଚାରୁଲତା ଆସିବା ପୂର୍ବରୁ ଏ ଘରଟା ଆଗ ପରିଷ୍କାର କରିନେବାକୁ ପଡ଼ିବ । ଚାରୁଲତା ଆସିଲେ ପ୍ରଥମେ ଏଇଘରେ ତ ପାଦ ରଖିବ ।

ଝାଡୁଧରି ବେଞ୍ଚ ଉପରେ ଠିଆ ହୋଇ ବୁଢ଼ିଆଣୀ ଜାଲ ସବୁ ଝାଡ଼ିବାକୁ ଲାଗିଲା ବଟ । ସୂତାର ସେତୁଗୁଡ଼ାକ ଗୋଟିକ ପରେ ଗୋଟି, ଛିଣ୍ଡି ଯାଉଥିଲା । ଭାଙ୍ଗି ଯାଉଥିଲା ବୁଢ଼ିଆଣୀ ଗୁଡ଼ାକର ଏତେଦିନର ସୁଖର ସଂସାର । ଘର ଭାଙ୍ଗିବା ହେତୁ ବୁଢ଼ିଆଣୀଗୁଡ଼ାକ ତଳେ ପଡ଼ି ଏଣେ ତେଣେ ଦୌଡ଼ି ପଳାଉଥିଲେ । ବଡ଼ ଆଶ୍ୱସ୍ତି ଲାଗୁଥିଲା ବଟକୁ । ଯେଉଁମାନେ ତାର ଏତେଦିନର ସାଥୀ ପରିଜନ ଥିଲେ ସେମାନେ ଯେମିତି ହଠାତ୍ ଆଜି ପର ହେଇ ଯାଉଛନ୍ତି । ସେଦିନ ଯେମିତି ଚାରୁଲତାର ସ୍ୱଭାବ ଚରିତ୍ର ନେଇ ସେ ଇଚ୍ଛା କରି ଦୂରେଇ ଦେଇଥିଲା ତା ପରିଜନଙ୍କୁ । ଆଜି ମଧ ଚାରୁଲତାର ଆଗମନ ପାଇଁ ସେ ଏଇ ଅବୁଝା ଜୀବଗୁଡ଼ାଙ୍କୁ ଅନିଚ୍ଛାରେ ତଡ଼ି ଦେଉଛି ।

ନା, ଆଜି ଆଉ ସେ ସବୁ କଥା ଭାବି ଲାଭ ନାହିଁ । ବାଟ ଭୁଲା ଗାଈଟା ସଂଜହେଲା ପୂର୍ବରୁ ଘରମୁହାଁ ହୋଇଛି ସେଇଟା ବଡ଼ କଥା । ଭାବୁଛି ଡେରି ନକରି ନଟକୁ ଯାଇ ଭଡ଼ାଘର କଥାଟା କହିବ । ସେମାନେ ଆସିବା ପୂର୍ବରୁ ସେ ଘରଟା ମଧ ପରିଷ୍କାର କରି ରଖିବ । ପୁଣି ଭାବିଲା ଏତେ ଆଗରୁ ସଫାସୁତୁରା କରି ଲାଭ କ'ଣ ? ପୁଣି ତ ମଇଳା ଜମିବ । ଚାରୁଲତା ଆସିଲେ ବରଂ ଦୁହେଁ ମିଶି କରିନେବେ । ସେତେବେଳେ ଘରଟା ତ କେବଳ ବଟର ହେବନାହିଁ । ଏମିତି ଗୋଟିଏ ସଂସାରୀ ପରିବେଶ ତ ଏତେବର୍ଷ ହେଲା କେବଳ ଚାହିଁଥିଲା ସେ ।

ଆଃ ପେଟ ବ୍ୟଥାଟା ଆଉଥରେ କାହିଁକି ବାହାରି ପଡ଼ିଲାଣି । କିଏ ଜାଣେ ଏ କଷ୍ଟରୁ ସେ କେବେ ମୁକ୍ତି ପାଇବ । ନା, ଏବେ ଆଉ କୌଣସି କାମ କରିହେବ ନାହିଁ । ତାକୁ ଟିକିଏ ବିଶ୍ରାମ ନେବାକୁ ହେବ । ଝାଡୁଟା ଘରକୋଣରେ ଯଥା ସ୍ଥାନରେ ରଖି ପୁଣିଥରେ ବେଞ୍ଚ ଉପରେ ଆସି ଶୋଇପଡ଼ିଲା ବଟ । ଲାଲ ରଙ୍ଗର ଛୋଟ ବିରୁଡ଼ି କେଇଟା ସେତେବେଳଠୁଁ ତାଙ୍କ ବସା ପାଖରେ ଉଡୁଛନ୍ତି । ତାଙ୍କ ଡ଼େଣାରୁ ନିର୍ଗତ ଗୁଣୁ ଗୁଣୁ ଶବ୍ଦ ବଟ କାନ ପାଖରେ ଆଜି ଯେମିତି ଗୋଟିଏ ନୂଆ ଗୀତର ଲହର ତୋଳିଛି । ସେ ନୂଆ ଗୀତଟା ବୋଧହୁଏ, ଚାରୁଲତାର । ଅବଶ୍ୟ ସେ ଗୀତରେ କୋଡ଼ିଏ ବର୍ଷ ପୂର୍ବ ସେଇ କୋମଳତା ଆଉ ନାହିଁ । ମାଦକତା ମଧ ନାହିଁ । ତଥାପି ସେଦିନର ଆବେଗ ନେଇ ସେ ଆସୁଛି । ବଟର ଭଙ୍ଗାଦେହ ଭଙ୍ଗାମନକୁ ସଜାଡ଼ି ନୂଆ ଗୋଟିଏ ମଜବୁତ୍ ସେତୁ ବାନ୍ଧିବାର ସ୍ୱପ୍ନ ନେଇଆସୁଛି । ବଟ ମନରେ ଆଜି ଅବ୍ୟକ୍ତ ଉନ୍ମାଦନା । ନା, ଏ ସମୟରେ କୌଣସି ପ୍ରକାର ବିଳମ୍ବ କରିବା ତା ପକ୍ଷରେ ଉଚିତ ହେଉନାହିଁ । ତାକୁ ଶୀଘ୍ର ଗାଁକୁ ଯିବାକୁ ହେବ ।


+ ସହଦେବଖୁଣ୍ଟା,
ବାଲେଶ୍ୱର-୧
(ମୋ)୯୦୯୦୦୦୧୬୨୦


## ସମୟ ସାଗର କୂଳେ


ପ୍ରଫୁଲ୍ଲ ବାରିକ


କଲେଜ ସାରିକି ଶଶାଙ୍କ ବହୁତ ଚେଷ୍ଟା କଲା ଚାକିରୀ ଖଣ୍ଡେ ପାଇଁ। ସରକାରୀ ତ ସ୍ୱପ୍ନ, ବେସରକାରୀବି ଜୁଟିଲାନି ଭାଗ୍ୟରେ। ସିମିତି ସାଧ୍ୟ ନାଇଁ ଯେ ପୁଞ୍ଜି ମେଲେଇ କରିବସିବ ବେପାର।

ତା ମନ ଭାଙ୍ଗି ଚୁନା ହେଇଗଲା। ତା ପାଠ, ତା ଯୋଗ୍ୟତା, ସର୍ବୋପରି ତା ଯୁବ ବୟସର ଶକ୍ତି ସାମର୍ଥ୍ୟ ସବୁ ଲାଗିଲା ଅସାର, ଅକାମୀ। ଅଣ୍ଟାରେ ସାଇତା ଅଚଳ ଅଧୁଲି। ନା କାମକୁ, ନା କାରଣକୁ। ମନ ହେଇଆସିଲା ସଂକୁଚିତ, ଛୋଟ । ତା ଅଯୋଗ୍ୟପଣର ଅଲାଜୁକ ମୁହଁକୁ ଅନ୍ୟ ଆଗରେ ଦେଖେଇବାକୁ ତାକୁ ସଂକୋଚ ବୋଧ ହେଲା।

ବଞ୍ଚିବା ମରିବା ଦୋଛକିରେ ଠିଆ ହେଇଥିବାବେଳେ ତାକୁ ଦିଶିଲା ଗୋଟିଏ ରାସ୍ତା, ତା ବଞ୍ଚିବାର ଶେଷ ରାହା। ନିଷ୍ପତି ନେଲା ରାଜନୀତିକୁ ଓହ୍ଲେଇବ। କଲେଜ ଅଭିଜ୍ଞତା ତାକୁ ଏ ଦିଗରେ ପ୍ରୋତ୍ସାହିତ କଲା। ଆରମ୍ଭ କଲା ପଂଚାୟତ ସରପଞ୍ଚରୁ।

ଟଳମଳ ପାଦ ଏବେ ସ୍ଥିର। ସ୍ଥିର ଜଳରେ ପ୍ରତିବିମ୍ବିତ ପାର୍ଶ୍ୱ ଦୃଶ୍ୟ। ମନର ସ୍ଥିରତା ନେଇ ପଛଦିନ କଲେଜ ଜୀବନ ଏବେ ପ୍ରତିବିମ୍ବିତ ମନ ଦର୍ପଣରେ।

ବାସନ୍ତୀ ତା କଲେଜମେଟ । ଭାରି ସୁନ୍ଦରୀ । ତା ପସନ୍ଦର। କଥା ହଉଥିଲେ ବି କେବେ କହିନି ମନ କଥା ତାକୁ । ଏକଲା ମୁହୂର୍ତ୍ତରେ ବାସନ୍ତୀର ମୁହଁ ଏବେ ଦିଶୁଚି ଗୋଟାପଣି ।

ବିଧିର ବିଧାନକୁ ମାନିବାର । ଦିନେ ବାସନ୍ତୀର ବାପା ପ୍ରସ୍ତାବ ନେଇ ଅକସ୍ମାତ ପହଞ୍ଚିଲେ ଶଶାଙ୍କ ଘରେ। ଜାଣିବା ପରେ ଶଶାଙ୍କ ଗୋଡ଼ ମାଟି ଛୁଉଁ ନଥାଏ। ଚା'ପାନ ପରେ ଶଶାଙ୍କକୁ ପାଖରେ ବସେଇ ବାସନ୍ତୀ ବାପା ପଚାରିଲେ -ତମେ ତ ଜାଣ ବାସନ୍ତୀକୁ । ତାରି କଥାରେ ପ୍ରସ୍ତାବ ନେଇ ଆସିଛି ମୁଁ। ବାହାଘରେ ତମେ ରାଜିତ ?

ଆଜ୍ଞା ରାଜି।

ତଳକୁ ଅନେଇ ଚଟାପଟ ଉତ୍ତର ଦେଲା ଶଶାଙ୍କ। କର କଣ ? ମାନେ, ରୋଜଗାରର ମାଧ୍ୟମ କ'ଣ ତମର ?

ରାଜନୀତି କରେ।

ଶଶାଙ୍କ ଟିକେବି ଦ୍ୱିଧା ନକରି ପ୍ରକାଶ କଲା। ରାଜନୀତି କେବେ କଣ ଜୀବିକା ହେଇପାରେ ? ସିଏତ ଗଛର ଛାଇ। ହେଇ ଅଛି, ତ' ହେଇ ନାଇଁ। ଅନ୍ୟ କିଛି ସ୍ଥାୟୀ ଧନ୍ଦା କରୁନା ?

ଶଶାଙ୍କ ନିରବ ରହିଲା।

ପରେ ଶୁଣିଲା ବାସନ୍ତୀର ବାପା ବାସନ୍ତୀକୁ ଅନ୍ୟତ୍ର ଦେଲେ । ଶଶାଙ୍କ ଦୁଃଖ କଲାନି। ରାଜନୀତି ତା ହୃଦୟକୁ ଟାଣ କରି ସାରିଥିଲା । ବେଶ୍ କେଇ ଦିନ ପରର ଘଟଣା। ଶାସକ ଦଳର ଏମଏଲଏ ଆସୁଥାଆନ୍ତି। ଥାଟପାଟରେ ଭାଙ୍ଗି ପଡୁଥାଏ ଖଣ୍ଡ ମଣ୍ଡଳ। ସୋରିଷ ବୁଣିଲେ ଲୋକ ଗହଳିରେ ତଳେ ପଡ଼ିବନି । ମଞ୍ଚ କାର୍ଯ୍ୟକ୍ରମ ଅନ୍ତେ ସୁବିଧା ପାଇ ବାସନ୍ତୀକୁ ଧରି ତା' ବାପା ପହଁଚିଲେ। ସେଯାଏ ନା ସେ ଦେଖି ଥାଆନ୍ତି ଏମଏଲଏଙ୍କୁ, ନା ଜାଣି ଥାଆନ୍ତି ତାଙ୍କୁ। ସାମ୍ନାରେ ଦେଖି ଚମକି ପଡିଲେ। ଚମକିଲା ବି ବାସନ୍ତୀ। ଏମଏଲଏ ଅନେଇଥା'ନ୍ତି ନିଷ୍ପଲକେ।

ଫେରି ଆସିବାକୁ ଯାଉଛନ୍ତି, ଏମଏଲଏ କହିଲେ, କୁଆଡେ ଆସିଥିଲ ବାସନ୍ତୀ ? ନକହି ଫେରୁଛ ଯେ କୁହ.... ?

ମୋତେ କ୍ଷମା କରିବେ ଶଶାଙ୍କ ବାବୁ। ବାସନ୍ତୀ ବାପା ହାତ ଯୋଡ଼ିଲେ। କୁହନ୍ତୁ କୁଆଡେ ଆସିଥିଲେ ?

ଶଶାଙ୍କ ପଚାରିଲା ସ୍ୱାଭାବିକ ଠାଣିରେ। ବାସନ୍ତୀକୁ ତା' ବର କାଢି ଦେଇଛି। ଦି'ବର୍ଷ ହବ ମୋ ପାଖରେ। ସିଏ କୁଆଡେ ଆଉ ଗୋଟା କାହାକୁ ରଖିଛି ବାହାରେ । ମୁଁ କଣ କରିବି, ମୋତେ ଟିକେ ସାହାଯ୍ୟ କରନ୍ତୁ । ମୋ ଝିଅ ଭାସି ଗଲା।

ଶଶାଙ୍କ ଅନେଇଲା ବାସନ୍ତୀକୁ ଏବଂ ତା ବାପାକୁ। କହିଲା, ମୁଁ ବାସନ୍ତୀକୁ ଗ୍ରହଣ କରିବି। ଏବେବି ମୁ ଅବିବାହିତ। ରାଜି ଛାଡ଼ପତ୍ର ମୁଁ କରେଇଦେବି।

ତୃଷାର୍ତ୍ତ ବାସନ୍ତୀର ଆଖି ଦ୍ୱନ୍ଦ୍ୱରେ ଦୋଳାୟମାନ - ସାମ୍ନା ଦୃଶ୍ୟ ପାଣିର, ନା ମରିଚିକାର ?

ତା ବାପା କାନ କୁଣ୍ଡଉଥିଲେ, ସେ ଠିକ ଶୁଣିଲେତ ?

ଶଶାଙ୍କ କହିଲା, ଚିନ୍ତାକରି ପରେ କହିବେ । ଏବେ ଯାଆନ୍ତୁ ।

ବାପ ଝିଅ ସହାସ୍ୟ ଫେରୁଥିବା ଦେଖି ଲୋକଟିଏ ପଚାରିଲା, କାମ ହେଇଗଲା ? ସବୁ କୁଶଳ ତ ?

ହଁ ଆଜ୍ଞା, ଏମଏଲଏ ମହାନ।

ବାସନ୍ତୀ ବାପା ଉତ୍ତର ଦେଲେ ଗଦ ଗଦ ହେଇ।
ଲୋକଟି ପୁଣି କହିଲା, ମନେ ରହେ ଯିମିତି...
ଇଏ ରାଜନୀତିର ଭାଷା,
ପାଖରେ ପାଇଲେ ପାଣିରେ ସର, ଦୂର ହେଇଗଲେ ପାଣିର ଗାର।
ବାପ ଝିଅ ଚାହାଁଚାହିଁ ହଉଥିଲେ ପରସ୍ପର ମୁହଁକୁ ।


+ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ, ମୋ:୯୨୩୮୯୨୦୪୦୫




# ତୃତୀୟ ଲହରର ମୁକାବିଲା ଲାଗି ପ୍ରସ୍ତୁତ ଅଛୁ : ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୧୯/୧୨ (ନି.ପ୍ର): ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଂଜନ ମିଶ୍ର କହିଛନ୍ତି ଯେ ତୃତୀୟ ଲହର ମୁକାବିଲା ଲାଗି ଆମେ ପ୍ରସ୍ତୁତ ଅଛୁ। ଏଠାରେ ସାମ୍ବାଦିକ ମାନଙ୍କ ସହ କଥାବାର୍ତ୍ତା ବେଳେ ସେ ଏହା କହିଛନ୍ତି । ଶ୍ରୀ ମିଶ୍ର କହିଛନ୍ତି ଯେ , ଯେତେ ରୋଗୀ ଚିହ୍ନଟ ହେଲେ ମଧ ତାଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଆମର ପ୍ରସ୍ତୁତି ରହିଛି । ବ୍ରିଟେନରେ ଯେମିତି ସଂକ୍ରମଣ ବଢୁଛି, ତୃତୀୟ ଲହର ସମ୍ଭାବନା ନିଶ୍ଚିତ ରହିଛି । ତେଣୁ ଯାହା ସରକାରଙ୍କର ନିୟମାବଳୀ ରହିଛି, ଆନ୍ତର୍ଜାତିକ ଯାତ୍ରୀଙ୍କର ସର୍ଭେଲାନ୍ସ କରାଯିବା ସହ ସତର୍କତା ବଢା ଯାଇଛି । ଓମିକ୍ରନ ଚିହ୍ନଟ ପାଇଁ ଜିନମ ସିକ୍ୱେନ୍ସିଂ ଆବଶ୍ୟକ। ତେଣୁ ସିକ୍ୱେନ୍ସିଂ ପାଇଁ ଯାଉଥିବା ନମୁନା ସଂଖ୍ୟା ବଢାଇବାକୁ କୁହାଯାଇଥିବା ସେ ପ୍ରକାଶ କରିଛନ୍ତି । ସେ ଆହୁରି କହିଛନ୍ତି ଯେ ଏବେ ସୁଦ୍ଧା ରାଜ୍ୟକୁ ଆଟ ରିସ୍କ ଦେଶ ମାନଙ୍କରୁ ୧୫ ଶହରୁ ଅଧିକ ଲୋକ ଆସିଲେଣି। ଯାହା ତଥ୍ୟ ଅଛି, ଓମିକ୍ରନର ଲକ୍ଷଣ ପୂର୍ବ ଭଳି ପ୍ରାୟ ସମାନ। ଦ୍ୱିତୀୟ ଲହରରେ ଯେଉଁ ଟ୍ରିଟମେଂଟ ଥିଲା, ଏବେ ବି ତାହା ରହିଛି। ଓମିକ୍ରନ ଯୋଗୁ ଯେଉଁ ପରିସ୍ଥିତି ସୃଷ୍ଟି ହେବ, ତାକୁ ସମ୍ଭାଳିବା ଲାଗି ଆମର କ୍ଷମତା ରହିଥିବା ସେ କହିଛନ୍ତି । ସେ କହିଛନ୍ତି ଯେ ରୋଗୀ ସଂଖ୍ୟା ବୃଦ୍ଧି ସହ ତାଳ ଦେଇ ଭିତ୍ତିଭୂମି ବଢ଼ାଯିବ। ପୂର୍ବ ପ୍ରସ୍ତୁତି ସହ ଅକ୍ସିଜେନ, ବେଡ, ଜରୁରୀ ଔଷଧ ମହଜୁଦ ରଖାଯାଉଛି। ନିୟମିତ ଏହାର ତର୍ଜମା କରାଯାଉଛି ଓ ପ୍ରସ୍ତୁତି ଚାଲିଛି। ରାଜ୍ୟର ସମସ୍ତ କୋଭିଡ ହସ୍ପିଟାଲ, ଘରୋଇ ହସ୍ପିଟାଲରେ ସ୍ୱତନ୍ତ୍ର ଓମିକ୍ରନ ବ୍ଲକ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି।

# ନୀତିଶାସ୍ତ୍ର ଓ ମୂଲ୍ୟବୋଧ ଶିକ୍ଷାର ପାଠ୍ୟଖସଡ଼ା ଉନ୍ମୋଚନ

ଭୁବନେଶ୍ୱର ,୧୯/୧୨ (ନି.ପ୍ର): ମଣିଷ ଜୀବନରେ ମୂଲ୍ୟବୋଧର ଅବକ୍ଷୟକୁ ରୋକିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ନୀତିଶାସ୍ତ୍ର ଶିକ୍ଷା ପ୍ରଦାନ କରିବା ନିତାନ୍ତ ଜରୁରୀ। ଜଣେ କେବଳ ଉଚ୍ଚ ଶିକ୍ଷା ଦ୍ୱାରା ସଫଳ ହୋଇପାରେନାହିଁ, ଭଲ ମଣିଷ ହେବା ହିଁ ବଡ଼ ସଫଳତା। ଆଜି ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରସ୍ତୁତି ଓ ଉତ୍ପାଦ ବ୍ୟୁରୋ ବୋର୍ଡରୁମ୍‌ରେ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ଦ୍ୱାରା 'ନୀତିଶାସ୍ତ୍ର ଓ ମୂଲ୍ୟବୋଧ' ଶିକ୍ଷା ପାଠ୍ୟଖସଡ଼ାର ପ୍ରଥମ ଭାଗ ଉନ୍ମୋଚନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃଷି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଏହା କହିଛନ୍ତି। ଏହି ଅବସରରେ ମନ୍ତ୍ରୀ ଡ. ସାହୁ ପୁଣି କହିଲେ ଯେ ଓଡ଼ିଶାକୁ ଏକ ଜନମଙ୍ଗଳ ରାଜ୍ୟ ରୂପେ ଗଢ଼ି ତୋଳିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରୟାସ ଯୋଗୁଁ ଉଚ୍ଚଶିକ୍ଷା ବିଭାଗ ନୀତିଶାସ୍ତ୍ର ଓ ମୂଲ୍ୟବୋଧ ଶିକ୍ଷାର ଏହି ପାଠ୍ୟଖସଡ଼ା ପ୍ରସ୍ତୁତ କରିଛି। ମୂଲ୍ୟବୋଧ ଅବକ୍ଷୟ ରୋକିବା ପାଇଁ ଏହା ଏକ ମାଇଲଖୁଣ୍ଟ ହେବ। ଛାତ୍ରଛାତ୍ରୀମାନଙ୍କୁ ଜଣେ ଜଣେ ଉତ୍ତମ ମଣିଷ ଭାବେ ଗଢ଼ିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନରେ ଏହି ପାଠ୍ୟଖସଡ଼ା କାର୍ଯ୍ୟକାରୀ ହେବାକୁ ଯାଉଛି ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ତଥା ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର କହିଲେ ଯେ ଛାତ୍ରଛାତ୍ରୀମାନେ ଏହି ପାଠ୍ୟଖସଡ଼ାର ବହି ନକିଣି ସଂପୂର୍ଣ୍ଣ ମାଗଣାରେ ପଢ଼ିବେ। ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ୱେବ୍‌ସାଇଟ୍ https://oshec.nic.in Gaõ https://vtputkal.odisha.gov.in ରୁ ଡାଉନ୍‌ଲୋଡ୍ କରି ପଢ଼ିବେ। ଅନ୍ୟତମ ଅତିଥି ତଥା ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ଉପାଧକ୍ଷ ପ୍ରଫେସର ଅଶୋକ କୁମାର ଦାସ କହିଲେ ଯେ ଏହାକୁ ସମାଜତତ୍ତ୍ୱ, ରାଜନୀତି ବିଜ୍ଞାନ, ନୃତତ୍ତ୍ୱ ତଥା ଇତିହାସର ଅଧାପକମାନେ ମହାବିଦ୍ୟାଳୟ ମାନଙ୍କରେ ପଢ଼ାଇବେ। ସୂଚନାଯୋଗ୍ୟ, ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ଦ୍ୱାରା ପ୍ରସ୍ତୁତ ହୋଇଥିବା ନୀତିଶାସ୍ତ୍ର ଓ ମୂଲ୍ୟବୋଧର ଏହି ପାଠ୍ୟଖସଡ଼ାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପିଲାମାନଙ୍କଠାରେ ସକାରାତ୍ମକ ଚରିତ୍ର, ସହାନୁଭୂତିଶୀଳ ମଣିଷପଣିଆ, ଦାୟିତ୍ୱପୂର୍ଣ୍ଣ ନାଗରିକବୋଧ ଓ ଅନୁକମ୍ପାର ବିକାଶ କରାଇବା। ସଂପୂର୍ଣ୍ଣ ସିଲାବସ୍‌କୁ ୬ଟି ୟୁନିଟ୍‌ରେ ବିଭକ୍ତ କରାଯାଇଛି। ଯୁକ୍ତ-୩ ସ୍ତରର ସମସ୍ତ ବିଜ୍ଞାନ, କଳା ଓ ବାଣିଜ୍ୟ ପାଠ୍ୟକ୍ରମର ୬ଟି ସେମିଷ୍ଟାରରେ ଗୋଟିଏ ଲେଖାଏଁ ୟୁନିଟ୍ ସାମିଲ କରାଯାଇଛି। ପ୍ରତ୍ୟେକ ୟୁନିଟ୍ ୨୫ ମାର୍କ ବିଶିଷ୍ଟ ହେବ। ଯୁକ୍ତ-୩ର ପ୍ରତ୍ୟେକ ସେମିଷ୍ଟାରରେ ଏକ ୟୁନିଟ୍ ହିସାବରେ ସଂଯୁକ୍ତ ହେବ। ଗୋଟିଏ ୟୁନିଟ୍ ପଢ଼ାଇବା ପାଇଁ ୧୫ଟି ପିରିୟଡ୍ ରହିବ। ସମସ୍ତ ବିଶ୍ୱବିଦ୍ୟାଳୟ ଏହି ପାଠ୍ୟଖସଡ଼ାକୁ ଅନୁମୋଦନ କରିସାରିଛନ୍ତି ଓ ଚଳିତ ବର୍ଷରୁ ଏହାକୁ ପାଠ୍ୟକ୍ରମରେ ସାମିଲ କରାଯାଇଛି। ମୋଟ ୬ଟି ମଡ୍ୟୁଲ୍‌ରେ ବିଭକ୍ତ ଏହି ସିଲାବସ୍‌ର ପ୍ରଥମ ବାଗ, 'ୱିମେନ୍, ସୋସିଆଲ ଇନ୍‌ଷ୍ଟିଚ୍ୟୁସନ୍ସ ଆଣ୍ଡ ପ୍ରାକ୍ଟିସେସ୍'ର ଆଜି ଉନ୍ମୋଚନ ହୋଇଛି।

# ଜାନୁଆରୀ ତୃତୀୟ ସପ୍ତାହ ସୁଦ୍ଧା ପିକ୍‌ରେ ପହଂଚିପାରେ ସଂକ୍ରମଣ

ଭୁବନେଶ୍ୱର,୧୯/୧୨ (ନି.ପ୍ର): ଓମିକ୍ରନ ନିଶ୍ଚିତ ଭାବେ ଭାରତରେ ତୃତୀୟ ଲହର। ଏଥିରେ କୌଣସି ସନ୍ଦେହ ନାହିଁ। ଯେଉଁ ଭଳି ଏହା ସଂକ୍ରମଣ କରୁଛି ତାହା ଚିନ୍ତାଜନକ। ଦକ୍ଷିଣ ଆଫ୍ରିକା, ୟୁକେ,ଡେନମାର୍କ ଓ ନରୱେ ରେ ଏହା କ୍ଷିପ୍ର ଗତିରେ ମାଡୁଛି। ଏହା ସମଗ୍ର ବିଶ୍ୱକୁ ବ୍ୟାପିବ। କେସ୍ ଲୋଡ୍ ବହୁତ ବଢ଼ିବ। ମାତ୍ର ସିଭିୟରିଟି ହେବ ନାହିଁ। ବିଦେଶ ଅନୁପାତରେ ଆମ ଦେଶରେ୨୦ରୁ ୨୫ ଲକ୍ଷ କେସ ଦୈନିକ ଆସିବ ବୋଲି ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ ନିରୋଜ ମିଶ୍ର। ସେ କହିଛନ୍ତି ଯେ ଡ଼ିସେମ୍ବର ଶେଷ କିମ୍ବା ଜାନୁଆରୀ ପ୍ରଥମ ସପ୍ତାହରେ ସଂକ୍ରମଣ ବଢିବାର ସମ୍ଭାବନା ରହିଛି। ଜାନୁଆରୀ ତୃତୀୟ ସପ୍ତାହ ସୁଦ୍ଧା ସଂକ୍ରମଣ ପିକ୍ ରେ ପହଂଚି ପାରେ। ଓଡ଼ିଶାରେ ପାଖାପାଖି ୪୦ରୁ ୫୦ ହଜାର ଭିତରେ କେସ ଲୋଡ ରହିପାରେ ବୋଲି ସେ ସୂଚନା ଦେଇଛନ୍ତି।

ସେ କହିଛନ୍ତି,ଯେଉଁମାନେ ଚିହ୍ନଟ ହେବେ ସମସ୍ତେ ଲକ୍ଷଣବିହୀନ ହିଁ ଚିହ୍ନଟ ହେବେ। ଯେଉଁମାନେ ମାନଙ୍କର ଇମ୍ୟୁନିଟି କମ୍ ରହିଛି ସେମାନଙ୍କ କ୍ଷେତ୍ରରେ ସିଭିୟରିଟି ବଢ଼ିବ।

# ବସ୍ତି ବାସିନ୍ଦାଙ୍କ ପାଇଁ ଅଣ୍ଟା ଭିଡ଼ିଲା କଂଗ୍ରେସ

ଭୁବନେଶ୍ୱର,୧୯/୧୨ (ନି.ପ୍ର): ଆଜିକୁ ୧୧ ଦିନ ହେବ ଏକାମ୍ର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୱାଡ ନଂ- ୬୫ ଡୁମୁଡୁମା ହାଉସିଂବୋର୍ଡ ଫେଜ-୧, ସୁବାଷବୋଷ ନଗର ବସ୍ତି ବାସିନ୍ଦାମାନେ ରାଜ୍ୟ ସରକାର ଦ୍ୱାରା ବେଆଇନ ବସ୍ତି ଉଚ୍ଛେଦକୁ ବିରୋଧ କରି ଦିବାରାତ୍ର ଧାରଣାରେ ବସିଛନ୍ତି। ଏହାକୁ ସମର୍ଥନ କରି ଆଜି ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶଙ୍କ ନେତୃତ୍ୱରେ କଂଗ୍ରେସ ନେତୃବୃନ୍ଦ ଉକ୍ତ ଧାରଣାରେ ସାମିଲ ହୋଇଥିଲେ। ଧାରଣାରେ ଯୋଗଦେଇ ଏଆଇସିସି ସାଧାରଣ ସଂପାଦକ ତଥା ଓଡ଼ିଶା ପ୍ରଭାରୀ ଡ. ଏ ଚେଲା କୁମାର ବସ୍ତିବାସିନ୍ଦାଙ୍କୁ ସମ୍ବୋଧିତ କରି କହିଥିଲେ ଗରିବ ଶ୍ରେଣୀୟ ଲୋକଙ୍କୁ କଂଗ୍ରେସ ଦଳ ସଦାସର୍ବଦା ସୁରକ୍ଷା ଦେଇ ଆସୁଛି। ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ଠୁ ଆରମ୍ଭ କରି ରାଜୀବ ଗାନ୍ଧୀ, ମନମୋହନ ସିଂ ଙ୍କ ପର୍ଯ୍ୟନ୍ତ ଭୂମିହୀନଙ୍କୁ ଗୃହ ନିର୍ମାଣ ପାଇଁ ମାଗଣାରେ ଜମି ଏବଂ ପରବର୍ତି ସମୟରେ ଗୃହ ନିର୍ମାଣ ପାଇଁ ଆର୍ଥିକ ଅନୁଦାନ ପ୍ରଦାନ ଯୋଜନା କଂଗ୍ରେସ ଦ୍ୱାରା ଆରମ୍ଭ ହୋଇଥିଲା। ଏହି ଯୋଜନା ଗୁଡ଼ିକୁ ପରବର୍ତୀ ସମୟରେ କେନ୍ଦ୍ର ଓ ରାଜ୍ୟ ସରକାର ନାମ ପରିବର୍ତନ କରି ନିଜସ୍ୱ ଯୋଜନା ହିସାବରେ ଲୋକଙ୍କ ଆଖିରେ ଧୂଳି ଦେଇଛନ୍ତି। ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ ଅନୁରୂପ ଭାବେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅପାରଗତାକୁ ଦର୍ଶାଇ କହିଥିଲେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗରିବ ବିରୋଧି ସରକାର। ଦରଦାମ ଠାରୁ ଆରମ୍ଭ କରି ସ୍ଥାୟୀତ୍ୱ ପର୍ଯ୍ୟନ୍ତ ସବୁଥିରେ ବିଫଳ। କଂଗ୍ରେସ କାଲି ମଧ ଗରିବ, ଦଳିତ ଓ ଅସହାୟଙ୍କ ସହ ଥିଲା ଆଗକୁ ମଧ ଅନ୍ୟାୟ ବିରୋଧରେ ପ୍ରଭାବିତଙ୍କ ସାଙ୍ଗରେ ଠିଆ ହେବ। ସେହିପରି ବିଧାୟକ ସୁରେଶ କୁମାର ରାଉତରାୟ ଏବଂ ଉପସଭାପତି ଶିବାନନ୍ଦ ରାୟ ବସ୍ତିବାସିନ୍ଦାଙ୍କୁ ଆଶ୍ୱସନା ଦେଇ କହିଥିଲେ ପୋଲିସ, ପ୍ରଶାସନ କିମ୍ବା ସରକାର ବେଆଇନ ଭାବେ ବସ୍ତି ଉଚ୍ଛେଦ କରିପାରିବେ ନାହିଁ। ଆଜିର ଏହି ଧାରଣା କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଏଆଇସିସି ସଂପାଦକଜି. ରୁଦ୍ର ରାଜୁ, ପିସିସି ସଂପାଦକ ସୁବ୍ରତ ମହାପାତ୍ର, ଜ୍ଞାନଦେବ ବେଉରା, ରର୍ଣ୍ଣ ମହାପାତ୍ର, ସେକ ତାକୱିମ, ଆଶିଷ ମଲ୍ଲିକ, ବ୍ଲକ ସଭାପତି ସେକ ଆପତାବ ଅଲ୍ଲି, ସାଗର ପରିଡ଼ା ପ୍ରମୁଖ ସାମିଲ ହୋଇଥିଲେ।

# ଗତ ୨୪ ଘଣ୍ଟା ଭିତରେ ରାଜ୍ୟରେ ୧୯୩ କରୋନା ପଜିଟିଭ୍ ଚିହ୍ନଟ, ୩୪ ଜଣ ଶିଶୁ ଓ କିଶୋର ସଂକ୍ରମିତ

ଭୁବନେଶ୍ୱର,୧୯/୧୨ (ନି.ପ୍ର): ଗତ ୨୪ ଘଣ୍ଟା ମଧରେ ରାଜ୍ୟରେ ୧୯୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୧୨ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୮୧ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିଭିତରେ ୧୮ ବର୍ଷରୁ କମ୍ ବୟସ୍କ ୩୪ ଜଣ ଶିଶୁ ଓ କିଶୋର କରୋନା ପଜିଟିଭ ଅଛନ୍ତି। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୦୭ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧରେ ଅନୁଗୁଳ ଜିଲ୍ଲାରୁ ୧ ଜଣ, ଭଦ୍ରକରୁ ୩ ଜଣ, କଟକରୁ ୧୭ ଜଣ, ଦେବଗଡ଼ରୁ ୩ ଜଣ, ଗଜପତିରୁ ୨ ଜଣ, ଜଗତସିଂହପୁରରୁ ୪ ଜଣ, ଯାଜପୁରରୁ ୩ ଜଣ, ଝାରସୁଗୁଡ଼ାରୁ ୪ ଜଣ, କେନ୍ଦ୍ରାପଡ଼ାରୁ ୩ ଜଣ, ଖୋର୍ଦ୍ଧାରୁ ୧୦୭ ଜଣ, ମୟୂରଭଞ୍ଜରୁ ୩ ଜଣ, ନୟାଗଡ଼ରୁ ୧ ଜଣ, ପୁରୀରୁ ୨ ଜଣ, ରାୟଗଡ଼ାରୁ ୧ ଜଣ, ସମ୍ବଲପୁରରୁ ୮ ଜଣ, ସୋନପୁରରୁ ୧ ଜଣ ସୁନ୍ଦରଗଡ଼ରୁ ୪ ଜଣ ଓ ଷ୍ଟେଟ ପୁଲରୁ ୨୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି।

# ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁରରେ ମାଲକାନଗିରିର ଦିଦାୟୀ ଜନଜାତିଙ୍କ ଜୀବନଶୈଳୀ ଓ ସଂସ୍କୃତି

ଭୁବନେଶ୍ୱର,୧୯/୧୨ (ନି.ପ୍ର): ରାଜ୍ୟ ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁରରେ ଦର୍ଶକମାନେ ଆସନ୍ତାକାଲି (ଡିସେମ୍ବର ୧୯) ଦର୍ଶକମାନେ ଫେସବୁକ୍ ଓ ଟୁଇଟର ପେଜ୍ ମାଧ୍ୟମରେ ମାଲକାନଗିରିର ଦିଦାୟୀ ଜନଜାତିଙ୍କ ଜୀବନଶୈଳୀ ଓ ସଂସ୍କୃତି ସଂପର୍କରେ ଜାଣିପାରିବେ। ଏସ୍‌ସିଏସ୍‌ଟିଆରଟିଆଇର ନିର୍ଦ୍ଦେଶକ ପ୍ରଫେସର (ଡ.) ଅଖିଳ ବିହାରୀ ଓତା ଏହି ସୂଚନା ଦେଇଛନ୍ତି । ଦିଦାୟୀ ଜନଜାତି ସଂପ୍ରଦାୟ କେବଳ ଓଡ଼ିଶାରେ ବସବାସ କରୁଥିବାର ଦେଖାଯାଏ। ଅତୀତରେ ଦିଦାୟୀମାନେ ନିଜକୁ ଗଁଟ୍ରେ ଭାବେ ମାନୁଥିଲେ। ଓଡ଼ିଶାର ମାଲକାନଗିରି ଜିଲ୍ଲାର କୋଣ୍ଡାକାମ୍ ବେରୁ ପାର୍ବତ୍ୟାଂଚଳରେ ଥିବା ପୂର୍ବାଂଚଳ ଘାଟରେ ଦିଦାୟୀମାନେ ବସବାସ କରିଥାନ୍ତି। ସେମାନଙ୍କର ସଂଖ୍ୟା ଖୁବ୍ କମ୍ । ସେମାନେ ମୁଖ୍ୟତଃ ପୋଡୁଚାଷ ଓ ଆଦ୍ରଭୂମିରେ ଚାଷ ମଧ କରିଥାନ୍ତି । ଜଙ୍ଗଲଜାତ ଦ୍ରବ୍ୟସଂଗ୍ରହ ଓ ଉଦ୍ୟାନ କୃଷିରୁ ସେମାନେ ଗୁଜୁରାଣ ମେଂଟାଇଥାନ୍ତି । ସେମାନଙ୍କର କାଳ୍ପନିକ ମତବାଦ ଓ କିମ୍ବଦନ୍ତୀ ତଥ୍ୟଗୁଡ଼ିକ ପ୍ରାୟତଃ ବଣ୍ଡା ଜନଜାତିଙ୍କର ସଂପର୍କକୁ ଦର୍ଶାଇଥାଏ। ଦିଦାୟୀ ଜନଜାତିମାନେ ଏକାଧିକ ଦେବଦେବୀଙ୍କୁ ପୂଜା କରିଥାନ୍ତି। ସେମାନେ ଧରିତ୍ରୀ ମାତାଙ୍କୁ ବିଶ୍ୱାସ କରିବା ସହିତ ବର୍ଷସାରା ବିଭିନ୍ନ ପର୍ବପର୍ବାଣି ପାଳନ କରିଥାନ୍ତି।

# ଓଡ଼ିଶା ନାଗରିକ ସମାଜର ଦାବି : ପାଇକ ବିଦ୍ରୋହ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ପାଉ

ଭୁବନେଶ୍ୱର,୧୯/୧୨ (ନି.ପ୍ର): ଓଡ଼ିଶା ନାଗରିକ ସମାଜର ୧୨ତମ ପ୍ରତିଷ୍ଠା ଦିବସ ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ପାଇକ ବିଦ୍ରୋହ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ' ଶୀର୍ଷକ ଆଲୋଚନା ଚକ୍ରରେ ରାଜ୍ୟର ବହୁ ବୁଦ୍ଧିଜୀବୀ, ଐତିହାସିକ, ଗବେଷକ, ବରିଷ୍ଠ ନାଗରିକ ଓ ଛାତ୍ରଛାତ୍ରୀ ଯୋଗଦେଇ ତାଙ୍କର ସୁଚିନ୍ତିତ ମତାମତ ଦେଇଥିଲେ। ଓଡ଼ିଶା ନାଗରିକ ସମାଜର ସଭାପତି ଇଂ ଲଳିତ ମୋହନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଐତିହାସିକ ପ୍ରଫେସର ନାରାୟଣ ରାଓ ମତବ୍ୟକ୍ତ କରି କହିଥିଲେ ଯେ, ଓଡ଼ିଶା ପାଇକ ବିଦ୍ରୋହ ଯେ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ, ଏ ନେଇ ଅନେକ ଗବେଷଣାତ୍ମକ ତଥ୍ୟ ରହିଛି ଏବଂ ଏହାକୁ ଗବେଷଣା ପରିଷଦରେ ସଠିକ୍ ଭାବରେ ଉପସ୍ଥାପନ କରି ପ୍ରମାଣିତ କରିବାର ଆବଶ୍ୟକତା ରହିଛି। ଓଡ଼ିଆ ଅସ୍ମିତାକୁ ବିଶ୍ୱ ଦରବାରରେ ମାନ୍ୟତା ଦେବାପାଇଁ ଦଳମତ ନିର୍ବିଶେଷରେ ସମସ୍ତ ଓଡ଼ିଆ ଏକବଦ୍ଧ ହୋଇ ଆଗେଇ ଆସିବା ଉଚିତ୍ ବୋଲି ମୁଖ୍ୟ ଅତିଥି ଖଣ୍ଡପଡ଼ା ବିଧାୟକ ଓ ସମ୍ବାଦର ସମ୍ପାଦକ ଶ୍ରୀ ସୌମ୍ୟରଞ୍ଜନ ପଟ୍ଟନାୟକ ଆହ୍ୱାନ ଦେଇଥିଲେ। ପୂର୍ବତନ ମନ୍ତ୍ରୀ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ନେତା ଶ୍ରୀ ପ୍ରସାଦ ହରିଚନ୍ଦନ ଓଡ଼ିଆ ଜାତିର ବୀରତ୍ୱ ଓ ଐତିହ୍ୟର ସ୍ମୃତି ରୋମନ୍ଥନ କରିଥିଲେ। ଲଢୁଆ ଓଡ଼ିଆ ଜାତି କେବେ ଶୋଇନାହିଁ କି ଶୋଇବ ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ରାଜ୍ୟ ବିଜେପିର ସାଧାରଣ ସମ୍ପାଦକ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପାଇକ ବିଦ୍ରୋହ ଯେ ସ୍ୱାଧୀନତା ସଂଗ୍ରାମର ପ୍ରଥମ ଗଣବିଦ୍ରୋହ ଏହା ଦୃଢ଼ଭାବେ କହିଥିଲେ। ପୂର୍ବତନ ସାଂସଦ ଶ୍ରୀ ବ୍ରଜକିଶୋର ତ୍ରିପାଠୀ ଓ ଓଡ଼ିଶା ନାଗରିକ ସମାଜର ମୁଖ୍ୟ ଉପଦେଷ୍ଟା ଡଃ ଭଗବାନ ପ୍ରକାଶଙ୍କ ସୁଚିନ୍ତିତ ମାର୍ଗ ଦର୍ଶନରେ ଏହି ଦାବୀପୂରଣ ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯିବ ଏବଂ ଆବଶ୍ୟକସ୍ଥଳେ ଏହା ଏକ ଆନ୍ଦୋଳନରେ ପରିଣତ କରାଯିବାର ପ୍ରସ୍ତାବ ମଧ ଦେଇଥିଲେ। ଏହି ଅବସରରେ ଐତିହାସିକ ପ୍ରଫେସର ନାରାୟଣ ରାଓ, ରିକ୍ସାଚାଳକଙ୍କୁ ସମସ୍ତ ସମ୍ପତି ଦାନ କରି ଏକ ଜ୍ୱଳନ୍ତ ଉଦାହରଣ ସୃଷ୍ଟି କରିଥିବା ଶ୍ରୀମତୀ ମିନତୀ ପଟ୍ଟନାୟକ ଓ ନାଲ୍‌କୋର ପୂର୍ବତନ ନିର୍ଦ୍ଦେଶକ ଶ୍ରୀ ଶଶୀଭୂଷଣ ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଶୋଭନୀୟ ଶିକ୍ଷାଶ୍ରମର କୁନି କୁନି ଝିଅମାନେ ନୃତ୍ୟ ପରିବେଷଣ କରିଥିଲେ। ଓଡ଼ିଶା ନାଗରିକ ସମାଜର ଉପସଭାପତି ଡଃ ରୀନା ରାଉତରାୟଙ୍କ ସଂଯୋଜନାରେ ପରିଚାଳିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉପସଭାପତି ରମେଶ ଚନ୍ଦ୍ର ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରତିଷ୍ଠାତା ସମ୍ପାଦକ ଶ୍ରୀ ମନୋଜ ଜେନା ଓଡ଼ିଶା ନାଗରିକ ସମାଜର ଦୀର୍ଘ ବାରବର୍ଷର ଯାତ୍ରା, ସଂଘର୍ଷ ଓ ସଫଳତା ଉପରେ ଆଲୋକପାତ କରିଥିଲେ। ଲିଲି ଜେନାମଣି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଓ ଶେଷରେ ଶ୍ରୀ ଭକ୍ତଚରଣ ଧନ୍ୟବାଦ ଅର୍ପଣ କରିଥିଲେ। ଅପର୍ଣ୍ଣା ନାୟକ, ଡଃ ଅରୁନ୍ଧତୀ ଦେବୀ, ଆଇନଜୀବୀ ବୀରକିଶୋର ନାୟକ, ଶ୍ରୀ ଦିଲ୍ଲୀପ ହରିଚନ୍ଦନ, ମାନସ ଜେନା, ସଞ୍ଜୟ ପଟ୍ଟନାୟକ, ପ୍ରମୋଦ ସାମନ୍ତରାୟ, ଜ୍ୟୋସ୍ନା ଦାସ, ବାସୁଦେବ ଭଟ୍ଟ ପ୍ରମୁଖଙ୍କ ପରିଚାଳନାରେ ବହୁ ବୁଦ୍ଧିଜୀବୀ ଯୋଗଦେଇ ସେମାନଙ୍କର ସୁଚିନ୍ତିତ ପରାମର୍ଶ ଦେଇଥିଲେ।

# ବଢୁଛି ସାଇବର ଠକେଇ

ଭୁବନେଶ୍ୱର,୧୯/୧୨ (ନି.ପ୍ର): ଗତ ଫେବୃଆରୀ ୧ ରୁ ୧୫ ଡିସେମ୍ବର ଭିତରେ ସାଇବର ଠକ ୬ କୋଟି ୭୯ ଲକ୍ଷ ୮୫ ହଜାର ୩୪୪ ଟଙ୍କା ଲୁଟିନେଇଛନ୍ତି। ତେବେ ଘଟଣା ଘଟିବାର ୨୪ ଘଂଟା ମଧ୍ୟରେ ହେଲ୍ପ ଲାଇନ ନମ୍ବରକୁ କଲ କରି ଠକେଇର ଶିକାର ହୋଇଥିବା ଲୋକ ୧ କୋଟି ୪୮ ଲକ୍ଷ ୧୧ ହଜାର ୮୭୦ ଟଙ୍କା ଫେରିପାଇଛନ୍ତି ସୂଚନା ଦେଇଛନ୍ତି ଭୁବନେଶ୍ୱର ଡିସିପି ଉମାକାନ୍ତ ଦାସ। ସେହିପରି ଏନିଡେସ୍କ ଆପ୍ଲିକେସନ ଡାଉନଲୋଡ଼ କଲେ ଅଧିକ ଠକେଇ ହେଉଛି ଓ ଏନିଡେସ୍କ ଆପ୍ଲିକେସନକୁ ଡାଉନଲୋଡ଼ ନ କରିବାକୁ ସେ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି । ସେ କହିଛନ୍ତି ଯେ ଏହି ସମୟ ମଧ୍ୟରେ ଭୁବନେଶ୍ୱର ସାଇବର ସେଲରେ ମୋଟ ୬୭ଟି କେସ୍ ପଞ୍ଜିକୃତ ହୋଇଛି। ଠକେଇ ଘଟଣାରେ ମୋଟ ୧୩ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଗୃହ ବିଭାଗର ସାଇବର ସେଫକୁ ସମସ୍ତ ଫ୍ରଡ଼ କଲ ନମ୍ବର ପଠାଇଛି କମିଶନରେଟ ପୋଲିସ। ଠକେଇ ହେବା ପରେ ଟୋଲ ଫ୍ରି ନମ୍ବରରେ ଅଭିଯୋଗ ପାଇଁ କେବଳ ଭୁବନେଶ୍ୱରରୁ ୨୮୭୨ କଲ ଆସିଥିବାବେଳେ ଭୁବନେଶ୍ୱର ବାହାରୁ ସାଢ଼େ ୩ ହଜାର କଲ ଆସିଛି । ଗୁଗୁଲ ମ୍ୟାପରୁ ସାଇବର ଠକଙ୍କ ଲୋକେସନ କମିଶନରେଟ ପୋଲିସ ଟ୍ରାକ କରୁଥିବାବେଳେ ଭୁବନେଶ୍ୱରରେ ଜମତାରା ଗ୍ୟାଙ୍ଗ ସକ୍ରିୟ ଥିବାର ଡିସିପି କହିଛନ୍ତି ।

## ବିଜେପି ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ

# ସରକାରଙ୍କ ଅପାରଗତା କାରଣରୁ ରାଜ୍ୟର ସଠିକ୍ ବିକାଶ ସମ୍ଭବ ହୋଇପାରୁନାହିଁ : ସମୀର ମହାନ୍ତି

ଭୁବନେଶ୍ୱର,୧୯/୧୨ (ନି.ପ୍ର): ଜିଲ୍ଲାର ସାଂପ୍ରତିକ ରାଜନୈତିକ ଓ ସାମାଜିକ ପ୍ରସଙ୍ଗକୁ ନେଇ ବିଜେପିର ଭୁବନେଶ୍ୱର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ଆଜିର କାର୍ଯ୍ୟକାରିଣୀ ବୈଠକରେ ରାଜ୍ୟ ସରକାର ଏବଂ ଭୁବନେଶ୍ୱର ମହାନଗର ନିଗମର ଅପାରଗତା ଓ ନିଷ୍କ୍ରିୟତା ସଂପର୍କରେ ଆଲୋଚନା ହେବା ସହ ଆଗାମୀ ଦିନରେ ବିଜେପିର ରୋଡ ମ୍ୟାପକୁ ନେଇ ବ୍ୟାପକ ଆଲୋଚନା ହୋଇଥିଲା। ଜିଲ୍ଲା ସଭାପତି ବାବୁ ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକାରିଣୀରେ ଜିଲ୍ଲା ପ୍ରଭାରୀ ଭୂବନ ମୋହନ ଜେନା ଉପସ୍ଥିତ ଥିଲେ । ରାଜ୍ୟ ସରକାର ଏବଂ ଭୁବନେଶ୍ୱର ମହାନଗର ନିଗମ କର୍ତୃପକ୍ଷ ରାଜଧାନିବାସୀଙ୍କ ସମସ୍ୟାର ସମାଧାନ ପ୍ରତି ଆଖି ବୁଜି ଦେଇଛନ୍ତି। କେନ୍ଦ୍ରୀୟ ଅନୁଦାନ ଅର୍ଥକୁ ହରିଲୁଟ୍ କରି ବିକାଶର ବାଧକ ସାଜିଛନ୍ତି ରାଜ୍ୟ ସରକାର । ରାଜଧାନୀ ଭୂବନେଶ୍ୱର ସ୍ମାର୍ଟ ସିଟିର ମାନ୍ୟତା ପାଇବା ପରେ ରାଜ୍ୟ ସରକାରଙ୍କ ଅପାରଗତା କାରଣରୁ ଆଜି ଏହା ସ୍ୱପ୍ନରେ ପରିଣତ ହେବାକୁ ବସିଛି । ରାଜଧାନୀରେ ମହିଳା, ବୃଦ୍ଧ, ଶିଶୁ, ଯୁବକ ଯୁବତୀମାନେ ଅସୁରକ୍ଷିତ ହୋଇପଡିଛନ୍ତି। ଅବାଧ ନିଶା କାରବାର ଆଜି ଚିନ୍ତାର କାରଣ ସାଜିଛି । ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି । ପୋଲିସର ବର୍ବରତା ଚରମ ସୀମାରେ ପହଂଚିଲାଣି । କଳଙ୍କିତ ବିଜେଡି ଶାସନକୁ ହଟାଇବା ପାଇଁ ଲଢେଇକୁ ଜିଲ୍ଲା ବିଜେପି ଆହୁରି ଶାଣିତ କରିବ ବୋଲି ଜିଲ୍ଲା ସଭାପତି ଶ୍ରୀ ବାବୁ ସିଂ କହିଛନ୍ତି । ରାଜଧାନୀ ହୋଇଥିବା କାରଣରୁ ରାଜ୍ୟର ଅନ୍ୟ ଜିଲ୍ଲାମାନଙ୍କ ଭୂବନେଶ୍ୱରଠାରୁ ଅଧିକ ଅପେକ୍ଷା ରହିଛି । ରାସ୍ତା, ଘାଟ, ପରିମଳ ବ୍ୟବସ୍ଥା, ସ୍ୱେରେଜ, ପାନୀୟ ଜଳ, ବିଜୁଳି ଆଦି ମୌଳିକ ସୁବିଧାରୁ ରାଜଧାନୀବାସିନ୍ଦା ବଂଚିତ ରହିବା ଅତ୍ୟନ୍ତ ଲଜ୍ଜାଜନକ । ଜନବହୁଳ ସହର ହୋଇଥିବା ସତ୍ତ୍ୱେ ସୁବନ୍ଦୋବସ୍ତ 'ଡେଲି ମାର୍କେଟ', 'ମାଛ ଓ ମାଂସ ମାର୍କେଟ' ନଥିବା କାରଣରୁ ରାଜଧାନୀବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବସ୍ତିବାସିନ୍ଦାଙ୍କୁ ବାରମ୍ବାର ପ୍ରତାରିତ କରାଯାଉଛି । କେତେ ବର୍ଷ ଶାସନରେ ରହିଲେ ଶାସକ ବିଜେଡି ଲୋକଙ୍କ ମୌଳିକ ସମସ୍ୟା ସମାଧାନ କରିବ ବୋଲି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି କାର୍ଯ୍ୟକାରିଣୀରେ ଯୋଗ ଦେଇ କହିଛନ୍ତି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶମୁଳକ କାର୍ଯ୍ୟ ଏବଂ ବିଭିନ୍ନ ଯୁଗାନ୍ତକାରୀ ଯୋଜନା ସତ୍ତ୍ୱେ ରାଜ୍ୟ ସରକାରଙ୍କ ଅପାରଗତା କାରଣରୁ ସଠିକ ବିକାଶ ସମ୍ଭବ ହୋଇପାରୁନାହିଁ । ରାଜ୍ୟରେ ଚାଲିଥିବା ଦୁର୍ନୀତି, ଭ୍ରଷ୍ଟାଚାର, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା କାରଣରୁ ଓଡିଶା ଆଜି ବିକାଶର ବହୁ ପଛରେ ରହିଯାଇଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି । ବିଗତ ୬ମାସ ମଧ୍ୟରେ ରାଜ୍ୟ ସରକାର ଓ.ଇ.ଆର.ସି ଜରିଆରେ ଦୁଇ ଦୁଇ ଥର ବିଦ୍ୟୁତ ଦର ୟୁନିଟ ପିଛା ସମୁଦାୟ ୫୦ ପଇସା ବର୍ଦ୍ଧିତ କରିଛନ୍ତି। ଏହି ବିଷୟକୁ ବହୁବାର ନେଇ ଆନ୍ଦୋଳନ କରାଯାଇଛି ଏବଂ ଆଗାମୀ ଦିନରେ ମଧ ଏହି ଲଢେଇ ଜାରି ରହିବ ବୋଲି କାର୍ଯ୍ୟକାରିଣୀରେ ନିଷ୍ପତି ନିଆଯାଇଛି । ପୂର୍ବତନ ଜିଲ୍ଲା ସଭାପତି ହରେକୃଷ୍ଣ ଖୁଂଟିଆ ରାଜନୈତିକ ଚିଠା ଆଗତ କରିଥିବାବେଳେ ଜିଲ୍ଲା ସାଧାରଣ ସଂପାଦକ ଅଭିଷେକ ଆଚାର୍ଯ୍ୟ ଏବଂ ହିମାଂଶୁ ଶେଖର ଛୋଟରାୟ ସମର୍ଥନ ଜଣାଇଥିଲେ। 'ରାଜ୍ୟରେ ରାଜନୈତିକ ପୃଷ୍ଠଭୂମି ଓ ବିଜେପିର ଭୂମିକା' ପ୍ରସଙ୍ଗରେ ବରିଷ୍ଠ ନେତା ତଥା ପୂର୍ବତନ ସାଂସଦ ଖାରବେଳ ସ୍ୱାଇଁ ବିସ୍ତୃତ ଆଲୋଚନା କରିଥିବାବେଳେ 'ସାମାଜିକ ସୁରକ୍ଷାରେ ରାଜନୈତିକ ବ୍ୟବସ୍ଥା' ପ୍ରସଙ୍ଗରେ ବରିଷ୍ଠ ନେତା ତଥା ପୂର୍ବତନ ପୋଲିସ ଡିଜି ପ୍ରକାଶ ମିଶ୍ର ଆଲୋଚନା କରିଥିଲେ। 'ଭାରତୀୟ ବିଚାରଧାରା ଓ ବିଜେପି' ପ୍ରସଙ୍ଗରେ ବରିଷ୍ଠ ନେତା ତଥା ପୂର୍ବତନ ପ୍ରଶାସକ ସୁଦର୍ଶନ ନାୟକ ଆଲୋଚନାରେ ଭାଗ ନେଇଥିଲେ।

# ସଂଗଠନ ମଜଭୁତ କରିବାକୁ ୫ ଜିଲ୍ଲା ବୁଲିବେ ଯୁବ କଂଗ୍ରେସ ସଭାପତି

ଭୁବନେଶ୍ୱର,୧୯/୧୨ (ନି.ପ୍ର): ଆସନ୍ତା ପଂଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ରାଷ୍ଟ୍ରୀୟ ଯୁବ କଂଗ୍ରେସ ନେତୃବର୍ଗଙ୍କ ଆହ୍ୱାନ କ୍ରମେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ତୃଣମୂଳସ୍ତରରେ ସଂଗଠନକୁ ଅଧିକ ମଜଭୁତ ଓ କ୍ରିୟାଶୀଳ କରିବା ପାଇଁ ଅଂଟା ଭିଡିଛି। ଏହି ଅବସରରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରଞ୍ଜନ ଲେଙ୍କା ଓ ପ୍ରଭାରୀ ରିୟାଜୁଲ ଅନସାରୀ ରାଜ୍ୟର ୫ ଜିଲ୍ଲା ଗସ୍ତ କରି କର୍ମୀଙ୍କ ମନୋବଳ ବଢ଼ାଇବା ସହ ତୃଣମୂଳସ୍ତରରେ ଦଳର ସାଂଗଠନିକ କାର୍ଯ୍ୟ ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତ କାଳରେ ଡିସେମ୍ବର ୧୯ରେ ବରଗଡ଼, ୨୦ରେ ସୋନପୁର, ୨୧ରେ କଳାହାଣ୍ଡି, ୨୨ରେ କୋରାପୁଟ ଓ ୨୩ରେ ମାଲକାନଗିରି ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବ। କେନ୍ଦ୍ର ସରକାରଙ୍କ କୃଷକ ମାରଣ ନୀତି, ତୈଳ ଓ ରନ୍ଧନ ଗ୍ୟାସ ସମେତ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧିରେ ଅତିଷ୍ଠ ସାଧାରଣ ଜନତାଙ୍କୁ ସଚେତନ କରିବାକୁ ଯୁବ କଂଗ୍ରେସ ସଭାପତି ଡ. ଲେଙ୍କା କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ସେପଟେ ରାଜ୍ୟରେ ଦୁର୍ନୀତି, ନାରୀ ନିର୍ଯାତନା ଓ ହତ୍ୟା ଆଦି ଆପରାଧିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପରିବର୍ତେ ରାଜ୍ୟ ସରକାର ନିଜ ମନ୍ତ୍ରୀ ଓ ନେତାମାନଙ୍କୁ ଘଂଟ ଘୋଡ଼ାଉଛନ୍ତି। ଏହାର ପ୍ରତିବାଦ କଲେ ପୋଲିସ ଲଗାଇ ଆନ୍ଦୋଳନକାରୀଙ୍କ ଉପରେ ଜୁଲୁମ କରୁଛନ୍ତି। ତେଣୁ ଏ ସମ୍ପର୍କରେ ତୃଣମୂଳସ୍ତରରେ ଜନସାଧାରଣଙ୍କୁ ଅବଗତ କରାଇ ଆଗାମୀ ପଂଚାୟତ ନିର୍ବାଚନରେ ଏହାର ଉପଯୁକ୍ତ ଜବାବ ଦେବାକୁ ଡ. ଲେଙ୍କା କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି।

# ଈଶ୍ୱର, ରାଜାଙ୍କ ଶାସିତ ଏକମାତ୍ର ରାଜ୍ୟ ଉତ୍କଳ

ଭୁବନେଶ୍ୱର,୧୯/୧୨ (ନି.ପ୍ର): ଗଙ୍ଗାଠାରୁ କାବେରୀ ପର୍ଯ୍ୟନ୍ତ ରାଜୁତି ବିସ୍ତାର କରିଥିବା ଗଙ୍ଗବଂଶ ଓ ରାଜା କପିଳେନ୍ଦ୍ରଦେବଙ୍କଠୁ ଆରମ୍ଭ କରି ଚୋଡ଼ଗଙ୍ଗଦେବ ପର୍ଯ୍ୟନ୍ତ ମହାରାଜାମାନେ କେବେ ବି ନିଜକୁ ରାଜା ବୋଲି କହୁ ନଥିଲେ, ବରଂ ରାଜ୍ୟକୁ ପୁରୁଷୋତ୍ତମ ରାଜ୍ୟ ଓ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ରାଜାର ମାନ୍ୟତା ଦେଇଥିଲେ। ଉତ୍କଳ ବିଶ୍ୱର ଏଭଳି ଏକ ରାଜ୍ୟ ଥିଲା, ଯେଉଁଠାରେ ରାଜା ଓ ଈଶ୍ୱର ଉଭୟ ମିଶି ଶାସନ କରୁଥିଲେ। ଓଡ଼ିଶାର ଏହି ମହାନ୍ ପରମ୍ପରା ଏବେ ବି ବଞ୍ଚିଛି। ଏବେ ବି ରଥାରୂଢ଼ ମହାପ୍ରଭୁଙ୍କ ପାଦ ସେବା ଓ ଛେରାପହଁରା ପାଇଁ ଗଜପତି ପ୍ରଥମ ସେବକ ଭାବେ ଉପସ୍ଥିତ ହୁଅନ୍ତି। ଏହି ପରମ୍ପରା ବିଶ୍ୱ ଦରବାରରେ ପହଞ୍ଚାଇବାରେ ଏହି ପୁସ୍ତକ ବେଶ୍ ସହାୟ ହେବ। କୋଣାର୍କ ପବ୍ଲିସର୍ସ ଓ ଶିକ୍ଷା ସନ୍ଧାନ ମିଳିତ ଆନୁକୂଲ୍ୟରେ ଆଜି ଜୟଦେବ ଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ବରିଷ୍ଠ ଅର୍ଥନୀତିଜ୍ଞ ଅଶୋକ କୁମାର ବଳଙ୍କ ପୁସ୍ତକ 'ଗଜପତି : ଏ କିଙ୍ଗ ୱିଦାଉଟ୍ ଏ କିଙ୍ଗଡମ୍'ର ଲୋକାର୍ପଣ ଉତ୍ସବରେ ଯୋଗଦେଇଥିବା ବିଶିଷ୍ଟ ଅତିଥିମାନେ ଏପରି ମତବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଯୋଗଦେଇ ପୁସ୍ତକକୁ ଲୋକାର୍ପଣ କରିଥିଲେ।

## ସନାତନ ଧର୍ମ:...

ସନାତନ ଧର୍ମରେ ମାୟା ଠାରୁ ଦୂରେଇବା ପାଇଁ ଯେଉଁ କଥା କୁହାଯାଇଛି ତାହା ସୃଷ୍ଟିରେ ସ୍ୱୟଂ ଅଦ୍ଭୁତ ତତ୍ତ୍ୱ ଓ ସିଦ୍ଧାନ୍ତ ଉପରେ ଆଧାରିତ ଏଣୁ ଏହା ସବୁ ମନୁଷ୍ୟଙ୍କ ପାଇଁ ସମାନ। ସନାତନ ଧର୍ମ କୌଣସି କଳ୍ପନା ଲୋକରେ ବିଚରଣ କରେ ନାହିଁ। ଏହା ମନୁଷ୍ୟର ଶରୀରରୁ ଆରମ୍ଭ ହୋଇଥାଏ। ମନୁଷ୍ୟର ଶରୀରରେ ସଂସାରକୁ ଅନୁଭବ କରିବା ପାଇଁ ଆଖି, ନାକ, କାନ, ଜିଭ ଏବଂ ତ୍ୱଚା ଭଳି ୫ଟି ଅଙ୍ଗ ରହିଛି ଯାହାକୁ ଜ୍ଞାନେନ୍ଦ୍ରିୟ କୁହାଯାଇଥାଏ। ସେହିଭଳି ସଂସାରରେ କାର୍ଯ୍ୟ କରିବା ପାଇଁ ୫ଟି ଅଙ୍ଗ ରହିଛି ଯାହା କର୍ମେନ୍ଦ୍ରିୟ ଅଟେ। ସେ ସବୁ ହେଉଚି ହାତ, ଗୋଡ଼, ମୁହଁ, ଲିଙ୍ଗ ଏବଂ ମଳଦ୍ୱାର। ଏହି ୫ କର୍ମେନ୍ଦ୍ରିୟର ନିୟନ୍ତ୍ରଣ ମନ ପାଖରେ ହିଁ ରହିଥାଏ। ଏଥିପାଇଁ ସନାତନ ଧର୍ମ ଶରୀର ମାଧ୍ୟମରେ ମନ ଉପରେ ନିୟନ୍ତ୍ରଣ କଥା କହିଥାଏ। ଶରୀରର ନିୟନ୍ତ୍ରଣ ପାଇଁ ଯମ, ନିୟମ, ଆସନ ଏବଂ ପ୍ରାଣାୟାମ କଥା କୁହାଯାଇଥାଏ। ନିୟନ୍ତ୍ରିତ ଶରୀର ଧ୍ୟାନ ସମାଧି ଭଳି ପ୍ରକ୍ରିୟା ମାଧ୍ୟମରେ ମନ, ବୁଦ୍ଧି ଏବଂ ଅହଂକାର କୁଜିଣି ପରମ ଚେତନାର ଅନୁଭବ କରିପାରେ। ସନାତନ ଧର୍ମ ଅନୁସାରେ ପ୍ରକୃତି ପଞ୍ଚ ମହାଭୁତ ଯଥା-ପୃଥିବୀ, ଜଳ, ଅଗ୍ନି, ଆକାଶ ଏବଂ ବାୟୁରେ ସୃଷ୍ଟି ହୋଇଛି। ବିଜ୍ଞାନ ପ୍ରକୃତିର ବିଶ୍ଳେଷଣ କରି ପରମାଣୁ ଆଉ ଏବେ କ୍ୱାଣ୍ଟମ୍ ପାଖରେ ପହଞ୍ଚିଲାଣି। କିନ୍ତୁ ପ୍ରକୃତିର ସମ୍ପୂର୍ଣ୍ଣତାକୁ ଦେଖିଲେ ଜଣାପଡ଼େ ଯେ, ପଞ୍ଚମହାଭୁତ ହିଁ ଭୌତିକ ପଦାର୍ଥର ଆଧାର। ସଂସାରର ଜୀବଜଗତ ଏପରିକି ସମସ୍ତ ଚର ଓ ଅଚର ବସ୍ତୁ ସବୁ ଏହି ପଞ୍ଚମହାଭୁତ ଉପରେ ଆଧାରିତ। ସନାତନ ଧର୍ମ ଈଶ୍ୱର ପ୍ରାପ୍ତି ପାଇଁ ସଂସାରକୁ ବାଧକ ନୁହେଁ ବରଂ ସହାୟକ ବୋଲି କହିଥାଏ। ଏଣୁ ଜୀବନ ଜିଇଁବାର ଏଭଳି ବ୍ୟବସ୍ଥା କଥା କହିଥାଏ। ଯେଉଁଥିରେ ସଂସାରର ଅନୁଭବ ହେବ ଏବଂ ମନୁଷ୍ୟର ଚେତନା ଉନ୍ନତସ୍ତରରେ ପହଞ୍ଚିପାରିବ। ଏହି କାରଣରୁ ଜୀବନକୁ ୪ ଭାଗରେ ବଣ୍ଟାଯାଇଛି। ଏସବୁ ହେଉଛି ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ ଏବଂ ସନ୍ୟାସ। ଧର୍ମ, ଅର୍ଥ, କାମ ଏବଂ ମୋକ୍ଷକୁ ଜୀବନର ୪ ପୁରୁଷାର୍ଥ ବୋଲି କୁହାଯାଇଛି। ଧର୍ମର ତାତ୍ପର୍ଯ୍ୟ ସମାଜର ନୈତିକ ନିୟମକୁ ନେଇ। ସନାତନ ଧର୍ମରେ ମନୁଷ୍ୟର ଅନ୍ତିମ ଲକ୍ଷ୍ୟ ହେଉଛି ମୋକ୍ଷ ପ୍ରାପ୍ତି ବା ପରମ ଚେତନା ସହ ସାକ୍ଷାତ।

ସନାତନ ଧର୍ମରେ ବ୍ୟକ୍ତିର ଆଧ୍ୟାତ୍ମିକ ବିକାଶ ପାଇଁ ଭିନ୍ନ ଭିନ୍ନ ଧାର୍ମିକ କାର୍ଯ୍ୟ କଥା କୁହାଯାଇଛି। ପ୍ରାରମ୍ଭିକ ସ୍ତର ହେଉଛି କର୍ମକାଣ୍ଡ ଓ ମୂର୍ତ୍ତିପୂଜା। ଏଥିରେ ଏକାଗ୍ରତାର ସହ ଈଶ୍ୱରଙ୍କ ନିକଟରେ ସମର୍ପଣ କରାଯିବା କଥା କୁହାଯାଇଛି। ଉପାସନା, ଧ୍ୟାନ ଏବଂ ଯଜ୍ଞ ଆଦି କରାଯିବାର କଥା ମଧ୍ୟ କୁହାଯାଇଛି। ସବୁ ବ୍ୟକ୍ତିଙ୍କର ମୂଳ ସ୍ୱଭାବ ପ୍ରକୃତି ପ୍ରଦତ୍ତ। ତେଣୁ ବ୍ୟକ୍ତି ନିଜ ମୂଳ ସ୍ୱଭାବର ଅନୁରୂପ କାର୍ଯ୍ୟକୁ ହିଁ ସର୍ବାଧିକ କୁଶଳତାର ସହ କରିଥାଏ। ସନାତନ ଧର୍ମ ଏପରି ଏକ ଧର୍ମ ଯାହାର ଆଦି ନାହିଁ କି ଅନ୍ତ ନାହିଁ। ଏହା ହେଉଛି ଚିର ନବୀନ।

+ ରାମଚନ୍ଦ୍ରପୁର, ରଣପୁର, ୯୪୩୮୪୮୫୦୯୪

## ଏସବିଆଇ ବ୍ୟାଙ୍କ କ୍ରେଡିଟ କାର୍ଡରୁ ୧ଲକ୍ଷ ଟଙ୍କା ଗାଏବ ଥାନାରେ ଅଭିଯୋଗ

ବସ୍ତା, ୧୯/୧୨ (ନି.ପ୍ର): ବସ୍ତାଥାନା ଅନ୍ତର୍ଗତ ଛାନୁଆଁ ପଞ୍ଚାୟତ ଛାନୁଆଁ ଗ୍ରାମର ବନମାଳୀ ଦେ ଙ୍କର ପୁଅ ଜଗବନ୍ଧୁ ଦେ ଙ୍କ ଏସ ବି ଆଇ ବ୍ୟାଙ୍କ ର କ୍ରେଡିଟ କାଡରୁ ୧ଲକ୍ଷ ଟଙ୍କା ଗାଏବ ହେବା ନେଇ ଶ୍ରୀଦେ ବସ୍ତା ଥାନାରେ ଅଭିଯୋଗ କରିଛନ୍ତି । ତେବେ କ୍ରେଡିଟକାର୍ଡ ନଂ ୬୫୨୯୦୨୮୩୪୪୫୭୩୮୬ ଅଟେ । ଗତ ୧୬ ତାରିଖରେ ୮୮୧୦୮୦୨୫୩୨ ଏସିବିଆଇ ବ୍ୟାଙ୍କରୁ ଏକ କଲ ଆସିଥିଲା । ଜଗବନ୍ଧୁଦେ ମୋବାଇକୁ । ସେମାନେ ୪ଥର ଓଟିପି ପଠାଇଥିଲେ ଏବଂ ଓଟିପି ନମ୍ବର ମାଗିଥିଲେ । କାରଣ ଜଗବନ୍ଧୁ ନୂତନ ଭାବେ ଏକକ୍ରେଡିଟକାର୍ଡ ପାଇଥିଲେ । ତାଙ୍କ କାର୍ଡଟି ବ୍ୟାଙ୍କରେ ଲିଙ୍କ ହୋଇଯିବ ଓଟିପି ନମ୍ବର ଗୁଡିକ ଦେଲେ ବୋଲି ଫୋନରେ କହିବାପରେ ଶ୍ରୀଦେ ଫୋନରେ ନମ୍ବର ଗୁଡିକଡାକିବା ୨୦ମିନିଟ ପରେ ୧ଲକ୍ଷ ଟଙ୍କା ଗାଏବ ହୋଇଥିଲା । ସେ ବାଧ୍ୟହୋଇ ବ୍ୟାଙ୍କ ମେନେଜର କୁ କହି ଏକାଉଣ୍ଟବନ୍ଦ କରିବାସହିତ କଞ୍ଚିମାର କେସ କରିଛନ୍ତି ବୋଲି ଜଣାପଡିଛି ।

## ଡିଜେଲ ଦେବାକୁ ଡାକିଆଣି ୮୧ ହଜାର ଟଙ୍କା ନେଇ ଚମ୍ପଟ

ଜଳେଶ୍ୱର ୧୯/୧୨(ନିପ୍ର): ଆଜି ସଂଧ୍ୟାରେ ଆମ୍ବଳିଅଠା ପେଟ୍ରୋଲ ପମ୍ପ ନିକଟରେ ଜଣେ ଖୁଚୁରା ଡିଜେଲ ବ୍ୟବସାୟୀକୁ ଅନ୍ୟଜଣେ ଚୋରା ବ୍ୟବସାୟୀ ସ୍ୱଳ୍ପ ମୂଲ୍ୟରେ ଡିଜେଲ ଦେବାକୁ କହି ତା ଠାରୁ ୮୧ ହଜାର ଟଙ୍କା ନେଇ ଚମ୍ପଟ ମାରିଛି । ଘଟଣାରୁ ପ୍ରକାଶ ଓଡିଶା ସୀମାକୁ ଲାଗି ରହିଥିବା ପଶ୍ଚିମ ବଂଗର ପଶ୍ଚିମ ମେଦନିପୁର ଜିଲାର ମନୋହରପୁର ନିକଟ ବାଖୁଡପଦା ଅଂଚଳର ଜଣେ ଖୁଚୁରା ଡିଜେଲ ବ୍ୟବସାୟୀଙ୍କୁ ସେଠାକାର ଜଣେ ଚୋରା ବ୍ୟବସାୟୀ ଆମ୍ବଳିଅଠା ପେଟ୍ରୋଲ ପମ୍ପରୁ ଲିଟର ପିଛା ୨୪ଟଙ୍କା କମ୍‌ରେ ଡିଜେଲ ଆଣିଦେବା ପ୍ରତିଶ୍ରୁତି ଦେଇଥିଲା । ପ୍ରଥମେ ତା ନିକଟରୁ ୮୧ ହଜାର ଟଙ୍କା ନେଇ ପେଟ୍ରୋଲ ପମ୍ପରେ ଡିଜେଲ ବେରେଲରେ ଭର୍ତ୍ତି କରିବାକୁ କର୍ମଚାରୀକୁ କହିଥିଲା । ଡିଜେଲ ଭର୍ତ୍ତି ଚାଲିଥିବା ବେଳେ ସେ ଟଙ୍କା ନେଇ ହଠାତ୍ ଛୁ ମାରିଥିଲା । ଡିଜେଲ ନେଉଥିବା ବ୍ୟବସାୟୀ ଜଣକ ଏ ସମ୍ପର୍କରେ ଜାଣିଲାପରେ ଲୋକଟିକୁ ଖୋଜାଖୋଜି କରିଥିଲେ ମଧ୍ୟ ତାର ପତ୍ତା ପାଇନଥିବା ଜଣାଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ରାଜ୍ୟସଭା ସଦସ୍ୟ ନିଲମ୍ବିତ....

ସିପିଆଇ (ଏମ୍) ଏବଂ ସିପିଆଇର ନେତାଙ୍କୁ ଆଲୋଚନା ପାଇଁ ଡାକିଛନ୍ତି। ବିରୋଧୀ ଦଳର ସୂତ୍ର ଅନୁଯାୟୀ, ସେମାନେ ସରକାରଙ୍କ ଆଲୋଚନା ବୈଠକକୁ ଯିବା ପର୍ବରୁ ଏ ପ୍ରସଙ୍ଗରେ ସଂସଦରେ ବିରୋଧୀ ଦଳର ନେତା ମଲ୍ଲିକାର୍ଜୁନ ଖାଡ଼ଗେଙ୍କ ପ୍ରକୋଷ୍ଠରେରେ ଏକାଠି ହେବେ। ତେବେ ୧୨ ଜଣ ସାଂସଦଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହର ନହେବା ପର୍ଯ୍ୟନ୍ତ ବିରୋଧ ଜାରି ରହିବ ବୋଲି ବିରୋଧୀଦଳ କହିଛନ୍ତି। ନିଲମ୍ବିତ ହୋଇଥିବା ସଦସ୍ୟଙ୍କର ସମସ୍ତ ନେତାଙ୍କୁ ଡାକିନଥିଲେ ଆସନ୍ତାକାଲି ସରକାରଙ୍କ ସହ ବୈଠକରେ ଉପସ୍ଥିତ ରହିବେ ନାହିଁ ବୋଲି ସେମାନେ କହିଛନ୍ତି। ମୌସୁମୀ ଅଧିବେଶନରେ ବିଶୃଙ୍ଖଳିତ ଆଚରଣ ପାଇଁ ୧୨ ସାଂସଦଙ୍କୁ ନିଲମ୍ବନ କରାଯାଇଥିଲା । କିନ୍ତୁ ଏହି ପ୍ରସଙ୍ଗକୁ ନେଇ ସରକାର ଓ ବିରୋଧୀ ମୁହାଁମୁହିଁ ହୋଇଛନ୍ତି । ଗତ ଅଗଷ୍ଟ ୧୧ ତାରିଖରେ ମୌସୁମୀ ଅଧିବେଶନର ଶେଷ ଦିନରେ ଏହି ରାଜ୍ୟସଭା ସାଂସଦମାନେ ବିଶୃଙ୍ଖଳିତ ଆଚରଣ କରିଥିଲେ । ଏହି ଆଚରଣ ପାଇଁ ସେମାନଙ୍କୁ ନିଲମ୍ବିତ କରାଯାଇଥିଲା । ଏହି କାର୍ଯ୍ୟାନୁଷ୍ଠାନ ନେବାକୁ ସରକାର ବାଧ ହେଲେ ବୋଲି କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ କହିଥିଲେ । ତେବେ ଯଦି ଏହି ସାଂସଦମାନେ ନିଜର ଆଚରଣ ପାଇଁ କ୍ଷମା ମାଗନ୍ତି ତେବେ ନିଲମ୍ବନ ଉଠାଯାଇପାରେ ବୋଲି ସେ କହିଥିଲେ ।

### ଓମିକ୍ରନ୍ ଚିନ୍ତା : ନିର୍ବାଚନ....

ନେଇ ସମସ୍ତ କଟକଣା, ପରାମର୍ଶ ଏଠି ଯେମିତି ଲାଗୁ ହେଉନାହିଁ । ପୁରା ବେଖାତିର୍ ମନୋଭାବ ଆଉ ଏକ ବିପଦ ଆଣିବା ଅନୁମାନ କରାଯାଉଛି । ମାସ୍କ ବ୍ୟବହାର ଓ ସାମାଜିକ ଦୂରତାକୁ କରୋନା ସଂକ୍ରମଣ ରୋକିବାର ମହଷୋଧି କୁହାଯାଇଥାଏ । କିନ୍ତୁ ଆମ ଦେଶରେ ନିର୍ବାଚନ ଶୋଭାଯାତ୍ରାରେ ଏହି ନିୟମର ଖୋଲାଖୋଲି ଉଲଂଘନ ହେବା ଦେଖାଯାଉଛି । ବିଶେଷଜ୍ଞଙ୍କ ଆକଳନ ଅନୁସାରେ ଆସନ୍ତା ଦୁଇ ମାସ ଭାରତ ପାଇଁ ଅତ୍ୟନ୍ତ ସମ୍ବେଦନଶୀଳ । ଦେଶରେ ଏହି ସମୟରେ କରୋନା ଭୂତାଣୁର ନୂଆ ପ୍ରଜାତି ଓମିକ୍ରନ ତାହାର କାୟା ବିସ୍ତାର କରିବାର ଯଥେଷ୍ଟ ସମ୍ଭାବନା ଅଛି । କିନ୍ତୁ ଏପଟେ ସଂଯୋଗ ବଶତଃ ଫେବୃଆରୀରେ ଓଡିଶାରେ ପଂଚାୟତ ନିର୍ବାଚନ ହେବାର ଅଛି । ତେଣୁ ଏ ସମୟରେ ନିର୍ବାଚନ ହେଲେ ଯଦି କୋଭିଡ ନିୟମ ପାଳନ ନହୁଏ ତେବେ ସଂକ୍ରମଣ ବଢିବା ନିଶ୍ଚିତ ବୋଲି କୁହାଯାଉଛି । ସଂକ୍ରମଣ ବଢିଲେ ସରକାର କରୋନା କଟକଣା ଲଗାଇଥାନ୍ତି । ଯାନିଯାତ୍ରା, ପର୍ବପର୍ବାଣୀ ଠାରୁ ଆରମ୍ଭ କରି ବିବାହ ଅନ୍ତ୍ୟେଷ୍ଟିକ୍ରିୟା ଉପରେ ମଧ୍ୟ ଲଗାମ ଲଗାଯାଇଥାଏ । ବ୍ୟବସାୟ ବାଣିଜ୍ୟ ପ୍ରଭାବିତ ହୁଏ । ହେଲେ ଏସବୁ ନିୟମ ଯେମିତି ରାଜନୈତିକ ଦଳଙ୍କ ଉପରେ ଲାଗୁ ହୁଏନି । ନିର୍ବାଚନୀ ସଭା ଓ ଶୋଭାଯାତ୍ରାରେ କରୋନା ନିୟମର ଉଲ୍ଲଂଘନକୁ ନେଇ ସମସ୍ତେ ପ୍ରତିବାଦ କରୁଛନ୍ତି, ହେଲେ ଏହାର ପ୍ରଭାବ କିନ୍ତୁ ଶୂନ୍ ।

### ଅଶାନ୍ତ ହେଉଛି ପଞ୍ଜାବ....

ଏହି ଘଟଣାକୁ ୨୪ ଘଣ୍ଟା ନପୁରୁଣୁ କପୁରଥାଲାରେ ମଧ୍ୟ ସମାନ ଘଟଣା ଘଟିଛି । ଶିଖ ଧର୍ମୀୟ ପତାକା "ନିଶାନ ସାହିବ'କୁ ଅସମ୍ମାନ ଅଭିଯୋଗରେ ନିଜାମପୁର ଗାଁରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି । ବିରୋଧୀ ଶିରୋମଣି ଅକାଳି ଦଳ ଏହି ଘଟଣାରେ ରାଜ୍ୟ ସରକାର ଉପରେ ବର୍ଷିଛି । ଏହା ହତ୍ୟା ନୁହେଁ ବରଂ ଷଡଯନ୍ତ୍ର ବୋଲି ଅଭିଯୋଗ ଆଣିଛନ୍ତି ବିରୋଧୀ । ରାଜ୍ୟରେ ଆଗକୁ ବିଧାନସଭା ନିର୍ବାଚନ ଥିବା ବେଳେ ଏହି ଘଟଣାର ରାଜନୀତିକରଣ ଆରମ୍ଭ ହୋଇଯାଇଛି ।

## ପାଉଁଶ ଇଟାଭାଟିରେ ଶ୍ରମିକର ଶୋଚନୀୟ ମୃତ୍ୟୁ

ଜଳେଶ୍ୱର, ୧୯/୧୨(ନିପ୍ର): ଗତ ରାତିରେ ଗୁରୁତର ଅବସ୍ଥାରେ ଜନୈକ ପାଉଁଶ ଇଟାଭାଟି ଶ୍ରମିକ ଜିକେଭଙ୍କର ଡାକ୍ତରଖାନାକୁ ଚିକିତ୍ସାଲାଗି ଆସିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ଘଟଣାରୁ ପ୍ରକାଶ କମର୍ଦ୍ଦା ଥାନା ଅନ୍ତର୍ଗତ ନିଜାମପୁର ଗ୍ରାମରେ ଥିବା ଏସ୍.ଏସ୍.ଜି. ପାଉଁଶ ଇଟାଭାଟିରେ କାମ କରୁଥିବା ବେଳେ ମିଶ୍ରଣ ଯନ୍ତ୍ରରେ ଡେଉଁର ଗାଁର ଜୟନାରାୟଣ ଗିରିଙ୍କ ପୁଅ ଅର୍ଦ୍ଧେନ୍ଦୁ ଗିରି ସେଥିରେ ପଡି ଗୁରୁତର ହୋଇଥିଲେ । ଏଥିନେଇ ଜଳେଶ୍ୱର ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

## ଜିଲ୍ଲାସ୍ତରୀୟ ୱେବ ଡିଜିଟାଲ ମିଡିଆର ସାମ୍ବାଦିକ ବୈଠକ ଅନୁଷ୍ଠିତ

ନୀଳଗିରି, ୧୯/୧୨ (ନି.ପ୍ର): ନୀଳଗିରି ଏନ.ଏ.ସି. କଲ୍ୟାଣ ମଣ୍ଡପ ପରିସରରେ ଓଡ଼ିଶାର ୱେବ ଓ ଡିଜିଟାଲ ମିଡିଆର ଜିଲ୍ଲା ଶାଖା ସଦସ୍ୟମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ବୈଠକରେ ବି.ଇ. ନ୍ୟୁଜର ପ୍ରତିଷ୍ଠାତା ସଂପାଦକ ଲୋକନାଥ ଦଳେଇ ସଭାରେ ସଭାପତିତ୍ୱ କରିଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ୱେବ୍ ମିଡିଆର ସଭାପତି ଅମୂଲ୍ୟ କୁମାର ଜେନା, ସମ୍ମାନୀତ ଅତିଥି ଭାବେ ରବିନ୍ଦ୍ର ପରିଡ଼ା, ନଗର ବିଜେଡି ସଭାପତି , ଅନ୍ୟତମ ସମ୍ମାନିତ ଅତିଥି ଭାବେ ସମାଜସେବୀ ସବ୍ୟସାଚୀ ମହାପାତ୍ର, କଟକ ଜିଲ୍ଲା ୱେବ ମିଡିଆର ସଭାପତି ଅମୂଲ୍ୟ ବାରିକ, ରାଜ୍ୟ ୱେବ୍ ମିଡିଆର ଉପସଭାପତି ରାଜେଶ୍ୱ ଧଳ ସାମନ୍ତ, ଯୋଗଦେଇଥିଲେ । ବର୍ତ୍ତମାନ ସମୟରେ ଏଭଳି ଏକ ସଂଘର ଆବଶ୍ୟକତା ରହିଛିବୋଲି ମଂଚାସୀନ ବକ୍ତାମାନେ ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ର । ରୂପାଥାଳିଆ ନ୍ୟୁଜର ସଂପାଦକ ନିରଂଜନ ପ୍ରସାଦ ବାରିକ ସ୍ୱାଗତ ଅଭିଭାଷଣ କରିଥିଲେ । ଶେଷରେ ଭାରତ ନ୍ୟୁଜର ନୀଳଗିରି ପ୍ରତିନିଧି ନିହାର ରଂଜନ ଜେନା ଧନ୍ୟବାଦ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁଧାଂଶୁ ବାରିକ, ଚନ୍ଦ୍ରଶେଖର ବାରିକ, ଓ ଭଗବାନ ଦାସ ପ୍ରଭୃତି ବକ୍ତବ୍ୟ ରଖିଥିଲେ । ସର୍ବସମ୍ମତି କ୍ରମେ ଜିଲ୍ଲା ସଭାପତି ଭାବେ ଲୋକନାଥ ଦଳେଇଙ୍କୁ ମନୋନୀତ କରାଯାଇଥିଲା । ରୁପାଥାଳିଆର ସଂପାଦକ ନିରଂଜନ ପ୍ରସାଦ ବାରିକଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଥିଲା । ସେହିପରି ନିହାର କୁମାର ଜେନାଙ୍କୁ କାର୍ଯ୍ୟକାରି ସଭାପତି, କମଳଲୋଚନ ରାଉତଙ୍କୁ ସାଧାରଣ ସଂପାଦକ, ଚନ୍ଦ୍ରଶେଖର ବାରିକଙ୍କୁ ସହସମ୍ପାଦକ, ଏବଂ ଅଜିତ ସାହୁଙ୍କୁ କୋଷାଧ୍ୟକ୍ଷ ଭାବେ ମନନୀତ କରାଯାଇଛି । କାର୍ଯ୍ୟକାରୀ ସଭ୍ୟ ଭାବେ ଜୟଶ୍ରୀ ବେହେରା, ବିମଳ କୁମାର ଦଳେଇ, ଭଗବାନ ଦାସ, ଆଶିଷ ସାହୁ, ଜଗିରୁଦ୍ଦିନ ଓ ମନୋରଂଜନ ମହାନ୍ତିଙ୍କୁ ମନୋନୀତ କରାଯାଇଛି । ସେହିପରି ଉପଦେଷ୍ଟା ଭାବେ ସୁଧାଂଶୁ ଶେଖର ବାରିକ, ସୌମ୍ୟସୌରଭ ରାଉତ ଓ ଅଶୋକ କୁମାର ପ୍ରଧାନଙ୍କୁ ମନନୀତ କରାଯାଇଛି । ଅପରପକ୍ଷରେ ସଂଘ ପକ୍ଷରୁ ନୀଳଗିରି ପ୍ରମେୟ ଓ ନ୍ୟୁଜ ୭ ର ପ୍ରତିନିଧି ବ୍ରଜକିଶୋର ପାଣୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ।

## 'ଆମ ପ୍ରମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ' ଉଦ୍‌ଘାଟିତ



ବାଲେଶ୍ୱର,୧୯/୧୨ (ନି.ପ୍ର): ସହରର ଚାନ୍ଦମାରୀ ପଡ଼ିଆରେ 'ଆମ ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ' ରବିବାର ଉଦଘାଟିତ ହୋଇଯାଇଛି। ସଦର ବିଧାୟକ ସ୍ୱରୂପ କୁମାର ଦାସ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ସମ୍ପ୍ରତି ରାଜ୍ୟ ସରକାର ଯୁବକ୍ରୀଡ଼ା ପ୍ରତିଭାର ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନେଉଥିବା ବେଳେ ବାଲେଶ୍ୱର ସହରର ତଥା ଆଖପାଖ ଅଂଚଳରେ କ୍ରୀଡା ଭିତିଭୂମିର ବିକାଶ ପାଇଁ ନୂତନ ଯୋଜନା ପ୍ରସ୍ତୁତ କରାଯାଇଛି। ଏହି ଭଳି ସ୍ଥିତିରେ ସ୍ଥାନୀୟ କ୍ରୀଡା ପ୍ରତିଭାକୁ ଆଗକୁ ଆଣିବା ପାଇଁ ଆମ ପ୍ରିମିୟର ଲିଗ ଆୟୋଜନ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି ଶ୍ରୀ ଦାସ ମତପ୍ରକାଶ କରିଥିଲେ। ବାଲେଶ୍ୱର ପୌର ପରିଷଦର ପୂର୍ବତନ କାଉନସିଲର ଶକୁନ୍ତଳା ସିଂ ଏଥିରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ଯୁବ କ୍ରିକେଟ ଖେଳାଳିଙ୍କ ଆୟୋଜକଙ୍କୁ ଉତ୍ସାହିତ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭଗବାନ ମହନି, ସୁରଜ ବିଶ୍ୱାଳ, ରାମ ଦାସ, ରାଜକିଶୋର ଦାସ ଅଧିକାରୀ, ସଦାନନ୍ଦ ମହାଳିକ, ଦେବାଶିଷ ସିଂ, ରଞ୍ଜନ କୁମାର ଭୋଇ, ଜିତେନ୍ଦ୍ର ଉପାଧ୍ୟାୟ ପ୍ରମୁଖ ଅତିଥି ଭାବେ ଉହି ଉଦଘାଟନୀ ଉତ୍ସବରେ ଯୋଗ ଦେଇଥିଲେ । ଆମ ପ୍ରିମିୟର ଲିଗ୍‌ର ସଭାପତି ସୁଶାନ୍ତ କୁମାର ବେଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଥିବା ବେଳେ ଏଥିରେ ମୋଟ ୬ଟି ଦଳ ଅଂଶଗ୍ରହଣ କରୁଛନ୍ତି । ଷ୍ଟ୍ରାଇକର ୧୧, ସାଇ ୧୧, ହବିବ ଲାୟନ୍ସ, ଜିକେ ଫାଇଟର, ରୟାଲ କ୍ଲବ, ବିବି ଫାଇଟର ପ୍ରଭୃତି ଦଳଙ୍କ ମଧ୍ୟରେ ୧୫ ଓଭର ବିଶିଷ୍ଟ ମୋଟ ୧୯ ଟି ମ୍ୟାଚ ଅନୁଷ୍ଠିତ ହେବ। ଆସନ୍ତା ୩୧ ତାରିଖ ଦିନ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଆଜିର ଉଦଘାଟନୀ ମ୍ୟାଚ ଷ୍ଟ୍ରାଇକର ୧୧ ଓ ସାଇ ୧୧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ସମ୍ପାଦକ ପରମାନନ୍ଦ ମହାପାତ୍ର, ଦେବାଶିଷ ବାରିକ, କମଳ ଲୋଚନା ଦାସ, ଗୋପାଳ ମାନ୍ନା, ପ୍ରୀତମ ଟୁଡୁ ପ୍ରମୁଖ ସଂଗଠନର ସଦସ୍ୟମାନେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ରାଜ୍ୟରେ ଆଉ ୨୫୨ କରୋନା ଆକ୍ରାନ୍ତ ସୁସ୍ଥ ହେଲେ

ଭୁବନେଶ୍ୱର,୧୯/୧୨(ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ଆଉ ୨୫୨ ଜଣ କରୋନା ସଂକ୍ରମିତ ସୁସ୍ଥ ହୋଇଛନ୍ତି । ଏହା ସହ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଲୋକଙ୍କ ସଂଖ୍ୟା ବଢି ୧୦୪୨୭୦୧ ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟ୍ୱିଟ କରି ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ କୁହା ଯାଇଛି ଯେ ଖୋର୍ଦ୍ଧା ଜିଲ୍ଲାରେ ୧୫୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ମୟୁରଭଂଜ ଜିଲ୍ଲାରୁ ୧୫ ଜଣ ସଂକ୍ରମିତ ସୁସ୍ଥ ହୋଇଛନ୍ତି । ସେହିପରି ସୁନ୍ଦରଗଡ ଜିଲ୍ଲାରୁ ୭ ଜଣ, କଟକ ଓ ପୁରୀ ଜିଲ୍ଲାରୁ ୫-୫ ଜଣ ତଥା ସମ୍ବଲପୁର ଜିଲ୍ଲାରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଂଜାମ ଓ ଯାଜପୁର ଜିଲ୍ଲାରୁ ମଧ୍ୟ ୪-୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦ୍ରାପଡା, ଭଦ୍ରକ, ଢେଙ୍କାନାଳ ଜିଲ୍ଲାର ୨-୨ ଜଣ ସଂକ୍ରମିତ ସୁସ୍ଥ ହୋଇଛନ୍ତି । ସେହିପରି ବାଲେଶ୍ୱର, ଜଗତସିଂହପୁର, ଝାରସୁଗୁଡାରୁ ୧-୧ ଆକ୍ରାନ୍ତ ସୁସ୍ଥ ହୋଇଥିବା ବେଳେ ଷ୍ଟେଟ ପୁଲରୁ ୩୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ମଡ଼ର୍ଣ୍ଣ ପବ୍ଲିକ ସ୍କୁଲରେ କ୍ୟାରିୟର କାଉନସେଲିଂ

ବାଲେଶ୍ୱର,୧୯/୧୨ (ନି.ପ୍ର): ରାଜସ୍ଥାନର 'କୋଟା ଆଲେନ କ୍ୟାରିଅର ଇନଷ୍ଟିଚ୍ୟୁଟ' ଭୁବନେଶ୍ୱର ଷ୍ଟଡି ସେଣ୍ଟର ପକ୍ଷରୁ କ୍ୟାରିଅର କାଉନସେଲିଂ କାର୍ଯ୍ୟକ୍ରମ ସ୍ଥାନୀୟ ମଡ଼ର୍ଣ୍ଣ ପବ୍ଲିକ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର ଆଲେନ ମେଡିକାଲ ପ୍ରବେଶିକା ପରୀକ୍ଷା କୋଚିଂ ବିଭାଗ ମୁଖ୍ୟ ରବିକାନ୍ତ ମିଶ୍ର ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଇଞ୍ଜିନିଅରିଂ ଏବଂ ମେଡିକାଲ ପ୍ରବେଶିକା ପରୀକ୍ଷାର ସମ୍ଭାବ୍ୟ ସଫଳତା ଓ ନାମଲେଖା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଆଲେନ କ୍ୟାରିଅର ଇନଷ୍ଟିଚ୍ୟୁଟର ଅଭିଜ୍ଞ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ଗୁଣାତ୍ମକ ଶିକ୍ଷାଦାନ ପଦ୍ଧତି ତଥା ୩୩ ବର୍ଷର ସଫଳତା ଛାତ୍ରଛାତ୍ରୀଙ୍କ ଉନ୍ନତ କ୍ୟାରିଅର ଗଠନରେ ସହାୟକ ହୋଇପାରିଛି ବୋଲି ସେ ପ୍ରକାଶ କରିଥିଲେ। ଭୁବନେଶ୍ୱର ଆଲେନର ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ସିଦ୍ଧାର୍ଥ ରାଉତ, ରସାୟନ ବିଭାଗ ଅଧ୍ୟାପକ ରିତେଶ ସିଂହ ଓ ରତୁରାଜ ଶ୍ରୀବାସ୍ତବ ପ୍ରମୁଖ ଏଥିରେ ଯୋଗଦେଇ ଆଲେନରେ ଶିକ୍ଷାଦାନ ଧାରା ସମ୍ପର୍କରେ ସୂଚନା ଦେଇଥିଲେ। ମଡ଼ର୍ଣ୍ଣ ପବ୍ଲିକ ସ୍କୁଲର ବିଜ୍ଞାନ ଅଧ୍ୟାପକ ଦ୍ୱୀପାୟନ ଭଟ୍ଟାଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଅଧ୍ୟକ୍ଷା ପ୍ରଜ୍ଞା ପାରମିତା ପୃଷ୍ଟି ଓ ଉପାଧ୍ୟକ୍ଷ ରଞ୍ଜନ ନାୟକଙ୍କ ବହୁ ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ଥିଲେ । ବିଦ୍ୟାଳୟର ଦଶମ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକ ଏହି ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ ।

## ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ବୈଠକ

ବାଲେଶ୍ୱର,୧୯/୧୨ (ନି.ପ୍ର): ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ପରିବର୍ଦ୍ଧିତ ସାପ୍ତାହିକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ମମତା ମହାପାତ୍ର ଏଥିରେ ଅଧ୍ୟକ୍ଷତା ସହ ଆସନ୍ତା ଷୋଡ଼ଶ ବାର୍ଷିକ ସମ୍ମିଳନୀ ଆୟୋଜନର ବିଭିନ୍ନ ଦିଗ ସମ୍ପର୍କରେ ସୂଚନା ଦେଇଥିଲେ। ଆସନ୍ତା ଜାନୁଆରୀ ୨ ତାରିଖ ପରିବର୍ତ୍ତେ ଗୋଟିଏ ଦିନ ଆଗରୁ ଅର୍ଥାତ ନୂଆବର୍ଷ ୧ ତାରିଖ ପୂର୍ବାହ୍ଣ୧୦ଟାରେ ସ୍ଥାନୀୟ 'ବ୍ରିଟ କଲ୍ୟାଣ ମଣ୍ଡପ'ରେ ଅନୁଷ୍ଠିତ ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ କ୍ରିୟାନୁଷ୍ଠାନ କମିଟିର ପ୍ରାକ୍ତନ ସଭାପତି ସ୍ୱର୍ଗତ ଡାକ୍ତର ହରିଶ୍ଚନ୍ଦ୍ର ଜେନାଙ୍କ ବାସଭବନ ପରିସରରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ସମ୍ମିଳନୀରେ କମିଟିର ମୁଖପତ୍ର ଉନ୍ମୋଚନ କରାଯିବ। କ୍ରିୟାନୁଷ୍ଠାନ କମିଟିର ସଦସ୍ୟତା ଗ୍ରହଣ ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ଚଳିତମାସ ୨୨ ତାରିଖ ସୁଦ୍ଧା ସଭ୍ୟଦେୟ ପ୍ରଦାନ କରିବାକୁ ଏହି ବୈଠକରେ ଅନୁରୋଧ କରାଯାଇଛି। ଏଥି ସହିତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ସାଧାରଣ ସସମ୍ପାଦକ ପ୍ରଦୀପ ଦାସ ସମ୍ମିଳନୀର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ନିରଞ୍ଜନ ପରିଡ଼ା, କୁମୁଦରଞ୍ଜନ ଗିରି, ପ୍ରଭାକର ସାହୁ, ନିରଞ୍ଜନ ରାଉତ, ଦୀନବନ୍ଧୁ ଲେଙ୍କା, ଅର୍ଚ୍ଚନା ନନ୍ଦୀ, ଇଂ. ବନମାଳି ନାୟକ, ଗୌରାଙ୍ଗ ପାଣିଗ୍ରାହୀ, ଅକ୍ଷୟ ତ୍ରିପାଠୀ, ପ୍ରଫୁଲ କୁମାର ଦାସ, ଡା. ତାରାକାନ୍ତ ନନ୍ଦ, ଡ. କ୍ଷୀତିଶ୍ୱର ଦାଶ, ରମେଶ ଚନ୍ଦ୍ର ଜେନା, ଶ୍ୟାମସୁନ୍ଦର ଜେନା, ଜ୍ୟୋସ୍ନା ପାଣି, ସରସ୍ୱତୀ ପଣ୍ଡା, ସ୍ୱର୍ଣ୍ଣଲତା ସ୍ୱାଇଁ, କ୍ରିଷ୍ଣା ସାହା, ପ୍ରମିତା ସାହୁ, ଦୁଷ୍ମନ୍ତ ଦାସ, ରଘୁନାଥ ସାହୁ, ଅନୀଲ ପଟ୍ଟନାୟକ, ଅନିମା ଜେନା, ଯୋଗେନ୍ଦ୍ର ମାହାର୍ଣ୍ଣା, ଯତିନ୍ ପାତ୍ର, ପୁରସ୍ତମ ବେହେରା, ବନ୍ଦନା ବିଶ୍ୱାସଙ୍କ ସମେତ ବହୁ ନୂତନ ସଦସ୍ୟ ସଦସ୍ୟା ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କାଞ୍ଚନବାଳା ପାତ୍ର ଧନ୍ୟବାଦ ଦେଇଥିଲେ।

## ବହୁ ଚର୍ଚ୍ଚିତ ପାଉଁରୁଟି ବିକାଳି ରାହୁଲ ହତ୍ୟାକାଣ୍ଡର ପର୍ଦ୍ଦାଫାଶ



ବାରିପଦା / ରାଇରଙ୍ଗପୁର, ୧୯/୧୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ରଇରଙ୍ଗପୁର ପୋଲିସ ସର୍କଲ ଅନ୍ତର୍ଗତ ବାଦାମପାହାଡ ଥାନା ଅଂଚଳର ଝିପାବନ୍ଧ ପଞ୍ଚାୟତ ଗୋବିନ୍ଦପୁର ଗାଁ ରାସ୍ତା କଡରେ ବୁଧବାର ସକାଳ ସମୟରେ ଏକ ପାଉଁରୁଟି ବିକାଳି ପଶ୍ଚିମବଙ୍ଗ ରାଜ୍ୟର ବାଙ୍କୁରା ଅଂଚଳର ରାହୁଲ ବାଉରୀ (୩୫) ର ସନ୍ଦେହ ଜନକ ମୃତ୍ୟୁର ରହସ୍ୟ ଖୁବ କମ ସମୟର ପୋଲିସ ପର୍ଦ୍ଦାଫାଶ କରିଛି ବୋଲି ରାଇରଙ୍ଗପୁର ଏସଡିପିଓ ଙ୍କ କାର୍ଯ୍ୟାଳୟ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ରେ ରାଇରଙ୍ଗପୁର ଅତିରିକ୍ତ ପୋଲିସ ଅଧିକାରୀ ପ୍ରକାଶ କରିଥିଲେ । ସୂଚନା ଯୋଗ୍ୟ ବାଙ୍କୁରା ଅଂଚଳର ରାହୁଲ ବାଉରୀ , ତୈମୁଦ୍ଦୀନ ଖାନ (ତୋଫାନ) ଏବଂ ଅନ୍ୟ କିଛି ସାଥୀ ଆସି ଯଶିପୁର ସମେତ ଆଖ ପାଖ ଅଂଚଳରେ ପାଉଁରୁଟି ବେପାର କରୁଥିଲେ । ପରେ ତୈମୁଦ୍ଦୀନ ଖାନ ବାଦାମପାହାଡ ଥାନା ଅନ୍ତର୍ଗତ ସାତପାଉଟିଆ ଗାଁରୁ ସଂଖ୍ୟା ଲଘୁ ପରିବାରର ଝିଅକୁ ବିବାହ କରି ନିଜ ଶଶୁର ଘରେ ରହି ବେପାର ବାଣିଜ୍ୟ କରି ଆସୁଥିଲା । ପରେ ପାଉଁରୁଟି ଫେରି ବ୍ୟବସାୟକୁ ନେଇ ନିଜ ବେପାରରେ ଅନେକ ମାନ୍ଦା ଓ ଘାଟା ରେ ଚାଲୁଥିବା ତୈମୁଦ୍ଦୀନ ଖାନ ଜାଣି ପାରି ବେପାର ପ୍ରତି ବିତୃଷ୍ଣା ଭାବ ହେଉଥିବା ଜାଣିପାରୁଥିଲା । ସେ ଜାଣିଲା ଯେ ତାର ଆଉ ଜଣେ ପାଉଁରୁଟି ବେପାରୀ ବନ୍ଧୁ ରାହୁଲ ତା ପାଖ ଅଂଚଳରେ ପାଉଁରୁଟି ଫେରି କରି ଭଲ ଲାଭବାନ ହେଉଛି । ତେଣୁ ଆସାମୀ ଖାନ ଭାବିଲା ଏହି ରାହୁଲ ପାଇଁ ମୋର ବେପାର ମାନ୍ଦା ଚାଲୁଛି ଯଦି ଏହାକୁ ରାସ୍ତାରୁ ହଟାଇ ଦେଲେ ସବୁ ଖେଳ ସରିଯିବ ଆସାମୀ ଖାନ ର ବେପାର ଭଲ ଭାବରେ ଚାଲିବ ଓ ସେ ଲାଭବାନ ହେବ । ଏହା ଭାବି ରାହୁଲକୁ ତାଙ୍କୁ ମାରିବା ପାଇଁ ଷଡଯନ୍ତ୍ର କରିଥିଲା । ବୁଧବାର ସକାଳ ୭ରୁ ୯ଟା ମଧ୍ୟରେ ରାହୁଲ ଗୋବିନ୍ଦପୁର ଗାଁରୁ ପାଉଁରୁଟି ବିକି ଫେରୁଥିବା ରାସ୍ତାରେ ପୂର୍ବରୁ ଅସ୍ତ୍ରଶସ୍ତ୍ର ସହ ଲୁଚି କରିଥିଲା ତୈମୁଦ୍ଦୀନ ଖାନ୍ । ରାହୁଲ ଆସିବା ବେଳେ ଛକି ରହିଥିବା ଆସାମୀ ତୈମୁଦ୍ଦୀନ ଖାନ ପ୍ରଥମେ ଠେଙ୍ଗାରେ ରାହୁଲକୁ ବାଡେଇବାରୁ ବାଇକରେ ଖସି ପଡିଥିଲା ରାହୁଲ । ତୈମୁଦ୍ଦୀନ ସଙ୍ଗେ ସଙ୍ଗେ ଧାରୁଆ ଅସ୍ତ୍ରରେ ରାହୁଲକୁ ମାଡିବସି ରାହୁଲର ବେକକୁ କୁକୁଡା କାଟିଲା ଭଳି କାଟି ବିଭତ୍ସ ଭାବରେ ହତ୍ୟା କରିଥିଲା । ଘଟଣାସ୍ଥଳରେ ରାହୁଲର ପ୍ରାଣବାୟୁ ଉଡି ଯାଇଥିଲା । ବାଦାମପାହାଡ ପୋଲିସ ଅଧିକାରୀ ଅୟସକାନ୍ତ ଜେନା , ରାଇରଙ୍ଗପୁର ଏସଡିପିଓ ରତିକାନ୍ତ ଗିରି ଏବଂ ରାଇରଙ୍ଗପୁର ଅତିରିକ୍ତ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ପାରିପାର୍ଶ୍ୱିକ ଅବସ୍ଥା ଦେଖି ହତ୍ୟାକାଣ୍ଡ ମାମଲା କେଶ ନଂ ୧୪୦ ରୁଜୁ କରିଥିଲେ । ପୋଲିସ ୪ଦିନ ଧରି ତଦନ୍ତ କରି ରାହୁଲର ପୂର୍ବ ସହଯୋଗୀ ତୈମୁଦ୍ଦିନକୁ ଗିରଫ କରିଥିଲା । ସେ ମଧ୍ୟ ବ୍ୟବସାୟିକ ଶତ୍ରୁତା ନେଇ ହତ୍ୟାକାଣ୍ଡ ସ୍ୱିକାର କରିବା ସହ ମାରିଥିବା ଅସ୍ତ୍ରଶସ୍ତ୍ର ଓ ନିଜର ରକ୍ତ ଜୁଡୁବୁଡୁ ସାର୍ଟକୁ ଲୁଚାଇଥିବା ଅସ୍ତ୍ର ଗୁଡିକ ହାଟବାଦଡା କାର୍ଗିଲ ଛକ ରୁ ସାତପଉଟିଆ ଗାଁ କୁ ଯିବା ରାସ୍ତା ର ସାତପଉଟିଆ ନଦୀ ରେ ଫିଙ୍ଗି ଦେଇଥିବା ପ୍ରକାଶ କରିଥିଲା । ଆଜି ବାରିପଦାକୁ ସାଇନ୍ଟିଫିକ ଟିମ ଓ କୁସୁମୀ ତହସିଲଦାର ତଥା ମାଜିଷ୍ଟ୍ରେଟ ଭାବେ ଶିବ ପ୍ରସାଦ ମୁର୍ମୁ ଓ ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ମନୋରଂଜନ ବିଶ୍ୱାଳ, ରାଇରଙ୍ଗପୁର ଏସଡିପିଓ ରତିକାନ୍ତ ଗିରି ବାଦାମପାହାଡ ଓଆଇସି ଆୟସକାନ୍ତ ଜେନା, ଏଏସଆଇ ଦିଲ୍ଲୀପ ପାତ୍ର ଙ୍କ ଉପସ୍ଥିତିରେ ନଦୀ ଗର୍ଭରେ ଥିବା ହତ୍ୟା କାଣ୍ଡରେ ବ୍ୟବହୃତ ହୋଇଥିବା ଧାରୁଆ ଅସ୍ତ୍ର , ଠେଙ୍ଗା, କପଡା ଇତ୍ୟାଦି ସବୁକୁ ଦମକଳ ବିଭାଗ ର ବୁଡାଳୀ ମାନେ ବାହାର କରିଥିଲେ । ଅପରାହ୍ନ ରେ ରାଇରଙ୍ଗପୁର ଏସଡିପିଓ ଙ୍କ କାର୍ଯ୍ୟାଳୟ ପରିସରରେ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧିକାରୀ ଶ୍ରୀ ବିଶ୍ୱାଳ ହତ୍ୟା କାଣ୍ଡ ର ସମସ୍ତ ବିବରଣୀ ପ୍ରଦାନ କରିବା ସହ ହତ୍ୟାଘଟଣାର ରହସ୍ୟ କୁ ପର୍ଦ୍ଦାଫାସ କରିଥିଲେ । ବାଦାମପାହାଡ ପୋଲିସ ପକ୍ଷରୁ ଆସାମୀ କୁ କୋର୍ଟଚାଲାଣ କରାଯିବ ବୋଲି ସୂଚନା ମିଳିଛି ।

## ଭଦ୍ରକ ବ୍ଲକ ଓ ମ୍ୟୁନିସିପାଲିଟି ପାଇଁ କଳାକାର ଦକ୍ଷତା ପରୀକ୍ଷା

ଭଦ୍ରକ, ୧୯/୧୨ (ନି.ପ୍ର): ଓ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଜିଲ୍ଲାର ବିଭିନ୍ନ ବ୍ଲକ ରେ ୧୮/୧୨/୨୦୨୧ ରୁ କଳାକାର ଦକ୍ଷତା ପରୀକ୍ଷା କାର୍ଯ୍ୟକ୍ରମ ଚାଲୁ ରହିଛି । ଜିଲ୍ଲା ପ୍ରଶାସନ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଭଦ୍ରକ ବ୍ଲକ୍ ଓ ପୌର ପରିଷଦ ପାଇଁ ଜିଲ୍ଲା ସଂସ୍କୃତି ଭବନରେ ୨୦/୧୨/୨୦୨୧ ଓ ୨୧/୧୨/୨୦୨୧ ଦୁଇ ଦିନ ଧରି ଏହି ଦକ୍ଷତା ପରୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ୨୦ ରେ ଆମ୍ବରୋଳୀ , ଅଣ୍ଡେଇପଲି , ଅର୍ଣ୍ଣପାଳ, ବି.ପି.ବିନ୍ଧା, ବହୁଦରଡ଼ା, ବନ୍ଧଗାଁ, ବଣିଆ, ବାଣୀତିଆ, ବାଉଦପୁର, ବେଂତକ୍ଷଳ, ବେତରକ୍ଷ, ବ୍ରହ୍ମପୁର, ଚଣ୍ଡିଗାଁ, ଦଇସିଂ, ଏରଡା , ଏରେଇଁ, ଗେଲପୁର , ଗେଲଟୁଆ, ଗୁଜିଦରଡ଼ା, ହରିପୁର, ଜଗଦଳପୁର, କଲେଇ, କାଉପୁର, ଗ୍ରାମ ପଂଚାୟତ ପାଇଁ ବୈଧ ତାଲିକାରେ ନାମ ଥିବା ଆବେଦନକାରୀ ମାନେ ଦକ୍ଷତା ପରୀକ୍ଷା ଦେଇ ପାରିବେ । ସେହିପରି ୨୧ ତାରିଖରେ କେଦାରପୁର, ଖଣ୍ଡତଡ, କୋରକୋରା, କୋଡ଼ବରୁଆ, ଲାଙ୍ଗୁଡି, ଓଲଙ୍ଗ, ପରସିଙ୍ଗା, ରମ୍ଭିଳା, ରହଣିଆ, ରାନ୍ଦିଆ, ସାବରଙ୍ଗ, ସାହାଡ଼ା ଏବଂ ଭଦ୍ରକ ମ୍ୟୁନିସିପାଲିଟିର ଆବେଦନକାରୀ ମାନଙ୍କ ପାଇଁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମ ପୂର୍ବାହ୍ଣ , ୧୦ ଟା ରୁ ଆରମ୍ଭ ହୋଇ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାଲୁ ରହିବ ।

ଧ୍ୱନି ପ୍ରତିଧ୍ୱନି



# ନିଖିଳ ଓଡ଼ିଶା ଇପିଏଫ ପେନସନର୍ସ ଆସୋସିଏସନର ଜିଲ୍ଲା ସମ୍ମିଳନୀ

ବାଲେଶ୍ୱର,୧୯/୧୨ (ନି.ପ୍ର): ନିଖିଳ ଓଡ଼ିଶା ଇପିଏଫ ପେନସନର୍ସ ଆସୋସିଏସନର ବାଲେଶ୍ୱର ଜିଲା ସମ୍ମିଳନୀ ସ୍ଥାନୀୟ କେନ୍ଦ୍ର ସମବାୟ କର୍ମଚାରୀ ସଂଘ ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀ ସ୍ୱାଗତ ଅଭିଭାଷଣ ସହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବିଧାୟକ ସ୍ୱରୂପ ଦାସ ଏହି ସମ୍ମିଳନୀକୁ ଉଦ୍‌ଘାଟନ ସହ ଇପିଏଫ ସଂସ୍ଥାରୁ ପେନସନ ପାଉଥିବା ବରିଷ୍ଠ ନାଗରିକଙ୍କ ଦାବିପ୍ରତି କେନ୍ଦ୍ର ସରକାର ସହାନୁଭୂତି ସହ ବିଚାର କରିବା ଉଚିତ ବୋଲି କହିଥିଲେ। ଅନ୍ୟପକ୍ଷରେ ପେନସନଭୋଗୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାଭୁକ୍ତ କରିବା ଦାବି ଉପରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଇଂ. ଅନାଦିଚରଣ ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ଜିଲା ସମ୍ପାଦକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶ୍ୟାମସୁନ୍ଦର ଜେନା ଆୟବ୍ୟୟର ବିବରଣୀ ଉପସ୍ଥାପିତ କରିଥିଲେ। ଇପିଏଫ ପେନସନର୍ସ ଆସୋସିଏସନ ରାଜ୍ୟ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା ଓ ରାଜ୍ୟ କମିଟି ସଂଯୋଜକ ବିକ୍ରମ ଛୋଟରାୟ ଏଥିରେ ବିଶେଷ ଅତିଥି ଭାବେ ଯୋଗଦେଇ ରାଜ୍ୟ ଓ ଜାତୀୟସ୍ତରରେ ଇପିଏଫ ପେନସନଭୋଗୀଙ୍କ ମାସିକ ସର୍ବନିମ୍ନ ନଅ ହଜାର ଟଙ୍କା, ଉଚ୍ଚ ବେତନ ପାଇ ଅବସରପ୍ରାପ୍ତ ପେନସନଭୋଗୀଙ୍କୁ ଅଧିକ ପେନସନ ଟଙ୍କା, ମହଙ୍ଗା ଭତ୍ତା ଏବଂ ସରକାରୀ ଚିକିତ୍ସା ସେବା ଯୋଜନାଭୁକ୍ତ ପାଇଁ ଦାବି କରିଥିଲେ। ଏନେଇ ସର୍ବୋଚ୍ଚ ଅଦାଲତରେ ଚାଲିଥିବା ମୋକଦ୍ଦମାର ସ୍ଥିତି ସମ୍ପର୍କରେ ସେମାନେ ଉପସ୍ଥିତ ପ୍ରତିନିଧିମାନଙ୍କୁ ଅବଗତ କରାଇଥିଲେ। ଜିଲା ବରିଷ୍ଠ ନାଗରିକ ମଞ୍ଚ ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବେହେରା, ବାଲେଶ୍ୱର ସିଭିଲ୍ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ଓକିଲ ସଂଘର ସଭାପତି ମନୋଜ ନାୟକ ଓ ନାରୀ ନେତ୍ରୀ ବନ୍ଦନା ବିଶ୍ୱାସ ପ୍ରମୁଖ ଏଥିରେ ଯୋଗଦେଇ କେନ୍ଦ୍ର ସରକାରଙ୍କ ଇପିଏଫ ଇପିଏଫ ପେନସନ ନୀତିକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଓଡ଼ିଶାରେ ୧ଲକ୍ଷ ୬୦ ହଜାର ଓ ସର୍ବଭାରତୀୟ ସ୍ତରରେ ପ୍ରାୟ ୭୦ଲକ୍ଷରୁ ଊର୍ଦ୍ଧ୍ୱ ପେନସନଭୋଗୀଙ୍କ ସାମାଜିକ ସୁରକ୍ଷା ପ୍ରତି କେନ୍ଦ୍ର ସରକାର ଗୁରୁତ୍ୱ ଦେବା ଉଚିତ।

## ଟ୍ରକରୁ ବ୍ୟାଟେରୀ ଚୋରୀ କରି ଜେଲ ଗଲେ ଯୁବକ

ନୀଳଗିରି, ୧୯/୧୨ (ନି.ପ୍ର): ରବିବାର ଭୋର ସମୟରେ ମିତ୍ରପୁର ମଛୁଆ ଗ୍ରାମର କମଳାକାନ୍ତ ପ୍ରଧାନ ନିଜର ଡମ୍ଫର (ଓଆର-୦୧ଆର-୪୪୪୪) ଟିକୁ ନିଜ ବାଡ଼ିରେ ରଖିଥିବା ବେଳେ ରବିବାର ଭୋର ସମୟରେ ୨ଜଣ ଦୁର୍ବୃତ୍ତ ଏକ ଆପାଚି ବାଇକ (ଓଡି୦୧ଏକ୍ସ-୧୬୯୩) ରେ ଆସି ଡମ୍ଫରୁ ବ୍ୟାଟେରୀ ବାହାର କରି ନିଜ ବାଇକରେ ଲଦି ଯିବାକୁ ଉଦ୍ୟତ ହେଉଥିବାବେଳେ ହଠାତ୍ ବାଇକ୍ ଶବ୍ଦ ଶୁଣି ମାଲିକ ବାହାରକୁ ଆସି ପାଟି କରିବାରୁ ୨ଜଣ ଦୁର୍ବୃତ୍ତ ବାଇକ ସହ ଚୋରୀ ବ୍ୟାଟେରୀକୁ ଛାଡ଼ି ପଳାଇ ଯାଉଥିବା ବେଳେ ଗାଁ ଲୋକେ ୨ ଯୁବକକୁ କାବୁ କରିଥିଲେ । ପରେ ପୋଲିସକୁ ଖବର ଦେବାବେଳେ ପୋଲିସ ଘଟଣାସ୍ଥଳରେ ପହଂଚି ୨ ଯୁବକକୁ ଗିରଫ କରିବା ସହ ବ୍ୟବହୃତ ବାଇକ, ଚୋରୀ ବ୍ୟାଟେରିକୁ ଜବତ କରିଛି । ଏ ନେଇ ନୀଳଗିରି ଥାନାରେ ୩୮୦/୨୧ ରେ ଏକ ମାମଲା ରୁଜୁ କରାଯାଇ ୨ ଅଭିଯୁକ୍ତ କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ନାମଂଜୁର ହେବାରୁ ୨ ଜଣକୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଅଭିଯୁକ୍ତ ୨ଜଣ ହେଲେ ନୀଳଗିରି ଥାନା ଅଧିନସ୍ଥ କାହାଲିଆ ଗ୍ରାମର କାଠିଆ ମହଲ, ରାଜନଗର ଗ୍ରାମର ବାପୁନୀ ଓରଫ ଅଜୟ ସିଂ ବୋଲି ଜଣାପଡ଼ିଛି ।

## ଶୁଳିଆପଦା ନୂତନ ପେନସନ ଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ ପୁନଃଗଠିତ



ବାରିପଦା/ଶୁଳିଆପଦା, ୧୯/୧୨ (ନି.ପ୍ର): ଜିଲ୍ଲା ପରିଷଦ ଶିକ୍ଷକ ସଂଘ ସଭାପତି ହରେକୃଷ୍ଣ ବାରିକଙ୍କ ଅଧକ୍ଷତାରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ବୈଠକରେ ଶୁଳିଆପଦା ବ୍ଳକର ଶତାଧକ ନୂତନ ପେନସଭୁକ୍ତ ଶିକ୍ଷକ ଶିକ୍ଷୟତ୍ରୀ ଯୋଗଦେଇଥିଲେ । ବୈଠକ ପ୍ରାରମ୍ଭରେ ଶୁଳିଆପଦା ବ୍ଳକର ପୂର୍ବତନ ସମ୍ପାଦକ ବ୍ୟୋମକେଶ ଦତ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିବା ପରେ ନିଜର ଇସ୍ତଫା ପତ୍ର ସମସ୍ତଙ୍କ ସମ୍ମୁଖରେ ପ୍ରଦାନ କରି ସଂଗଠନ ପୁନର୍ଗଠନ ପାଇଁ ପ୍ରସ୍ତାବ ରଖୁଥିଲେ । ବୈଠକରେ ଜିଲ୍ଲା ସମନ୍ୱୟ ସମିତିର ଅଧକ୍ଷ ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟ, ବରିଷ୍ଠ ଶିକ୍ଷକ ନେତା ଜାମିନୀକାନ୍ତ ପଣ୍ଡା, ଶିକ୍ଷା ସହାୟକ ସଂଘର ଉପଦେଷ୍ଟା ଶିବ ଚରଣ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ । ପ୍ରାରମ୍ଭରେ ଶ୍ରୀ ଆଚାର୍ଯ୍ୟ ସଂଘିୟ ଅଭିଭାଷଣ ପ୍ରଦାନ କରିଥିଲା ବେଳେ ଜାମିନୀ କାନ୍ତ ପଣ୍ଡା ପୁରୁଣା ପେନସନ୍ ପାଇଁ ଦେଶ ରାଜ୍ୟ ତଥା ଜିଲ୍ଲା ସ୍ତରରେ ଚାଲୁଥିବା ସମ୍ପ୍ରତିକ ସ୍ଥିତି ଓ ଆଗାମୀ ଆନ୍ଦୋଳନ ସମ୍ପର୍କରେ ସୁଚନାଦେଇଥିଲେ । ପରେ ସାଙ୍ଗଠନିକ ପ୍ରକ୍ରିୟା ମାଧ୍ୟମରେ ସଂଗଠନର ପୁନଃଗଠନ ହୋଇଥିଲା । ସର୍ବ ସମ୍ମତି କ୍ରମେ ସଭାପତି ଭାବେ ଗୟା ପ୍ରସାଦ ମହାନ୍ତ, ଉପ-ସଭାପତି ଭାବେ ସୁଜିତ୍ ଧର, ପ୍ରତିଭା ସି, ସରସ୍ୱତୀ ମହାନ୍ତ ଓ ଗୋପାଳ ଚନ୍ଦ୍ର ବାରିକ, ସମ୍ପାଦକ ଭାବେ କାଳି ଶଙ୍କର ଦାସ, ସହ ସମ୍ପାଦକ ଭାବେ ମନୋଜ ପରମାଣିକ, ବସନ୍ତ କୁମାର ସି, ଶିବ ପ୍ରସାଦ ମାର୍ଣ୍ଡି ଓ ସବିତା ଦାସ, କୋଷାଧକ୍ଷ ସନ୍ତୋଷ କୁମାର ବାରିକ, ହିସାବ ସମିକ୍ଷକ ପଦ୍ୟୁମ୍ନ କୁମାର ଦାସ ମନୋନିତ ହୋଇଥିଲେ । ପରବର୍ତ୍ତୀ ସମୟରେ କମିଟିର ପରାମର୍ଶରେ କମିଟି ସମ୍ପ୍ରସାରିତ କରାଯିବାର ନିଷ୍ପତ୍ତି ହେଲା । ସର୍ବ ଶେଷରେ ପୁନର୍ଗଠିତ ସଂଗଠନର ସମସ୍ତ ସଦସ୍ୟ ଶପଥ ପାଠ କରିବା ପରେ ସମ୍ପାଦକ କାଳିଶଙ୍କର ଧନ୍ୟବାଦ ଅର୍ପଣ କରିଥିଲେ ।

## ୧୯୮୬ ମସିହା ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ କାର୍ଯ୍ୟକ୍ରମ



ଉଦଳା, ୧୯/୧୨ (ନି.ପ୍ର): ପ୍ରତିବର୍ଷ ପରି ଚଳିତ ବର୍ଷ ଉଦଳା ଉଚ୍ଚ ବିଦ୍ୟାଳୟର ୧୯୮୬ ମସିହା ମାଟ୍ରିକ ବ୍ୟାଚର ଛାତ୍ର ମାନେ ଡ଼ିସେମ୍ବର ୧୯ ତାରିଖ ରବିବାର ଦିନ ସ୍ଥାନୀୟ ଅତୁଲ ପଡ଼ିଆ ଠାରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଏକତ୍ରୀତ ହୋଇଥିଲେ । ପ୍ରାରମ୍ଭରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଫୋଟ ଚିତ୍ରରେ ପୁଷ୍ପ, ଧୂପ, ଦୀପ ଅର୍ପଣ ପୂର୍ବକ ବେଦମନ୍ତ୍ର ଉଚ୍ଚାରଣ କରି ପୂଜାର୍ଚ୍ଚନା କରିଥିଲେ । ଏହାପରେ ସମସ୍ତେ ଏକସ୍ୱରରେ ଜାତୀୟ ସଂଗୀତ ପରିବେଷଣ କରିଥିଲେ । ପରେ ପରମାନନ୍ଦ ଖଣ୍ଡେଇଙ୍କ ଅଧକ୍ଷତାରେ ସାଧାରଣ ସଭା ଆରମ୍ଭ ହୋଇଥିଲା । ସଭାର ପ୍ରାରମ୍ଭରେ ଯେଉଁ ସହପାଠୀ ମାନେ ଆମ ଗହଣରୁ ସବୁଦିନ ପାଇଁ ବିଦାୟ ନେଇଯାଇଛନ୍ତି ସେମାନଙ୍କ ଉଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ସୀମାନ୍ତ ତ୍ରିପାଠୀ ମଞ୍ଚ ପରିଚାଳନା କରିବା ସହିତ ପ୍ରଥମେ ଡ଼ାକ୍ତର ମନୋରଂଜନ ମଲ୍ଲିକଙ୍କୁ ତାଙ୍କର ବକ୍ତବ୍ୟ ପ୍ରଦାନ କରିବାକୁ ଆମନ୍ତ୍ରଣ କରିଥିଲେ । ମନୋରଂଜନ ତାଙ୍କର ପିଲାଦିନର ଅନୁଭୂତି ବ୍ୟକ୍ତ କରି ୧୯୮୬ ମସିହା ମାଟ୍ରିକ ବ୍ୟାଚ ନାମରେ ଏକ ବ୍ୟାଙ୍କ ଏକାଉଣ୍ଟ ଖୋଲିବାକୁ ପ୍ରସ୍ତାବ ଦେଇଥିଲେ । ଏହି ଏକାଉଣ୍ଟ ସେ ନିଜେ ପ୍ରଥମେ ୧ଲକ୍ଷ ଟଙ୍କା ପ୍ରଦାନ କରିବେ ବୋଲି ଘୋଷଣା କରିବା ସହିତ ଉକ୍ତ ଅର୍ଥ ଆମ ବ୍ୟାଚରେ ଥିବା ଗରିବ ଛାତ୍ର ମାନେ ରୋଗରେ ପଡ଼ିଲେ ଖର୍ଚ୍ଚ କରାଯିବ ବୋଲି ପ୍ରସ୍ତାବ ଦେଇଥିଲେ । ଉପସ୍ଥିତ ସମସ୍ତ ସହପାଠୀ ଏହାକୁ ଗ୍ରହଣ କରିବା ସହିତ ସମସ୍ତେ କିଛି କିଛି ଅର୍ଥ ଉକ୍ତ ଏକାଉଣ୍ଟକୁ ପ୍ରଦାନ କରିବେ ବୋଲି ସମ୍ମତି ପ୍ରଦାନ କରିଥିଲେ । ଏହାପରେ କାମଦେବ ସାହୁ, ମହେଶ୍ୱର ବେହେରା, ପଙ୍କଜ ଖୁଣ୍ଟିଆ, ରବିନ୍ଦ୍ର ପରିଡ଼ା, ରବିନାରାୟଣ ମହାପାତ୍ର, ସୁବ୍ରତ କୁମାର ମହାନ୍ତି, ଅରୁଣ ବେହେରା, ବିଜନ ନାୟକ, ତରୁଣକାନ୍ତି ମହାପାତ୍ର, ମନୋଜ ସାହୁ ପ୍ରମୁଖ ଅଂଶ ଗ୍ରହଣ କରି ଏହି ବ୍ୟାଚର ଛାତ୍ର ମାନେ ବର୍ତ୍ତମାନ କିଏ କେଉଁ ପଦବୀରେ ଅଛନ୍ତି ଓ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ଭାରତର ରାଷ୍ଟ୍ରପତି ଦପ୍ତର ପର୍ଯ୍ୟନ୍ତ କିପରି ଏହି ବ୍ୟାଚର ଛାତ୍ର ମାନେ ପ୍ରଭାବ ବିସ୍ତାର କରିପାରିଛନ୍ତି ଏହାର ବିସ୍ତୃତ ଇତିହାସ ଆଲୋଚନା କରିଥିଲେ । ବାସ୍ତବରେ ଏହାଥିଲା ଖୁବ ହୃଦୟସ୍ପର୍ଶୀ ।

## ଡ଼ମ୍ଫର ଧକ୍କାରେ ବାଇକ ଅରୋହୀ ମୃତ

ବାରିପଦା, ୧୯/୧୨ (ନି.ପ୍ର): ବାରିପଦା ଟାଉନ ଥାନା ଅଧିନ ନୁରୁଡ଼ି ଛକ ନିକଟରେ ସଡ଼କ ଦୁର୍ଘଟଣାରେ ବାଇକ ଆରୋହିଙ୍କ ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ, ସନ୍ଧ୍ୟା ସମୟରେ ବଡ଼ସାହି ଥାନା ଅନ୍ତର୍ଗତ କେରକ ଗ୍ରାମର ବୀର ସିଂ ବାରିପଦାରୁ କିଣାକିଣି କରି ଗ୍ରାମକୁ ତାଙ୍କ ଭାଇକୁ ଗାଡ଼ିରେ ବସାଇ ଫେରୁଥିଲେ । ଏହି ସମୟରେ ନୁରୁଡ଼ି ଛକ ନିକଟରେ ଥିବା ଏକ ହମ୍ପସ ନିକଟରେ ଏହି ଦୁର୍ଘଟଣା ଘଟିଥିଲା । ବାଇକ ଯୋଗେ ଯାଉଥିବା ବେଳେ (ଓଡ଼ି ୧୧ ଡି ୩୮୬୨) ନମ୍ବର ବିଶିଷ୍ଟ ଏକ ବାଲି ବୋଝେଇ ଡ଼ମ୍ଫର ସହିତ ଧକ୍କା ହେବା ଫଳରେ ଡମ୍ଫରଟି ବୀର ସିଂଙ୍କ ଉପରେ ଚଢ଼ି ଯାଇଥିଲା । ଯାହା ଫଳରେ ଘଟଣା ସ୍ଥଳରେ ହିଁ ବିରଙ୍କ ମୃତ୍ୟୁ ଘଟିଥିଲା । ସୌଭାଗ୍ୟ ବସତ ତାଙ୍କ ସାନଭାଇ ବଞ୍ଚି ଯାଇଛନ୍ତି । ଘଟଣା ସ୍ଥଳରେ ବାରିପଦା ଟାଉନ ଥାନା ପୋଲିସ ପହଞ୍ଚିଥିଲେ । ମୃତ ଦେହକୁ ଉଦ୍ଧାର କରିବା ସହ ଡ଼ମ୍ଫର ଓ ବାଇକକୁ ଜବତ କରିଥିଲେ । ଏହାକୁ ନେଇ ବାରିପଦା ଟାଉନ ଥାନାରେ ଏକ ମାମଲା ରୁଜୁ ହେବା ସହ ଘଟଣାର ତଦନ୍ତ କରାଯାଉଥିବାର ଜଣା ଯାଇଛି ।

## ବରହମପୁରରେ ୨ ଦିନିଆ କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ



ନୀଳଗିରି, ୧୯/୧୨ (ନି.ପ୍ର): ବରହମପୁର ମିନି ଷ୍ଟାଡ଼ିୟମ ଠାରେ ହରିବଲ କ୍ରିକେଟ ଏସୋସିଏସନ ପକ୍ଷରୁ ୨ଦିନିଆ କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଘାଟନ ଉତ୍ସବରେ ରାଜୀବ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବ୍ଳକ କଂଗ୍ରେସ ସଭାପତି ମନୋରଂଜନ ପଣ୍ଡା ଯୋଗ ଦେଇ ଆନୁଷ୍ଠାନିକ ଭାବେ ଟୁର୍ଣ୍ଣାମେଂଟକୁ ଉଦ୍‌ଘାଟନ କରିଥିଲେ । ଏଥିରେ ମୋଟ ୮ଟି ଟିମ୍ ଅଂଶ ଗ୍ରହଣ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ସବ୍ୟସାଚୀ ମହାପାତ୍ର, ମୁଖ୍ୟ ବକ୍ତା ଭାବେ ପ୍ରିତୀରଂଜନ ମଲିକ, ସମ୍ମାନୀତ ଅତିଥି ଭାବେ ରାଜୀବ ଲୋଚନ ଚୌଧୁରୀ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରି ଥିଲେ । ୟାର ୨୦୧୩ ଓ ବେହେରା ବ୍ରଦର୍ସ ଇଲେଭନ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏଥିରେ ବେହେରା ବ୍ରଦର୍ସ ଇଲେଭେନ ଚମ୍ପିଆନ ହୋଇଥିବା ବେଳେ ୟାର ୨୦୧୩ ରନର୍ସଅପ ହୋଇଥିଲେ । ଚମ୍ପିଆନ ଟିମ୍‌କୁ ୫ହଜର ଟଙ୍କା ଓ ରନର୍ସଅପ୍‌କୁ ୪ହଜାର ଟଙ୍କା ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏସୋସିଏସନର ସଦସ୍ୟ ଚିତରଂଜନ ମିଶ୍ର, ହେମେନ୍ଦ୍ର ବେହେରା, ମାନସ ବେହେରା, ପ୍ରଦୀପ ସାହୁ ଏବଂ ଅନ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ । ଖେଳକୁ ସଂଜୀବ ଚୌଧୁରୀ ପରିଚ୍ଛଳନା କରିଥିଲେ ।

## ଛେଳି ଚୋରି କରି ଛେଚା ଖାଇଲେ ଯୁବକ : ପୋଲିସ କଲା କୋର୍ଟ ଚାଲାଣ

ନୀଳଗିରି, ୧୯/୧୨ (ନି.ପ୍ର): ଚୋରୀ ଛେଳି ରଖୁଥିବା ନେଇ ସଂପୃକ୍ତ ଯୁବକକୁ ଘରୁ ଡାକି ଆଣି ଛେଳିଚୋର ସନ୍ଦେହ ରେ ନୀଳଗିରି ହାଟ ଭିତରେ ବେଶ ଉତମ ମଧ୍ୟମ ଦେଇଛନ୍ତି । ପରେ ନୀଳଗିରି ପୋଲିସ ଘଟଣାସ୍ଥଳରେ ପହଂଚି ଯୁବକକୁ ଉଦ୍ଧାର କରି ଥାନାକୁ ଆଣିଛନ୍ତି । ପ୍ରାପ୍ତ ସୂଚନା ଅନୁସାରେ ନୀଳଗିରି ଥାନା ଅଧୀନସ୍ଥ ଖଡ଼ିପଦା ଗ୍ରାମର ବଳରାମ ପୁଟି ଚୋରି ଛେଳିକୁ କିଣି ଚଢ଼ା ଦରରେ ବିକ୍ରି କରୁଥିବା ନେଇ ନୀଳଗିରିରେ କିଛି ବ୍ୟକ୍ତି ଜାଣିବା ପରେ ରବିବାର ଦିନ ତାଘରକୁ ଯାଇ ବଳରାମକୁ ନୀଳଗିରି ହାଟ ପଡ଼ିଆକୁନେଇ ଆସି ଚୋରୀ ବାବଦରେ ସତକଥା ମାନି ଯିବାରୁ ରୀତିମତ ବାଡ଼େଇଥିଲେ । ପରେ ପୋଲିସ ପହଂଚି ଯୁବକକୁ ଥାନାକୁ ଆଣିଥିବା ବେଳେ ଏ ନେଇ ନୀଳଗିରି ଥାନାରେ ୩୮୧/୨୧ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲଣ କରାଯାଇଛି । ଛେଳି ଚୋରୀ ଘଟଣାକୁ ଯୁବକ ଜଣକ ଅସ୍ୱୀକାର କରିଛି ।

## ଏସଭିଏମ ଓ ଆମ ଓଡ଼ିଶା ପକ୍ଷରୁ ୪୪ ୟୁନିଟ ରକ୍ତ ସଂଗ୍ରହ



ବାରିପଦା, ୧୯/୧୨ (ନି.ପ୍ର): ବାରିପଦା ସ୍ଥିତ ସାଇ ବିଦ୍ୟା ମନ୍ଦିର ଓ ଆମ ଓଡ଼ିଶା ପକ୍ଷରୁ ବୃହତ ରକ୍ତ ଦାନ ଶିବିରରେ ୪୪ ୟୁନିଟ ରକ୍ତ ସଂଗ୍ରହ ହୋଇଛି । ଏହି ଶିବିରକୁ ଅନୁଷ୍ଠାନିକ ଭାବେ ଓଡିଶା ବିଧାନସଭାର ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି ଫିତା କାଟି ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ ବରିଷ୍ଠ ନେତା ପ୍ରଭାତ ନାୟକ, ଅବସରପ୍ରାପ୍ତ ରସାୟନ ବିଜ୍ଞାନର ଅଧାପକ ସିଂଦେନ୍ଦୁ କୁମାର ସାହୁ, ନିର୍ଦ୍ଦେଶକ ଇଂ ପ୍ରଭଞ୍ଜନ ରାଉତ, ସମ୍ବାଦ ସାମଖୁଣ୍ଟା ବ୍ଳକ ପ୍ରତିନିଧି କସ୍ତୁରୀ ରାୟ, ଯୁବ ସାମ୍ବାଦିକ ସନ୍ତୋଷ କୁମାର ବରାଜ, ଓଡିଶା ରକ୍ତ ଭଣ୍ଡାର, ବାରିପଦା ଅଧିକାରୀ ଡାକ୍ତର ସୌମ୍ୟ ରଞ୍ଜନ ନାୟକ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଆଜି ପୂର୍ବାହ୍ନ ୧୦ ଟା ସମୟରେ ସମ୍ବାଦ ଦୈନିକ ଖବରକାଗଜର 'ଆମ ଓଡିଶା' ଓ ସାଇ ବିଦ୍ୟା ମନ୍ଦିର ଉଚ୍ଚ ବିଦ୍ୟାଳୟର 'ଜାତୀୟ ସେବା ଯୋଜନାର ମିଳିତ ସହଯୋଗରେ ଦାରଗାଡ଼ାହି ଗୋଲେଇ ସ୍ଥିତ ବିଦ୍ୟାଳୟ ପରିସରରେ କରୋନା କଟକଣା ମଧ୍ୟରେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅନେକ ପ୍ରଥମ ଥର ପାଇଁ ରକ୍ତ ଦାନ କରିଥିବା ବେଳେ ବହୁ ମହିଳା ଓ ବିଦ୍ୟାଳୟର ଛାତ୍ର ଛାତ୍ରୀ ରକ୍ତ ଦାନ କରି ନୂତନ ରକ୍ତ ଦାତା ମାନଙ୍କୁ ପ୍ରସାହନ ଦେବା ସହିତ ଆହ୍ୱାନ କରିଛନ୍ତି । ଏହି କାର୍ଯ୍ୟକ୍ରମ ଆୟୋଜନରେ ବିଦ୍ୟାଳୟର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରତିଚି ରଞ୍ଜନ ରାଉତ, ସମ୍ପାଦକ ଚନ୍ଦ୍ରକାନ୍ତ ରାଉତ, ଅଧକ୍ଷ ଅକ୍ଷୟ କୁମାର ଖିଲାର, ଉପାଧକ୍ଷ ମନରଞ୍ଜନ ରାଉତ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆଶିଷ କୁମାର ହୋତା, ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ସ୍ୱରୂପ କୁମାର ଶତପଥୀ, ସୁବ୍ରତ କୁମାର ଦାସ, ସାଗର କୁମାର ମୁଦୁଲି, ଦେବାଶିଷ ମୁଦୁଲି, ନମିତା କର, ପବିତ୍ର ସାହୁ, ଶଶିକାନ୍ତ ଦାସ, ତାପସ ରଞ୍ଜନ ନାୟକ, ସୁମତି ଦିଦି ଓ ଏନଏସଏସର ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ ।

## ସଙ୍ଗୀତା ବାରିକଙ୍କର ଗ୍ରନ୍ଥ 'ଅଧାଗଢ଼ା ଈଶ୍ୱର' ଉନ୍ମୋଚିତ



ବାଲେଶ୍ୱର, ୧୯/୧୨ (ନି.ପ୍ର): ଇନ୍ଦ୍ରଦ୍ୟୁମ୍ନ ଯେତେବେଳେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କର ମୂର୍ତ୍ତି ଗଢ଼ିବା ପାଇଁ କାରଗର ଖୋଜିଲେ ସେତେବେଳେ ବିଶ୍ୱକର୍ମା ବୃଦ୍ଧ ବଢ଼େଇ ବେଶରେ ସେଠାରେ ପହଞ୍ଚି ମୂର୍ତ୍ତିଗଢ଼ା କାମ ଆରମ୍ଭ କରିଥିଲେ। ମାତ୍ର ରାଣୀଙ୍କର ଉପସ୍ଥିତି ଯୋଗୁଁ ମୂର୍ତ୍ତିଗୁଡ଼ିକୁ ଅଧାଗଢ଼ି ସେ ଅନ୍ତର୍ଦ୍ଧାନ ହୋଇଯାଇଥିଲେ। ଜଗନ୍ନାଥଙ୍କ ଅଧାଗଢ଼ା ଶରୀର ସହିତ ମଣିଷ ଜୀବନର ବି ସମ୍ପର୍କ ରହିଛି, କାରଣ କୌଣସି ମଣିଷ ତାର ଜୀବନରେ ସ୍ୱୟଂସମ୍ପୂର୍ଣ୍ଣ ନୁହେଁ। ଏହି ସବୁ ଭାବଧାରାକୁ ନେଇ କବିତାରେ ଆଧ୍ୟାତ୍ମିକ ଭାବ ଗୁମ୍ଫନ କରି ୧୨୮ ଗୋଟି କବିତାର ଏକ ଗ୍ରନ୍ଥ ସର୍ଜନା କରିଛନ୍ତି କବୟିତ୍ରୀ ସଙ୍ଗୀତା ବାରିକ। ଏହି ଗ୍ରନ୍ଥର ଉନ୍ମୋଚନ ଉତ୍ସବ ଶନିବାର ସନ୍ଧ୍ୟାରେ ଫକୀରମୋହନ ସାହିତ୍ୟ ପରିଷଦ ତରଫରୁ ପରିଷଦର ସଭାପତି ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ରାଗରାଗିଣୀରେ ରଚିତ କବିତାଗୁଡ଼ିକ ଲଳିତ କୋମଳ ଶବ୍ଦାବଳୀର ପ୍ରୟୋଗ ତଥା କାନ୍ତ-କୋମଳ ପଦବିନ୍ୟାସ ଯୋଗୁଁ ହୃଦୟଛୁଆଁ ହୋଇପାରିଛି ବୋଲି ଡ.ହରିଶ୍ଚନ୍ଦ୍ର ବେହେରା ଆଲୋଚନା କରିଥିଲେ। କବି ବିମଳ ଜେନା ଗ୍ରନ୍ଥଟିକୁ ସମୀକ୍ଷାକରି କବିତାର ସୌକୁମାର୍ଯ୍ୟ ତାଙ୍କୁ ଆହ୍ଲାଦିତ କରିଛି ବୋଲି ମତ ରଖିଥିଲେ। ଲେଖିକା ତାଙ୍କର ଲେଖକୀୟ ବକ୍ତବ୍ୟରେ ଏହା ତାଙ୍କର ପ୍ରଥମ ରଚନା ହୋଇଥିବାରୁ ପାଠକମାନଙ୍କର ଆଶୀର୍ବାଦ କାମନା କରିଥିଲେ। ଡ.ସାରଙ୍ଗଧର ତ୍ରିପାଠୀ ପ୍ରକାଶକୀୟ ବକ୍ତବ୍ୟ ଉପସ୍ଥାପନ କରିଥିଲେ ଓ ସମ୍ପାଦକ ଦୀପକ ବୋଷ ପ୍ରାରମ୍ଭିକ ବକ୍ତବ୍ୟ ଦେଇଥିଲେ। ଯଜ୍ଞ ସଂପାଦିକା କଲ୍ୟାଣୀ ନନ୍ଦ ଅତିଥିମାନଙ୍କର ମଞ୍ଚାବାହନ କରିଥିବା ବେଳେ ଉପସଭାପତି ପ୍ରଦୀପ ଚାଟାର୍ଜୀ ଶେଷ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀନବନ୍ଧୁ ଲେଙ୍କା, ନିବାରଣ ଜେନା, ଅରୁଣା ରାୟ, ଡ.ମନ୍ମଥ କୁମାର ପ୍ରଧାନ, ଶରତ କୁମାର ମହାପାତ୍ର, ଅମରେନ୍ଦ୍ର ଦାସ, ଅମ୍ବୁଜ କୁମାର ଦାସ, ପଦ୍ମଲୋଚନ ଦଣ୍ଡ, ଅଧ୍ୟାପକ ସୁକାନ୍ତ ଗିରି, ରମେଶ ଚନ୍ଦ୍ର ଜେନା, ଯୋଗେଶ ଚନ୍ଦ୍ର ପ୍ରଧାନ, ଯୁମରନାଥ ପାତ୍ର, ହରେରାମ ଦାସ, ଦେବାଶିଷ ସିଂହ, କମଳାକାନ୍ତ ଦାଶ, ରମାକାନ୍ତ ମହାନ୍ତି, ସଞ୍ଜୟ କୁମାର ପଣ୍ଡା, ବିଦ୍ୟାଧର ସାହୁ, ଓମ୍ ସାଇକୃଷ୍ଣ ସାହୁ,ତୃପ୍ତିରାଣୀ ପାତ୍ର, ସ୍ନିଗ୍ଧା ସାମନ୍ତରାୟ, ଅର୍ଚ୍ଚନା ନନ୍ଦୀ, ସୁବ୍ରତା ମହାନ୍ତି,ବାସନ୍ତୀ କର, ଜ୍ୟୋତ୍ସ୍ନା ରାୟ, ଶ୍ରୀରୂପାମଞ୍ଜରୀ ସେନ୍, ଶାନ୍ତିଲତା ପଣ୍ଡା, ମଧୁସୂଦନ ମାଝୀ, ଡ.ପୂର୍ଣ୍ଣଚନ୍ଦ୍ର ବାରିକ,ସୁବର୍ଣ୍ଣମଣି ବାରିକ, ଦୁର୍ଯ୍ୟୋଧନ ବାରିକ, ଦୀପକ କୁମାର ଦାସ, ଅଶ୍ୱିନୀ ଶତପଥୀ, କୃଷ୍ଣା ପ୍ରଧାନ, ଜୟନ୍ତ ହଂସରାଜ, କନକଲତା ବାରିକ, ପ୍ରତିମାରାଣୀ ବାରିକ, ଦୀକ୍ଷାନ୍ତ ବେଦ ଆର୍ଯ୍ୟାନ, ରଜନୀକାନ୍ତ ବେହେରା, କମଳାକାନ୍ତ ନାୟକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ଜିଲ୍ଲାପାଳଙ୍କ ଜଳେଶ୍ୱର ପୌରାଞ୍ଚଳ ନିର୍ମାଣ କାର୍ଯ୍ୟର ସମୀକ୍ଷା

### ଠିକାଦାରମାନଙ୍କ ଠିକାକାର୍ଯ୍ୟର ମନ୍ଥର ଗତି : ଅସନ୍ତୋଷ ଝାଡିଲେ ଜିଲ୍ଲାପାଳ

ଜଳେଶ୍ୱର, ୧୯/୧୨(ନିପ୍ର): ବିଭିନ୍ନ ସମୟରେ ଜଳେଶ୍ୱର ପୌରାଞ୍ଚଳର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଏହାର ମନ୍ଥର ଗତିଯୋଗୁଁ ତାହା ଶେଷ ହୋଇନାହିଁ । ଆଜି ଜିଲାପାଳଙ୍କ ସମୀକ୍ଷା ବୈଠକକୁ ବହୁ ଠିକାଦାର ଆସିନଥିବାରୁ ଏବଂ ନିର୍ଦ୍ଦିଷ୍ଟ ସମରେ କାର୍ଯ୍ୟ ଶେଷ ହେଉନଥିବାରୁ ଜିଲାପାଳ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଆଜି ଅପରାହ୍ନରେ ଜିଲ୍ଲାପାଳ ପୌରକାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ସମୀକ୍ଷା କାର୍ଯ୍ୟ କରିଥିବା ବେଳେ କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ ମହାପାତ୍ର, ତହସିଲଦାର ସ୍ମୃତିରଂଜନ ମଲ୍ଲିକ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୀପ୍ତିରଂଜନ ସେଠୀ ଉପସ୍ଥିତ ଥିଲେ । କେତେକ ବଡବଡ କାର୍ଯ୍ୟର ଠିକାଦାରମାନେ ଆସିନଥିବା ବେଳେ ଅନ୍ୟ କେତେକ ଯୋଗ ଦେଇଥିଲେ ମଧ୍ୟ କାର୍ଯ୍ୟର ଅଗ୍ରଗତୀ ହେଉନଥିବାରୁ ଅତିଶୀଘ୍ର ଶେଷ କରିବାକୁ କେ ସୁଦର୍ଶନ ଚକ୍ରବର୍ତ୍ତୀ ନିର୍ଦ୍ଦେଶ ଦେଇଛନ୍ତି । ନିର୍ମାଣ କାର୍ଯ୍ୟାର ବାଲି ଏକ ସମସ୍ୟା ହୋଇଥିବାରୁ ଏଣିକି ଠିକାଦାରମାନେ କାର୍ଯ୍ୟାଦେଶର ଏକ ନକଲ ଓ କାର୍ଯ୍ୟ କରିବାକୁ ଥିବା ଯାନଗୁଡିକର ପଂଜିକୃତ ନମ୍ବର ଲେଖି ତହସିଲଦାରଙ୍କୁ ଆବେଦନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି ।

## ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ କର୍ମକର୍ତ୍ତା ଚୟନ

କେନ୍ଦ୍ରାପଡ଼ା, ୧୯/୧୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ନୂତନ କର୍ମକର୍ତା। ଚୟନ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟ ସଭାପତି ବ୍ରହ୍ମାନନ୍ଦ ମହାରଣା ଓ ସଂପାଦକ ବିଭୂ ପ୍ରସାଦ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମକର୍ତା ଚୟନରେ ଅଂଶ ଗ୍ରହଣ କରିଥିଲେ । ଜିଲ୍ଲା ସଭାପତି ଭାବେ ଦିପକ ମହାନ୍ତି, ସଂପାଦକ ଅକ୍ଷୟ କୁମାର ପୋଥାଳ, ଉପ ସଭାପତି କାକୁଡି ମଲିକ, ବିନୋଦ ବିହାରୀ ଦାସ, ସହ ସଂପାଦକ ଦାମୋଦର ରାଉତ, ହିମାନୀ ମିଶ୍ର, କୋଷାଧକ୍ଷ ଅଶୋକ ପତି, ହିସାବ ରକ୍ଷକ ରମେଶ ଚନ୍ଦ୍ର ପତି, ନିରଞ୍ଜନ ପଣ୍ଡା, ଉପଦେଷ୍ଟା ଦିବାକର ବାରିକ, ଗଙ୍ଗାଧର ଦଳେଇ ପ୍ରମୁଖଙ୍କୁ ନୂତନ କର୍ମକର୍ତା ଭାବେ ଚୟନ କରାଯାଇଛି ।

## ମହାରାଜା ବୈକୁଣ୍ଠ ନାଥ ଦେବ ସ୍ମୃତି ସଂସଦ ରକ୍ତଦାନ ଶିବିର

ବାଲେଶ୍ୱର, ୧୯/୧୨ (ନି.ପ୍ର): ପ୍ରତିବର୍ଷ ଭଳି ମହାରାଜା ବୈକୁଣ୍ଠ ନାଥ ଦେବ ସ୍ମୃତି ସଂସଦ ପକ୍ଷରୁ ଏକ ସ୍ୱେଚ୍ଛାକୃତ ମେଗା ରକ୍ତଦାନ ଶିବିର ମାଣିଖମ୍ବସ୍ଥିତ ରାଜବାଟୀ ଛକଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଦର ବିଧାୟକ ସ୍ୱରୂପ କୁମାର ଦାସ ଏହି ଶିବିରକୁ ଉଦଘାଟନ କରିବା ସହିତ ସ୍ୱର୍ଗତ ମହାରାଜା ବୈକୁଣ୍ଠ ନାଥ ଦେବଙ୍କ ସ୍ମୃତିରେ ଏହି ସେବାକାର୍ଯ୍ୟ ପ୍ରଶଂସନୀୟ ବୋଲି କହିଥିଲେ। ପ୍ରଜାଙ୍କ ହିତ ସହ ସ୍ଥାନୀୟ ଅଞ୍ଚଳର ଉନ୍ନତି ପ୍ରତି ସର୍ବଦା ଗୁରୁତ୍ୱ ଦେଇ ଆସିଥିବା ମହରାଜାଙ୍କ ଅବର୍ତ୍ତମାନରେ ବି ତାଙ୍କ ଆଦର୍ଶକୁ ବଜାୟ ରଖି ସ୍ମୃତି ସଂସଦର ଏହି ମହତ କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇଛି ବୋଲି ବିଧାୟକ ଶ୍ରୀ ଦାସ ମତ ପ୍ରକାଶ କରିଥିଲେ। ବିଜେପି ଯୁବମୋର୍ଚ୍ଚା ରାଜ୍ୟ ଉପ-ସଭାପତି ମାନସ କୁମାର ଦତ୍ତ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହିତ ଏହି ପରମ୍ପରା ନିୟମିତ ବଜାୟ ରଖିବାକୁ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପୌରପାଳ ଆଲୋକ ସାହୁ, ପୂର୍ବତନ ବ୍ରିଟ ଅଧ୍ୟକ୍ଷ ଗୌରୀ କୁମାର ରାଉତ, ଯୁବନେତା ଗୌରାଙ୍ଗ ଦାସ ପ୍ରମୁଖ ଏଥିରେ ଯୋଗଦେଇ ମହାରାଜା ବୈକୁଣ୍ଠ ନାଥ ଦେବ ସ୍ମୃତି ସଂସଦର କର୍ମକର୍ତ୍ତାଙ୍କ ସମାଜ ସେବାମୂଳକ କାର୍ଯ୍ୟଧାରାକୁ ଭୂୟସୀ ପ୍ରଶଂସା କରିଥିଲେ । ସ୍ମୃତି ସଂସଦର ସଭାପତି ସମାଜସେବୀ ସୁଜିତ ଦେବ ଶିବିର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ପୌର ଉପାଧକ୍ଷା ରଶ୍ମିରେଖା ଦେବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ସମ୍ପାଦକ ସରୋଜ କାନ୍ତ ରଣା, ଶମ୍ଭୁ କର, ସୁଦର୍ଶନ ମାଝୀ, ପଙ୍କଜ ଦତ୍ତ, ରବୀନ୍ଦ୍ର ମାଝୀ, ଭଞ୍ଜକିଶୋର ରଣା, ଦୀପକ କୁମାର କର, ଲକ୍ଷ୍ମୀଧର ପଣ୍ଡା, ଗୋବିନ୍ଦ ଚନ୍ଦ୍ର ଦ୍ୱିବେଦୀ ପ୍ରମୁଖ ସ୍ମୃତି ସଂସଦର କର୍ମକର୍ତ୍ତା ଓ ସଦସ୍ୟମାନେ ପରିଚାଳନା କରିଥିଲେ। ଜିଲା ରକ୍ତଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ କରିଥିଲେ। ଶିବିର ଶେଷସୁଦ୍ଧା ଶହେରୁ ଊର୍ଦ୍ଧ୍ୱ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସ୍ମୃତି ସଂସଦର ଏହି ଜନକଲ୍ୟାଣ କାର୍ଯ୍ୟକୁ ବିଭିନ ମହଲରୁ ପ୍ରଶଂସା କରାଯାଇଛି।

## ରାଣୀବନ୍ଧର ପଙ୍କ ଉଦ୍ଧାର ଏବଂ ପୁନଃ ଉଦ୍ଧାର ପାଇଁ ଦାବିପତ୍ର



ବାରିପଦା, ୧୯/୧୨ (ନି.ପ୍ର): ବାରିପଦା ପୌରପରିଷଦ ଅଧୀନରେ ଥିବା ୱାର୍ଡ ନଂ ୨୭ ରେ ଥିବା ରାଜା ରାଜୁଡା ଅମଳର ରାଣି ବନ୍ଧଟି ୧୦୦ ବର୍ଷ ପୂର୍ବେ ତତ୍କାଳୀନ ମହାରାଣୀ ତକତକୁମାରୀଙ୍କ ଦ୍ୱାରା ନିର୍ମାଣ ହୋଇଥିଲା, ଏହି ବନ୍ଧଟି ମହାରାଣୀଙ୍କର ସ୍ମୃତିରେ ଜନସାଧାରଣ ଏହାକୁ ରାଣିବନ୍ଧ ନାମରେ ଜାଣିଛନ୍ତି । ଏହା କାଳକ୍ରମେ ପଙ୍କ ଏବଂ ବିଭିନ୍ନ ପ୍ରକାର ଆବର୍ଜନା ହାରା କ୍ଷୀପ୍ରଗତିରେ ଦୂଷିତ ଏବଂ ପୋଡିହେବାରେ ଲାଗିଛି । ଏହି ବନ୍ଧ ତଳର ଏକର ଏକର ଚାଷଜମି ଏହି ବନ୍ଧପାଣି ଭରସାରେ ଚାଷୀମାନେ ଚାଷ କରିଥାନ୍ତି କିନ୍ତୁ, ବର୍ତମାନ ସମୟରେ ବନ୍ଧର ମୁଖ୍ୟ ହିଜଟି ଅତ୍ୟନ୍ତ ଦୁର୍ବଳ ହୋଇ ପଡ଼ିଛି, ଯାହାଫଳରେ ଆଗାମୀ ଦିନରେ ବନ୍ଧଟି ଭାଙ୍ଗିଗଲେ ନବତଳେ ଥିବା ଚାଷଜମି ଗୁଡିକ ପୋତିହୋଇଯିବ । ଏଣୁ ଏହି ଐତିହାସିକ ବନ୍ଧର ପୁନରୁଦ୍ଧାର ପାଇଁ ଆଜି ସ୍ଥାନୀୟ ଅଧିବାସୀ ମାନେ ବିଜେଡିର ରାଜ୍ୟ ସାଂଗଠନିକ ସମ୍ପାଦକ ତଥା ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସଙ୍କୁ ବାରିପଦା ଗସ୍ତ ସମୟରେ ଏକ ଦାବୀପତ୍ର ପ୍ରଦାନ କରିଥିବାର ଜଣା ଯାଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo